



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 222 | ଭାଗ ୩୩ | ସଂଖ୍ୟା ୨୨୨ Wednesday 5 November 2025 | Page 8 Rs. 5.00 ● ଭୁବନେଶ୍ୱର ବୁଧବାର ୫ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ମାଲବାହୀ ଟ୍ରେନ୍ ସହ ମେମୁ ଧକ୍କା: ୧୦ ମୃତ



**୧୭ରୁ ଊର୍ଦ୍ଧ୍ୱ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା**

**ରେଡ୍ ସିଗ୍ନାଲ୍‌କୁ ଅଣଦେଖାରୁ ଅଘଟଣ**

**ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା**

**ସମବେଦନା ଜଣାଇଲେ ମୋହନ**

ବିଳାସପୁର/ଭୁବନେଶ୍ୱର,୪।୧୦: ଛତିଶଗଡ଼ର ବିଳାସପୁରଠାରେ ଆଜି ଏକ ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଏହି ଦୁର୍ଘଟଣାରେ ୧୭ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ହାୱଡା ରୁଟରେ ପାସେଞ୍ଜର ଟ୍ରେନ ଏବଂ ମାଲବାହୀ ଟ୍ରେନ ପରସ୍ପର ମଧ୍ୟରେ ଧକ୍କା ହୋଇଛି। ଫଳତଃ ଅନେକ ବଗି ଲାଇନଚ୍ୟୁତ ହୋଇଛି। ତେବେ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଖବର ପାଇ ଉଦ୍ଧାର କାର୍ଯ୍ୟ ପାଇଁ ରେଲୱେ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଦୁର୍ଘଟଣା ପରେ ଉକ୍ତ ରୁଟରେ ସମସ୍ତ ଟ୍ରେନ ଚଳାଚଳ ଠପ୍ ହୋଇଛି। ତେବେ ଏହି ଘଟଣାରେ ରେଳବାଇ ପକ୍ଷରୁ କୁହାଯାଇଛି ଯେ ପାସେଞ୍ଜର୍ ଟ୍ରେନ୍‌ର ଚାଳକ ଜଣଙ୍କ ରେଡ୍ ସିଗ୍ନାଲ୍‌କୁ ଅଣଦେଖା କରିବା ଫଳରେ ଏଭଳି ଅଘଟଣ ଘଟିଛି।

ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ➪ପୃଷ୍ଠା-୬

## ଆରମ୍ଭ ହେଲା କଳିଙ୍ଗ ବାଲିଯାତ୍ରା-୨୦୨୫

# ପାରାଦୀପ ହେବ ଗ୍ରୀନ ହାଇଡ୍ରୋଜେନ ହବ୍



**ଖୁବଶୀଘ୍ର ପାରାଦୀପରେ ହେବ ଏୟାରପୋର୍ଟ**

**ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ**

ଭୁବନେଶ୍ୱର/ପାରାଦୀପ,୪।୧୧(ସଂଚାର ବ୍ୟୁରୋ): ଆଜି ଜଗତସିଂହପୁରର ପାରାଦୀପଠାରେ ଆଜି ଉଦ୍‌ଘାଟିତ ହୋଇଛି କଳିଙ୍ଗ ବାଲିଯାତ୍ରା-୨୦୨୫। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବା ସହ କଳିଙ୍ଗ ବାଲିଯାତ୍ରା ଓଡ଼ିଆ ସାଧବ ପୁଅଙ୍କ ସାହସର ପ୍ରତୀକ ଆଉ ସେଇଥିପାଇଁ ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ପାଲଟିଛି ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶାକୁ ସମୃଦ୍ଧ କରାଯିବା ସକାଶେ ପାରାଦୀପକୁ ଗ୍ରୀନ ହାଇଡ୍ରୋଜେନ ହବ୍‌ରେ ପରିଣତ କରାଯିବ। ଏଥିସହ ପାରାଦୀପକୁ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ କରିବା ପାଇଁ ମଙ୍ଗଳା ନଦୀରେ କ୍ରୁଜ ଟର୍ମିନାଲ ନିର୍ମାଣ ହେବ ଏବଂ ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାଛଡ଼ା ପାରାଦୀପ ସହରରେ ଖୁବଶୀଘ୍ର ଏୟାରପୋର୍ଟ ହେବ ଓ ଏବେ ପାରାଦୀପ କେବଳ ଜଳପଥ ଓ ସ୍ଥଳପଥ ନୁହେଁ, ବରଂ ଆକାଶପଥ ସହ ମଧ୍ୟ ସଂଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ବାଲିଯାତ୍ରା ହେଉଛି ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଗୌରବୋଜ୍ଜ୍ୱଳ ଉତ୍ସବ। ଏହା ଆମକୁ ମନେ ପକାଏ ଯେ ଆମ ପୂର୍ବଜମାନେ ସମୁଦ୍ରର ଉଚ୍ଚ ତରଙ୍ଗକୁ ଜୟ କରି ଜାହାଜ ନେଇ ସୁବର୍ଣ୍ଣ ଦ୍ୱୀପ ଓ ବିଭିନ୍ନ ଦେଶ ସହ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ। ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ପାଲଟିଛି ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ। ଏଠାରୁ ଆରମ୍ଭ ହେଉଛି ଆମ ରାଜ୍ୟର ଉନ୍ନତି ଓ ବିକାଶର ନୂତନ ଅଧ୍ୟାୟ। ପାରାଦୀପ ବନ୍ଦର ଆଜି ଭାରତର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବନ୍ଦର, ଯାହା ଆଜି ଶିଳ୍ପ, ବାଣିଜ୍ୟ ଓ ରୋଜଗାରର ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି। ପାରାଦୀପ ଓଡ଼ିଶା ବିକାଶର ଏକ ଅଭିନ୍ନ ଅଙ୍ଗ। ➪ପୃଷ୍ଠା-୬

## ୱାନ ନାଇଟ ଷ୍ଟାଣ୍ଡ ଅଫର୍

# ବନ୍ଧାହେଲେ ମେଡିକାଲ ଅଫିସର



ଭୁବନେଶ୍ୱର/କଣାସ, ୪।୧୧ (ସଂଚାର ବ୍ୟୁରୋ): କୁହାଯାଏ ଡାକ୍ତର ହେଉଛନ୍ତି ଭଗବାନ। କିନ୍ତୁ ସାମ୍ନାକୁ ଏଭଳି ଜଣେ ଡାକ୍ତରଙ୍କ କଳାକାରନାମା ଆସିଛି ଯିଏକି ଡାକ୍ତର ବେଶରେ ଜଣେ ପିଶାଚ ସାଜିଛନ୍ତି। ଆମେ କହୁଛୁ କ୍ଷମାନିଧି ସେଠୀଙ୍କ କଥା। ଏ ବାବୁ ଜଣଙ୍କ ହେଉଛନ୍ତି କଣାସ ସିଏଚସିର ମେଡିକାଲ ଅଫିସର ଇନଚାର୍ଜ। ଏକ ଅକ୍ଷମଣୀୟ ମାମଲାରେ କ୍ଷମାଙ୍କୁ ଗିରଫ କରିଛି ଏୟାରଫିଲଡ ଥାନା ପୁଲିସ। ଅଭିଯୋଗ ମୁତାବକ, ଜଣେ ମହିଳା ଆୟୁଷ ଡାକ୍ତରଙ୍କୁ ବାରମ୍ବାର ପ୍ରେମ ନିବେଦନ କରିଥିଲେ କ୍ଷମାନିଧି। ଗତକାଲି ପୀଡ଼ିତା ଜଣଙ୍କୁ ସୁନ୍ଦରପଦାରୁ ଲିଫ୍ଟ ମାଗି ସ୍କୁଟିରେ ଆସୁଥିଲେ ଏହି କାମୁକ ଡାକ୍ତର ଜଣଙ୍କ। ➪ପୃଷ୍ଠା-୬

## ପ୍ରଥମ ପର୍ଯ୍ୟାୟ ମତଦାନ ପୂର୍ବରୁ ଧର୍ମେନ୍ଦ୍ରଙ୍କ ଦମ୍ଭୋକ୍ତି

# ବିହାରବାସୀଙ୍କ ଆସ୍ଥାଭାଜନ ହୋଇଛି ଏନ୍‌ଡିଏ



**ଶତପ୍ରତିଶତ ମତାଧିକାର ସାବ୍ୟସ୍ତ ପାଇଁ ନିବେଦନ**

**'ବିକଶିତ ବିହାର' ସଂକଳ୍ପ ପୂରଣ ଲକ୍ଷ୍ୟ**

ପାଟନା,୪।୧୧: ବିହାରରେ ଏନଡିଏ ମେଣ୍ଟ ବିକାଶ ଓ ସୁଶାସନ ସହ ଜନତାଙ୍କ ଆସ୍ଥାଭାଜନ ହୋଇପାରିଛି। ମଙ୍ଗଳବାର ଏଠାରେ ବିହାର ବିଧାନସଭା ନିର୍ବାଚନ-୨୦୨୫ର ପ୍ରଥମ ପର୍ଯ୍ୟାୟ ମତଦାନ ପୂର୍ବରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ନିର୍ବାଚନ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ପ୍ରଧାନ ଏହି ମତ ଦେଇଛନ୍ତି।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମାର୍ଗଦର୍ଶନରେ ଏକ ସଶକ୍ତ, ସଂଗଠିତ, ସକାରାତ୍ମକ ଓ ଜନ-ଆଧାରିତ ନିର୍ବାଚନ ଅଭିଯାନ ଜାରି ରହିଛି। ଗୋଟିଏ ପଟେ ଏନଡିଏ ମେଣ୍ଟ ବିକାଶ, ସୁଶାସନ ଏବଂ ସ୍ଥିରତାର ନିଜର ଦୃଢ଼ ଉପଲବ୍ଧି ସହ ଜନତାଙ୍କ ମଧ୍ୟରେ ବିଶ୍ୱାସର ପ୍ରତୀକ ଭାବେ ଉଭା ହୋଇଛି। ଏହି ମେଣ୍ଟ 'ବିକଶିତ ବିହାର'ର ସଂକଳ୍ପ ସହ ଆଗକୁ ବଢ଼ିଚାଲିଛି। ଅନ୍ୟପକ୍ଷରେ ମହାଗଠବନ୍ଧନର ଦିଗ ଓ ଉଦ୍ଦେଶ୍ୟ ଉଭୟ ଅସ୍ପଷ୍ଟ ରହିଛି। ବିହାରର ଜନସାଧାରଣ ମିଥ୍ୟା ପ୍ରତିଶ୍ରୁତି ଓ 'ଜଙ୍ଗଲରାଜ'ର କୁଶାସନରେ ଅନୁପ୍ରାଣିତ ଲୋକଙ୍କ ସତ୍ୟତାକୁ ଭଲ ଭାବେ ଅନୁଭବ କରିଛନ୍ତି। ଏପରି ଲୋକମାନେ କେବେ ବି ବିହାରର ମଙ୍ଗଳ କରିପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଏନଡିଏର ସଂକଳ୍ପ ପତ୍ରକୁ ଏକବିଂଶ ଶତାବ୍ଦୀର 'ବିକଶିତ ବିହାର'ର ରୂପରେଖ ବୋଲି କହିବା ସହ ଏହା ଏପରି ବିହାର ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛି, ଯାହା ନୂତନ ଅର୍ଥନୀତି, କୃଷି, ନିଯୁକ୍ତି, ଶିକ୍ଷା, ➪ପୃଷ୍ଠା-୬

# ଉତ୍କଳ ବିଲ୍ଡର୍ସରେ ଆୟକର ଚଢ଼ାଉ



**୨୦ଟି ସ୍ଥାନରେ ତନାଘନା**

**ଶହେରୁ ଅଧିକ ଅଧିକାରୀ ସାମିଲ୍**

ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ): ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ରିଅଲ୍ ଇଷ୍ଟେଟ୍ କମ୍ପାନୀ ଉତ୍କଳ ବିଲ୍ଡର୍ସ ଉପରେ ଆଜି ଆୟକର ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଏକକାଳୀନ ୧୮ଟି ଟିମ୍ ୨୦ଟି ସ୍ଥାନରେ ଏହି ଚଢ଼ାଉ ଜାରି ରଖିଥିବା ବେଳେ ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ଅଧିକାରୀ ସାମିଲ୍ ଅଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସ୍ଥାନୀୟ ସହିଦ ନଗରସ୍ଥିତ ମହର୍ଷି କଲେଜ ରୋଡ୍ କାର୍ଯ୍ୟାଳୟରେ ଏହି ଚଢ଼ାଉ ଜାରି ରହିଛି। ସୂଚନାନୁସାରେ, ଆଜି ଭୋର୍ ୪ଟା ବେଳେ ହଠାତ୍ ଆୟ କର ଟିମ୍ ଭୁବନେଶ୍ୱର ସହିଦ ନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ଚଢ଼ାଉ ➪ପୃଷ୍ଠା-୬

# ନିଜ ଗୁଳିରେ ଘାଇଲା ଘୁଙ୍ଗୁରୁ!

ପୁଲିସ ତଦନ୍ତକୁ ବିଭ୍ରାନ୍ତ କରୁଥିବା ଜଣେ ଚତୁର ମହିଳାଙ୍କ କାଣ୍ଡ ଦେଖି ତାଜୁବ ପୁଲିସ। ନାଁ ଘୁଙ୍ଗୁରୁ ମିଶ୍ର। ଘର ଭରତପୁର ଥାନା ଅଞ୍ଚଳରେ। ଗତ ୫ ଅକ୍ଟୋବର ଓ ସେପ୍ଟେମ୍ବର ୧୧ରେ ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ଘଟଣାର ତଦନ୍ତ କରି ଉକ୍ତ କରିତକର୍ମା ମହିଳାଙ୍କ କଳା କାରନାମା ସମ୍ପର୍କରେ ବହୁତ କିଛି ଜାଣିବାକୁ ପାଇଛି ପୁଲିସ। ବନ୍ଧୁକ ଲାଇସେନ୍ସ ନେଇ ଲେଡି ଡନ ବନିବା ନିଶାରେ ଘର ମାଲିକାଣି ଘୁଙ୍ଗୁରୁ ମିଶ୍ର ନିଜ ଘର ଉପରେ କରିଥିଲେ ବୋମା ଓ ଗୁଳିମାଡ଼। କିନ୍ତୁ ତାଙ୍କ କଳାକାର୍‌ନାମାର ଭଣ୍ଡା ଫୋଡ଼୍ ହେବା ପରେ ସେ ଏବେ ଫେରାର ହୋଇଯାଇଛନ୍ତି। ଅନ୍ୟ ତିନି ଅଭିଯୁକ୍ତ ଦେବାଶିଷ ମହାପାତ୍ର, ସନ୍ତୋଷ ମହାକୁଡ଼ ଓ ଚନ୍ଦନ ନାୟକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭.୬୫ ଏମ୍‌ଏମ୍ ପିସ୍ତଲ ସହ ଗୁଳି ଜବତ କରାଯାଇଛି। ନିଜକୁ ବେଶ୍ ହାଇପ୍ରୋଫାଇଲ ବୋଲି ପରିଚୟ ଦେଉଥିବା ଘୁଙ୍ଗୁରୁ ମୋଟା ଅଙ୍କର ଅର୍ଥ ଦେଇ ନିଜ ଘର ଉପରେ



ବୋମାମାଡ଼ ଓ ଗୁଳିମାଡ଼ କରିଥିବା କହିଛନ୍ତି ପୁଲିସ କମିଶନର। ରାଜଧାନୀରେ ପତିଆରା ଜାହିର କରିବା ସହ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ନାଁ ନେଇ ଅନେକ ଲୋକଙ୍କୁ ବ୍ଲାକମେଲ କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ବନ୍ଧୁକ ଲାଇସେନ୍ସ ପାଇବା ପାଇଁ ଏହା ମଧ୍ୟ ତାଙ୍କର ଷଡଯନ୍ତ୍ର ବୋଲି କହିଛି ପୁଲିସ। ପୁଲିସର ତଦନ୍ତକୁ ବିଭ୍ରାନ୍ତ କରିବା, ସୁପାରୀ ଦେଇ ବୋମା ଓ ଗୁଳିମାଡ଼ କରିବା, ଅସ୍ତ୍ରଶସ୍ତ୍ର କାରବାର ଭଳି ସଙ୍ଗିନ ଦଫାରେ ମହିଳାଙ୍କ ➪ପୃଷ୍ଠା-୬

# ଅମର ଯିବା ପରେ ବିଜେଡିରେ ସନ୍ଦେହ ମଞ୍ଜି



**କେହି କାହାରିକୁ ବିଶ୍ୱାସକୁ ନେଉନାହାନ୍ତି**

**ଫର୍ମୁଲା ଖୋଜୁଛନ୍ତି ଦଳପତି**

ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ): ବିଜେଡିର ପୂର୍ବତନ ସାଂସଦ ଅମର ପଟ୍ଟନାୟକ ସମସ୍ତଙ୍କୁ ଆଚମ୍ବିତ କରି ରାତାରାତି ବିଜେପିକୁ ପଳାଇବା ଓ ଦଳରେ ପ୍ରାୟତଃ କେହି ଏହାର ସାମାନ୍ୟତମ ଟେର୍ ନପାଇବା ଏବେ ବିଜେଡିରେ ସନ୍ଦେହର ବାତାବରଣ ସୃଷ୍ଟି କରିଛି। ଆଗକୁ ଆଉ କିଏ ପଳାଇବ କି ନାହିଁ ସେଥିନେଇ ଏବେ ସମସ୍ତଙ୍କ ମନରେ ସନ୍ଦେହର ଏକ ମଞ୍ଜି ବପନ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବରୁ ଦଳର ଦୁଇ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ସୁଜିତ୍ କୁମାର ବିଜେପିକୁ ପଳାଇଥିଲେ। ସେମାନେ ଯିବା ପୂର୍ବରୁ ସେଭଳି କୌଣସି ଆଲୋଚନା ହୋଇନଥିଲା। ଖବର ନଥିବାରୁ ବିଜେଡି ସେମାନଙ୍କୁ ଅଟକାଇ ବି ପାରିନଥିଲା। ଦୁଇ ସାଂସଦ ଯିବା ପରେ ରାଜ୍ୟସଭାରେ ବିଜେଡିର ସଂଖ୍ୟା ୭କୁ ହ୍ରାସ ପାଇଛି। ତେବେ ଏମାନଙ୍କ ପରେ ବିଜେଡିର ଆଉ କିଛି ରାଜ୍ୟସଭା ସାଂସଦ ଦଳ ଡେଇଁବେ ବୋଲି ଯେଉଁ ଆଲୋଚନା ହେଉଥିଲା ସେଥିରେ ଅବଶ୍ୟ କୌଣସି ସତ୍ୟତା ନଥିଲା। ହେଲେ ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଦଳର ପୂର୍ବତନ ସାଂସଦ ତଥା ଦଳର ଆଇଟି ସେଲ୍ ମୁଖିଆ ଯେଭଳି ଦଳ ଡେଇଁଲେ ତାହା ବିଜେଡି ନେତାଙ୍କ ➪ପୃଷ୍ଠା-୬

# ବିଜେଡିର ସମ୍ବେଦନହୀନ ରାଜନୀତି

**ପୁଅକୁ ବେଇମାନ ଓ ପତ୍ନୀଙ୍କୁ ମିଛେଇ ପ୍ରମାଣିତ କରିବାକୁ ଉଦ୍ୟମ**

**'ବିଜେଡିରେ ନୀତି ଓ ଆଦର୍ଶ ନଥିଲା କି ନାହିଁ'**

**ଶେଷ ସମୟରେ କେହି ବି ରାଜୁ ଭାଇଙ୍କୁ ପଚାରିନଥିଲେ: କଳ୍ପନା**

**ଅଭିଯୋଗକୁ ଭିତ୍ତିହୀନ ଓ ନିରାଧାର କହିଲା ବିଜେଡି**





ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ): ବିଜେଡିରେ ନୀତି, ଆଦର୍ଶ ନଥିଲା କି ଏବେ ବି ନାହିଁ। ଏକଥା ନୂଆପଡ଼ା ଉପନିର୍ବାଚନରୁ ପ୍ରମାଣିତ ହୋଇଛି। ଭୋଟରଙ୍କ ଭାବାବେଗ ସହ ଖେଳିବାକୁ ଯାଇ ପ୍ରଚାର ବେଳେ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିବା ବିଜେଡି ତାଙ୍କ ପୁଅକୁ ବେଇମାନ ଓ ପତ୍ନୀଙ୍କୁ ମିଛେଇ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛି। ଗତକାଲି ବିରୋଧୀ ଦଳ ନେତାଙ୍କ ବେଇମାନ ବୟାନ ଓ ଆଜି ରାଜୁ ଭାଇଙ୍କ ପତ୍ନୀଙ୍କ ବିବୃତି ଉପରେ ବିଜେଡି ନେତାଙ୍କ ପ୍ରତିକ୍ରିୟାରୁ ଏହା ସ୍ପଷ୍ଟ ହୋଇଛି।

ଗତକାଲି ନବୀନ ପଟ୍ଟନାୟକଙ୍କ 'ବେଇମାନ' ଉପାଖ୍ୟାନକୁ ନେଇ ଆରମ୍ଭ ହୋଇଥିଲା ରାଜନୈତିକ ଲଢେଇ। ନବୀନଙ୍କ ବୟାନ ଉପରେ ଆଜି ସୋସିଆଲ ମିଡିଆରେ ଏକ ଭିଡିଓ ଛାଡ଼ି ବିଜେଡି ଉପରେ ବର୍ଷିଛନ୍ତି ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆ। ସ୍ୱାମୀଙ୍କ ମୃତ୍ୟୁ ପାଇଁ ସେ ସମ୍ପୂର୍ଣ୍ଣ ଭାବେ ବିଜେଡିକୁ ଦାୟୀ କରିଛନ୍ତି। ଏଥିସହ ବିଜେଡିର ସମ୍ବେଦନହୀନ ରାଜନୀତିକୁ ମଧ୍ୟ ସେ କଡା ସମାଲୋଚନା କରିଛନ୍ତି। ରାଜେନ୍ଦ୍ର ଢୋଲକିଆ ହସ୍ପିଟାଲରେ ପଡ଼ିଥିବା ବେଳେ ତାଙ୍କୁ ଦଳର କେହି ଦେଖିବାକୁ ଆସିବା ତ ଦୂରର କଥା, ଫୋନଟେ ବି କଲେନି। ବିଜେଡିର ଅଣଦେଖା ହିଁ ➪ପୃଷ୍ଠା-୬



## କାନ ଡେରିଆ

କଷ୍ଟ ହେଉ ପଛେ
ପ୍ରଚାର କରିବେ
ତାଙ୍କ ରାଜନୀତି ପାଇଁ
ବୁଢ଼ା ବୟସରେ
ହାତ ଥରୁଥିଲା
ଏଇଟା ଦିଶିଲା ନାହିଁ
ଟୋକା ନେତା ଥେଇଥେଇ...
ତାଙ୍କରି ନାମରେ
କେତେ ଦିନ ଆଉ
ଭୋଟନେବରେଭାଇ

■ ଦେବାଶିଷ

## ବଡ଼ବଡ଼ିଆଙ୍କୁ ଧରିଲେ ଅଡୁଆ

# କ୍ୟାନ୍ସର ରୋଗୀ ଉପରେ କାତୁଆ

ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ): ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି 'ମାର ମାର ଭଣ୍ଡାରିଆକୁ ମାର'। ଉପର ଶିରୋନାମା ଓ ଏହି ଉକ୍ତିର ଅର୍ଥ ଦୁର୍ବଳ ଉପରେ ସବଳର ଅତ୍ୟାଚାର ବୋଲି ଆପଣମାନେ ଅଳ୍ପେ ବହୁତେ ବୁଝିପାରୁଥିବେ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଖୋଦ୍ ରାଜଧାନୀରେ।

ଗତକାଲି ସକାଳ ପ୍ରାୟ ୧୧ଟା ହେବ। ଗଣମାଧ୍ୟମକୁ ଖବର ଦେଇ ସଦଳବଳ ଇନ୍ଫୋସିଟି ଥାନା ଅନ୍ତର୍ଗତ କିଟ କଲେଜ ନିକଟରେ ପହଞ୍ଚିଥିଲା ସ୍ପେଶାଲ ଟାସ୍କଫୋର୍ସ ବା ଏସଟିଏଫ ଟିମ। ଉଦ୍ଦେଶ୍ୟ ଥିଲା ଶିକ୍ଷାନୁଷ୍ଠାନ ନିକଟରେ ଚାଲିଥିବା ନିଶା ଆଡ୍ଡା ଉପରେ ଚଢ଼ାଉ କରିବା। ପ୍ଲାନ ମୁତାବକ ଏସଟିଏଫ ଟିମକୁ ସୁରକ୍ଷା ଦେବା ପାଇଁ ପହଞ୍ଚିଥିଲା ଇନ୍ଫୋସିଟି ଥାନା ପୁଲିସ। ପୂର୍ବ ପ୍ରସ୍ତୁତି ମୁତାବକ ଆରମ୍ଭ ହୋଇଥିଲା ଚଢ଼ାଉ। କିନ୍ତୁ ଯାହା ଆଶା କରାଯାଉଥିଲା, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ତାହା ଦେଖିବାକୁ ମିଳିନଥିଲା। ବହ୍ୱାଡ଼ମ୍ବରେ ଲଘୁକ୍ରିୟା ଭଳି ନିଶା ଆଡ୍ଡା ଉପରେ ଚଢ଼ାଉ କରିବା ବଦଳରେ ଏସଟିଏଫ ଟିମ ଯାଇ ପହଞ୍ଚିଥିଲା ଏକ ଛୋଟ କ୍ୟାବିନ ନିକଟରେ। ସମୁଦାୟ ୧୦ ହଜାର ଟଙ୍କାର ସମ୍ବଳରେ ଦୋକାନ କରିଥିବା ଦୋକାନୀ ଜଣଙ୍କ ମଧ୍ୟ ଏ



ବାବୁମାନଙ୍କୁ ଦେଖି ହଡ଼ବଡ଼େଇ ଯାଇଥିଲେ। ଏହାରି ଭିତରେ କିଛି ବାବୁ ଜୋତା ପିନ୍ଧି କ୍ୟାବିନ ଭିତରେ ପଶି ଗୁଟଖା ଓ ଜର୍ଦ୍ଦା ପ୍ୟାକେଟ ବାହାରକୁ ଫିଙ୍ଗିଥିଲେ। ଦୋକାନରେ ବସିଥିବା ୨୫ ବର୍ଷୀୟ ଯୁବକ ଜଣଙ୍କୁ ଟାଣିଓଟାରି ପୁଲିସ ଭ୍ୟାନରେ ବି ବସାଇଥିଲେ। ସତେ ଯେପରି ସେ ଜଣେ ଆତଙ୍କବାଦୀ। ଆଉ ଠିକ ଏହି ସମୟରେ ଭୋ ଭୋ ହୋଇ କାନ୍ଦି ଦୋକାନ ନିକଟରେ ପହଞ୍ଚିଥିଲେ ଜନୈକା ମହିଳା। ବୟସ ପାଖାପାଖି ୪୦ ହେବ। ନିଜ କର୍କଟ ରୋଗରେ ପୀଡ଼ିତ ପୁଅର ଚିକିତ୍ସା ପାଇଁ ସେ ଦୋକାନ ଖୋଲିଥିବା କଥା କହିଥିଲେ। ଏପରିକି ସେଥିରୁ ଯାହା ରୋଜଗାର ହେଉଛି, ସେହି ଟଙ୍କାରେ ପୁଅକୁ କେମୋ ଦିଆଯାଉଥିବା ରୁଦ୍ଧ କଣ୍ଠରେ କହିଥିଲେ ସେ। ଜିନିଷପତ୍ର ନଷ୍ଟ ନ କରିବା ପାଇଁ ମଧ୍ୟ ସେ ଏସଟିଏଫ ଟିମ୍‌ର ସଦସ୍ୟମାନଙ୍କ ଗୋଡ଼ ଧରି ନେହୁରା ହୋଇଥିଲେ। କିନ୍ତୁ ବାବୁମାନେ ଥିଲେ ନଛୋଡ଼ବନ୍ଦା।

କିନ୍ତୁ ଏସବୁ ଦେଖୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଆକ୍ରୋଶ ଦେଖିବାକୁ ମିଳିଥିଲା। କେବଳ ଛୋଟ ଛୋଟ କ୍ୟାବିନରେ ଜର୍ଦ୍ଦା, ଗୁଟଖା ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ପ୍ରଭୁତ୍ୱ ଜାହିର କରୁଥିବା ଅଫିସର କେବେ ବଡ଼ ଗୋଦାମରେ ଚଢ଼ାଉ କରିଛନ୍ତି କି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଯଦି ଗୁଟଖା ତିଆରି ହେଉଛି, ଆଉ ଏହା ଛୋଟ ଦୋକାନୀଙ୍କ ପର୍ଯ୍ୟନ୍ତ ପହଞ୍ଚିପାରୁଛି, ତେବେ ସେତେବେଳେ ଏହି ଏସଟିଏଫ କୁଆଡେ ଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଆଉ ଏହି ପ୍ରଶ୍ନରେ ଚୁପ ହୋଇ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲା ଚଢ଼ାଉ କରୁଥିବା ଟିମ। ଗୁଟଖା ବିକ୍ରି କରିବା ବେଆଇନ। କୋଟପା ଆଇନ ଅଧୀନରେ ୨ ଶହ ଟଙ୍କା ଫାଇନର ପ୍ରାବଧାନ ମଧ୍ୟ ରହିଛି। ସବୁକିଛି ଠିକ। କିନ୍ତୁ ବଡବଡ଼ିଆଙ୍କୁ ଛାଡ଼ି ଦେଇ ଖାଲି ତଳତଳିଆଙ୍କ ଉପରେ ଚଢ଼ାଉ କରିବା ଘଟଣାକୁ ନାପସନ୍ଦ କରିଛନ୍ତି ସ୍ଥାନୀୟ ଲୋକେ। ଜଣେ କ୍ୟାନ୍ସର ରୋଗୀ ପାଇଁ ତା' ପରିବାର ଲୋକେ ନେହୁରା ହେଉଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଛି। ଯେଉଁ ଭିଡିଓକୁ ଦେଖିବା ପରେ ଏସଟିଏଫ ଅଧିକାରୀଙ୍କ ପାରିବାପଣିଆ ଏବେ ପଦାରେ ପଡ଼ିଛି।

# ଆଜିଠୁ ୭ଦିନ ବ୍ୟାପୀ ଐତିହାସିକ କେନ୍ଦ୍ରାପଡ଼ା ବାଲିଯାତ୍ରା

**କେନ୍ଦ୍ରାପଡ଼ା,୪।୧୧(ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଚଳିତ ବର୍ଷ ଆଜିଠୁ ୧୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ନୂଆ ବସ୍ ଷ୍ଟାଣ୍ଡ ସାମ୍ନା ଗୋବରୀ ନଦୀପଠା ଗୁଲନଗର ସୁଜାନଗର ଓ ଗରାପୁର ଉପକଣ୍ଠ ସ୍ଥିତ ବାଲିଯାତ୍ରା ପଡିଆରେ ଐତିହାସିକ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିନିମନ୍ତେ ଆଜି ବାଲିଯାତ୍ରା ପଡିଆରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ଦାଶ, ସମ୍ପାଦକ ସଞ୍ଜୟ କୁମାର ଜେନା, ଉପସଭାପତି ଅଭିମନ୍ୟୁ ଗୋଛାୟତ, ଧୀରେନ୍ଦ୍ର କୁମାର ଦାସ ଓ ମିଡ଼ିଆ ସେଲ ସଂଯୋଜକ ଅଲେଖ ଚନ୍ଦ୍ର ନାୟକ, କୋଷାଧକ୍ଷ ମନୋରଞ୍ଜନ ତ୍ରିପାଠୀ ଓ ପତ୍ରିକା ସଂପାଦକ ଶୁଭାଂଶୁ କୁମାର ଦାସ ପ୍ରମୁଖ ଯୋଗଦେଇ କହିଲେ ଯେ, ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବରେ ଜିଲ୍ଲା, ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ, କସମେଟିକ ସାମଗ୍ରୀ, ଘରୋଇ ଉପକରଣର ଷ୍ଟଲମାନଙ୍କ ସହ ଉପଲବ୍ଧ ହେବ। ଏହା ସହିତ ପିଲା ମାନଙ୍କ ପାଇଁ ମିନା ବଜାରରେ ରାମଦୋଳୀ, ମ୍ୟାଜିକ , ବ୍ରେକ ଡ୍ୟାନ୍ସ, ଡ୍ରାଗନ ଟ୍ରେନ ଇତ୍ୟାଦିରେ ମଜା ଉଠାଇବାର ସୁଯୋଗ ମିଳିବ। ଦେଶୀୟ ତଥା ବିଦେଶୀ ସୁସ୍ୱାଦୁ ଖାଦ୍ୟର ଷ୍ଟଲମାନ ଦର୍ଶକମାନଙ୍କୁ ଆକର୍ଷିତ କରିବ । ଏହା ସହିତ ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ, ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, କବି, ଲେଖକ ଓ ସମାଜ ସେବୀମାନଙ୍କ ଯୋଗଦାନ ମହୋତ୍ସବର ଶୋଭା ବର୍ଦ୍ଧନ କରିବ। ସବୁଠାରୁ ଆକର୍ଷଣୀୟ ବାଲିଯାତ୍ରା ମହୋତ୍ସବର ମୁଖପତ୍ର "ସ୍ମୃତିର ବୋଇତ" ଉନ୍ମୋଚନ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ବାଲିଯାତ୍ରା ମଞ୍ଚରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନୃତ୍ୟ ସଂଗୀତର ପ୍ରତିଯୋଗିତା ମାନ ସହିତ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ ନୃତ୍ୟ,ପାଇକ ଆଖଡ଼ା, ଘୋଡାନାଚ, କଣ୍ଢେଇ ନାଚ, ପାଲା, ଦାସକାଠିଆ, ମେଲୋଡି କାର୍ଯ୍ୟକ୍ରମମାନ ଦର୍ଶକ ମାନଙ୍କ ମନ ମୋହିବ।

ଚଳିତ ବର୍ଷ ସମସ୍ତ ଦଳର ନେତୃବୃନ୍ଦ, ସମାଜସେବୀ, ଅଧ୍ୟାପକଙ୍କୁ ନେଇ "ମୋ ସ୍ୱପ୍ନର କେନ୍ଦ୍ରାପଡ଼ା" ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାବାସୀ ନିଜ ପରିବାର ସହ ଏହି ବାଲିଯାତ୍ରା ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦାନ କରି ମଜା ଉଠାଇବାକୁ ସଭାପତି ଶ୍ରୀ ଦାଶ ଅନୁରୋଧ କରିଛନ୍ତି।

## ଆକର୍ଷଣୀୟ ସାଜିବ ବିଭିନ୍ନ ନୃତ୍ୟ, ଗୀତ ଓ ମିନାବଜାର






## ଶ୍ରୀବଳଦେବଜୀଉଙ୍କ ବକାସୁର ବଧ ବେଶ

**କେନ୍ଦ୍ରାପଡା,୪।୧୧(ସଂଚାର ବ୍ୟୁରୋ):** ପଞ୍ଚୁକ ପାଞ୍ଚ ଦିନରେ କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେଉଛି' ତେବେ ଆଜି ଶେଷ ଦିନରେ ପ୍ରଭୁ ବକାସୁର ବଧ ବେଶରେ ମହାପ୍ରଭୁ ଆଜି କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ବକାସୁର ବଧ ବେଶ ଅନୁଷ୍ଠିତ ହୋଇଛି । ଶ୍ରୀ ବଳଦେବଜୀଉଙ୍କ ପାଖରେ ଚରଣ ହସ୍ତରେ ହଳ ମୁଷଳ ଶୋଭା ପାଉଥିବା ବେଳେ ଜଗନ୍ନାଥ ପାଖରେ ଚରଣ ହସ୍ତ ବକାସୁରକୁ ନିଜ ହସ୍ତରେ ବକାସୁରର ଅଣ୍ଟ ଫାଡ଼ି ବଧ ଦୃଶ୍ୟ ଅତ୍ୟନ୍ତ ମନୋରମ ସୃଷ୍ଟି ହୋଇଥିଲା ପୁରାଣ ଅନୁସାରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ବକାସୁରକୁ ତାର ଅଣ୍ଟ ଫାଡ଼ି ନିଧନ କରିଥିଲେ। ସେଥିପାଇଁ ମନ୍ଦିର ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ତେବେ ଆସନ୍ତାକାଲି ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉମାନଙ୍କର ପଦ୍ମ ବେଶ ରୀତି ନୀତି ଅନୁଯାୟୀ କରାଯିବ । ଠାକୁରଙ୍କ ବିଜେ ପ୍ରତିମା ଫୁଲରଥରେ ବିରାଜମାନ କରି ଝୁଲଣ କରାଯିବ । ତିନି ଦିଅଁଙ୍କ ଏହିସବୁ ଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମୁଛି ।

## ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା



**ଗରଦପୁର,୪।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ୱାଉପଡ଼ା ଗ୍ରାମରେ ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱର ମହାଦେବଙ୍କ ବିଶେଷ ପୂଜା ଭକ୍ତିମୟ ଓ ଉଲ୍ଲାସପୂର୍ଣ୍ଣ ପରିବେଶରେ ଚାଲିଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ପୂଜା ଉତ୍ସବ ଆସନ୍ତା ୫ ଓ ୬ ନଭେମ୍ବର ପର୍ଯ୍ୟନ୍ତ ଅବଧି ଚାଲିବ। ପୂଜା ଅବସରରେ ଶତାଧିକ ଭକ୍ତ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଗ୍ରାମ ଭକ୍ତି ଓ ଉତ୍ସାହର ମାହୋଲରେ ମୁଗ୍ଧ ହୋଇଯାଇଛି। ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିଭାବରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଦର୍ଶନ କରି ମହାଦେବଙ୍କ କୃପା ଲାଭ କରୁଛନ୍ତି। ଏହି ଉତ୍ସବ ଗ୍ରାମବାସୀ ମାନଙ୍କ ଦ୍ୱାରା ଆୟୋଜନ କରାଯାଇଅଛି। ପୂଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ, ଓପେରା ପ୍ରଦର୍ଶନ ଓ ଦୋକାନ ବଜାର ଆୟୋଜିତ ହୋଇଛି। ସମଗ୍ର ଗ୍ରାମ ଏବେ ଭକ୍ତି, ଆନନ୍ଦ ଓ ଆଡ଼ମ୍ବରର ରଙ୍ଗରେ ମୁଗ୍ଧ ହୋଇଛି। ପାଟକୁରା ନିର୍ବାଚନ ମଣ୍ଡଳୀର ଏହି ପୁରାତନ ପୂଜା ଦୀର୍ଘ ୫୨ ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ପାଳନ ହୋଇଆସୁଛି।

## ପୋଖରୀଆପଡ଼ାରେ କାର୍ତ୍ତିକେଶ୍ୱର ପୂଜା



**ପଟ୍ଟାମୁଣ୍ଡାଇ,୪।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବଜାରସ୍ଥିତ ପୋଖରୀଆପଡ଼ା ଠାରେ ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଅନନ୍ତ ଗୋପାଳ ପୂଜା କମିଟିର ସମସ୍ତ ସଦସ୍ୟ ଓ ଉକ୍ତ ଗ୍ରାମର ବୁଦ୍ଧିଜୀବି ଓ ମୁରବୀମାନଙ୍କ ସହଯୋଗରେ କାର୍ତ୍ତିକେଶ୍ୱର ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପଚୁଂକ ଆରମ୍ଭ ଦିନ ଠାରୁ ୫ ଦିନ ବ୍ୟାପି କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜକ ସୁରେନ୍ଦ୍ର କୁମାର ଦାଶ (ବୁଲା ନନା)ଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଅଛି। ପଚୁଂକ ପ୍ରଥମ ଦିନ କଳସ ଶୋଭାଯାତ୍ରା ପୂଜା କମିଟିର ସଦସ୍ୟମାନଙ୍କ ଦ୍ୱାରା କରାଯାଇ ପୂଜା ଆରମ୍ଭ କରାଯାଇଥିଲା। ଏଇ ଅବସରରେ ପ୍ରତିଦିନ ଭଜନ ସନ୍ଧ୍ୟା ସହିତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ କରାଯାଉଅଛି। ଦୀର୍ଘ ୫୩ ବର୍ଷ ଧରି ପୋଖରୀଆପଡ଼ା ଗ୍ରାମବାସୀ ଓ ଅନନ୍ତ ଗୋପାଳ ପୂଜା କମିଟିର ସଦସ୍ୟମାନଙ୍କୁ ନେଇ ଏକ ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଉଥିଲା। ଆସନ୍ତା ୯ ତାରିଖ ଦିନ ବ୍ରହ୍ମପୁରରୁ ଜେମିନି ବ୍ରାସ ବ୍ୟାଣ୍ଡ, ଅଘୋରୀ ରାମୁ ରାଜସ୍ଥାନୀ, ଢେଙ୍କାନାଳର ମାଦଳ ଆଦି ବାଦ୍ୟ ସହିତ ବିଭିନ୍ନ ଲାଇଟ ସୋ କରାଯାଇ ଭସାଣୀ କାର୍ଯ୍ୟ କରବା ପାଇଁ ସଦସ୍ୟମାନଙ୍କ ଦ୍ୱାରା ସ୍ଥିର କରାଯାଇଅଛି।

### ବିବାଦୀୟ ଘର ଉପରେ ଚଢ଼ିଲା ବୁଲ୍‌ଡୋଜର

## ହାଇକୋର୍ଟଙ୍କ ଛାଟ ପରେ ଭାଙ୍ଗିଲା ପ୍ରଶାସନ



**ଆଳି,୪।୧୧(ସଂଚାର ବ୍ୟୁରୋ):** ବହୁ ବାଦ ବିବାଦ ପରେ ଶେଷରେ ବୁଲ୍‌ଡୋଜର ବିବାଦୀୟ ଘର ଉପରେ ଚଢ଼ିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଭାଙ୍ଗିଲା ପ୍ରଶାସନ। ଆଳି ଥାନା ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତର ଗୋବିନ୍ଦପୁର-ଜୁଆଣିଆ ପାଣିନାଳ ଉପରେ ଏକ ଗୃହ ନିର୍ମାଣ ହୋଇଥିବା ନେଇ ତିନି ବର୍ଷ ହେବ ବିବାଦ ଦେଖାଦେଇଥିଲା। ଏହି ଘର ବେଆଇନ ଭାବେ ନିର୍ମାଣ ହୋଇଥିବା ନେଇ ସ୍ଥାନୀୟ ଲୋକମାନେ ବାରମ୍ବାର ଆଳି ତହସିଲଦାର ଓ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ।

କିନ୍ତୁ କିଛି ସୁଫଳ ନ ମିଳିବାରୁ ଶେଷରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଶେଷରେ ହାଇକୋର୍ଟ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପୋଲିସ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଁଚି ବିବାଦୀୟ ଘରକୁ ମଙ୍ଗଳ ବାର ସକାଳୁ ସକାଳୁ ଉଚ୍ଛେଦ କରିଥିଲେ।ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତେଜନା ଦେଖାଯାଇଥିଲା। ଏହି ଜବର ଦଖଲ ଉଚ୍ଛେଦ ସାମିଲ ଥିଲେ ଅତିରିକ୍ତ ଏସପି ଙ୍କ ସହ ବହୁ ବରିଷ୍ଠ ପୋଲିସ ଓ ୪ ପ୍ଲାଟୁନ ଫୋର୍ସ ଯାହା ମାଜିଷ୍ଟ୍ରେଟ ମାନସରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

## ଦୁର୍ଘଟଣା ଘଟାଇଥିବା ଆଇଚର ଗାଡ଼ି ଜବତ, ଚାଳକ ଗିରଫ

**ସାଲେପୁର,୪।୧୧(ସଂଚାର ବ୍ୟୁରୋ):** ଗତ ୨ତାରିଖ ଦିନ ପ୍ରାୟ ୧.୩୦ମି. ସମୟରେ ଏକ ମୋଟର ସାଇକେଲକୁ ଧକ୍କା ଦେଇ ଚମ୍ପଟ ମାରିଥିବା ଆଇଚର ଗାଡ଼ିକୁ ସାଲେପୁର ପୁଲିସ ଖୋର୍ଦ୍ଧା ଅଞ୍ଚଳରୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତ ୨ତାରିଖ ଦିନ ପ୍ରାୟ ୧.୩୦ମି. ସମୟରେ କଟକ-ସାଲେପୁର ରାସ୍ତାର କଳାରୁଦ୍ର ଗେଷ୍ଟ ହାଉସ୍ ନିକଟରେ ଏହି ଆଇଚର ଗାଡ଼ି ନଂ-ଓ.ଡି.୧୮କେ.୮୫୪୨ଟି ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର କୃଷ୍ଣକେଶବ ମହାପାତ୍ର(୨୫)ଙ୍କୁ ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ଖସି ପଳାଇ ଯାଇଥିଲା। ଏହି ଦୁର୍ଘଟଣାରେ କୃଷ୍ଣକେଶବଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଆଇଚରକୁ ଖୋର୍ଦ୍ଧା ଅଞ୍ଚଳରୁ ଜବତ କରିବା ସହ ଗାଡ଼ି ଚଳାଉଥିବା ରାୟଗଡ଼ା ଅଞ୍ଚଳର ଆଇଚର ମାଲିକ ଡମ୍ବରୁଧର ନାୟକଙ୍କ ପୁଅ ଅଜିତ୍ ନାୟକକୁ ପୁଲିସ ଗିରଫ କରିଥିବା ଜଣାଯାଇଛି।

## ସାଇବର ସୁରକ୍ଷା ସଚେତନ ରଥକୁ ସ୍ୱାଗତ




**ମହାକାଳପଡ଼ା,୪।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ପାଇଁ ବୁଲା ଯାଉଥିବା ସଚେତନତା ରଥକୁ ମହାକାଳପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱାଗତ କରାଯାଇ ଲୋକଙ୍କୁ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଉଛି। ଆଜି ରାଜଗଡ ପଞ୍ଚାୟତ ଅନ୍ତର୍ଗତ କଳ୍ପତରୁ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସାଇବର ସୁରକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା। ମହାକାଳପଡ଼ା ପୁଲିସ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ଏହି ରଥକୁ ସ୍ୱାଗତ କରାଯିବା ସହିତ ସାଇବର ସଚେତନତା ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ମୋବାଇଲକୁ ଆସୁଥିବା ଓଟିପି କାହାକୁ ନଦେବା, ସାମାଜିକ ଗଣମାଧ୍ୟମରେ ଲୋଭନୀୟ ଅଫର୍ ଠାରୁ ଦୂରରେ ରହିବା ଓ ଚାକିରି ପ୍ରଲୋଭନ ଆଦି ଖବରକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ମହାକାଳପଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ,ଯୁବକ ଯୁବତୀ ଓ ଜନସାଧାରଣ ମାନଙ୍କୁ ସଚେତନ କରାଇଥିଲେ।

## ରାସନ କାର୍ଡଧାରୀଙ୍କ ଇ-କେୱାଇସି ପୂରଣ ପାଇଁ ସମୀକ୍ଷା ବୈଠକ

**କେନ୍ଦ୍ରାପଡା,୪।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ରାସନ କାର୍ଡଧାରୀଙ୍କ ଇ-କେୱାଇସି ଅପଡେଟ୍ କରିବା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନ ସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏହାକୁ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଘୁଂଚାଇ ଦେଇଛନ୍ତି । ତେବେ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ରାସନ କାର୍ଡଧାରୀମାନଙ୍କ ମଧ୍ୟରୁ କେନ୍ଦ୍ରାପଡା, ଡେରାବିଶ, ଗରଦପୁର, ମାର୍ଶାଘାଇ, ମହାକାଳପଡା ୫ଟି ବ୍ଲକ ଓ ୨ଟି ପୌରାଂଚଳ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇରେ ଶତକଡା ୯୬ ପ୍ରତିଶତ ଇ-କେୱାଇସି ହୋଇଥିବା ବେଳେ ଆଳି, କନିକା, ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଏହା ୯୨ ପ୍ରତିଶତ ହୋଇଥିବାରୁ ଜିଲ୍ଲାପାଳ ରାସନ ଡିଲର ମାନଙ୍କୁ ଡାକି ଯଥାଶିଘ୍ର ଇ-କେୱାଇସି ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

### ● ଶାସନପେଟାରେ କଇଁଛ ସୁରକ୍ଷା ସଚେତନତା ଶିବିର

## ଅଲିଭରିଡ୍‌ଲେଙ୍କ ସୁରକ୍ଷା ପରବର୍ତ୍ତୀ ପିଢ଼ି ପାଇଁ ବରଦାନ ହେବ




**ରାଜନଗର,୪।୧୧(ସଂଚାର ବ୍ୟୁରୋ):** ବିରଳ ଅଲିଭରିଡଲେ ସାମୁଦ୍ରିକ କଇଁଛଙ୍କୁ ଆମକୁ ସୁରକ୍ଷା ଯୋଗାଇ ଦେବାକୁ ହେବ। ଅନ୍ୟ ବନ୍ୟଜନ୍ତୁଙ୍କ ପରି କଇଁଛ ବଂଶ ବିଲୁପ୍ତ ନହୁଅନ୍ତୁ । ଆମର ଅତିଥି କଇଁଛକୁ ସୁରକ୍ଷା ଯୋଗାଇ ଦେଲେ ଆମ ପରବର୍ତୀ ପୀଢ଼ି ପାଇଁ ଏହା ବରଦାନ ହେବ। ଆମେ କଇଁଛକୁ ବଂଚାଇଲେ ସେ ଆମକୁ ବଂଚାଇବ ଓ ଇକୋ ସିଷ୍ଟମ ସମତୁଲ ରହିବ ବୋଲି ଆଜି ଶାସନପେଟା ଠାରେ ଅନୁଷ୍ଠିତ କଇଁଛ ସୁରକ୍ଷା ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଏଫଓ ଭରଦରାଜ ଗାଓଁଙ୍କର କହିଛନ୍ତି।

ଏସିଏଫ ମାନସ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରିଣୀ ଶତାବ୍ଦୀ ସୁଭଦ୍ରା ପ୍ରିୟଦର୍ଶିନୀ, ମହାକାଳପଡା ସାମୁଦ୍ରିକ ଥାନା ଆଇଆଇସି କିଶୋର କୁମାର ତରାଇ, ପରିବେଶବିତ ଭାସ୍କର ରାଉତରାୟ , ହେମନ୍ତ କୁମାର ରାଉତ , ସାମ୍ବାଦିକ ଦୋଳ ଗୋବିନ୍ଦ ଜେନା, କଳ୍ପତରୁ ସାମଲ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଲିଭରିଡଲେଙ୍କ ସୁରକ୍ଷା ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ମତ୍ସ୍ୟଜିବୀମାନେ ସହଯୋଗ କରୁଥିବାରୁ ଅତିଥି କଇଁଛଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିଛି ବୋଲି ମତବ୍ୟକ୍ତ କରିଥିଲେ ।

## ମାଇଁ ଏନସିସି ଆଲୁମିନି ଆସୋସିଏସନ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,୪।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମାଇଁ ଏନସିସି ଆଲୁମନି ଆସୋସିଏସନ ଦ୍ୱାରା ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆସନ୍ତା ୯ତାରିଖ(ରବିବାର) ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତାରେ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ନୃତ୍ୟ ପ୍ରତିଯୋଗିତାରେ ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ଏବଂ +୨ ଓ +୩ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ସାଧାରଣ ଜ୍ଞାନ (ଜିକେ) ଷଷ୍ଠରୁ ଦଶମ ଏବଂ +୨ ଓ +୩ ଶ୍ରେଣୀ ପର୍ଯ୍ୟନ୍ତ । ଚିତ୍ରାଙ୍କନ ୩ୟ ରୁ ୫ମ (ସବ ଜୁନିଅର, ବିଷୟ-ସବୁଜ ପରିବେଶ ଗଠନରେ ମୋର ଭୂମିକା)୬ଷ୍ଠରୁ ୭ମ (ଜୁନିଅର, ବିଷୟ-ଓଡିଶାର କଳା ସଂସ୍କୃତି)୮ମ ରୁ ୧୦ମ(ସିନିଅର, ବିଷୟ-ନାରୀ ସଶକ୍ତିକରଣ) । ଓଡ଼ିଆ ରଚନା ଲିଖନ ୬ଷ୍ଠ ରୁ ୮ମ (ସବ ଜୁନିଅର, ବିଷୟ-ଜଳବାୟୁ ପରିର୍ବନ ମୁକାବିଲାରେ ଛାତ୍ରଛାତ୍ରୀଙ୍କ ଭୂମିକା)୯ମ ରୁ ୧୦ମ(ଜୁନିଅର, ବିଷୟ-ଓଡ଼ିଆ ଭାଷା ଓ ସାହିତ୍ୟ ର ବିକାଶ ରେ ନୂତନ ଶିକ୍ଷାନୀତିର ଭୂମିକା) ଏବଂ +୨ ଓ +୩ (ସିନିଅର, ବିଷୟ -ପ୍ରଯୁକ୍ତି ବିଦ୍ୟା ବିନା ଦେଶର ପରିକଳ୍ପନା ସମ୍ଭବ କି?) । ବକ୍ତୃତା ପ୍ରତିଯୋଗିତା ୮ମ ରୁ ୧୦ମ ଏବଂ +୨ ଓ +୩ ପର୍ଯ୍ୟନ୍ତ। ପ୍ରତିଯୋଗିତାର ପଞ୍ଜିକରଣ କେବଳ ଅନଲାଇନ୍ ମାଧ୍ୟମରେ ହୋଇପାରିବ। ତେଣୁ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୭ତାରିଖ ଶୁକ୍ରବାର ମଧ୍ୟରେ ନିଜର ପଞ୍ଜିକରଣ କରାଇନେବାକୁ ଆସୋସିଏସନ ପକ୍ଷରୁ ନିବେଦନ କରାଯାଇଛି । ସବିଶେଷ ବିବରଣୀ ପାଇଁ ମାଇଁ ଏନସିସି ଆଲୁମନି ଆସୋସିଏସନର ଫେସବୁକ ପେଜ୍ ଫଲୋ କରିବା ସହ ବିଶେଷ ସୂଚନା ପାଇଁ ୭୦୦୮୭୭୨୫୨୧ /୯୮୫୩୫୧୯୫୩୭ ନମ୍ବରରେ ଯୋଗାଯୋଗ କରିବାକୁ ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ଅନୁରୋଧ କରିଛନ୍ତି ।

## ଅଭିଯୁକ୍ତ ଗିରଫ, ଖଣ୍ଡା ଓ ଅଟୋରିକ୍ସା ଜବତ

**ସାଲେପୁର,୪।୧୧(ସଂଚାର ବ୍ୟୁରୋ):** ଗତକାଲି ଦିନ ଦ୍ୱିପ୍ରହରରେ ଏକ ଅଟୋରିକ୍ସାରେ ଆସି ଜଣେ କୋରିୟର ବୟଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ତା'ଠାରୁ ୭ହଜାର ଟଙ୍କା ଛଡାଇ ନେଇଯାଇଥିବା ଅଭିଯୋଗରେ ସାଲେପୁର ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିବା ସହ ଏକ ଖଣ୍ଡା ଓ ଅଟୋରିକ୍ସାକୁ ଜବତ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ମାହାଙ୍ଗା ଥାନା ଅଧିନ ମଉଦା ଗ୍ରାମର ତାରିଣୀ ପ୍ରସାଦ ସିଂହ କୋରିୟର ବୟ ଭାବେ ଧର୍ମାଗତପୁର ଅଞ୍ଚଳରେ କାର୍ଯ୍ୟ କରୁଥିବାବେଳେ ଗତକାଲି ଦିନ ପ୍ରାୟ ୨ଟା ସମୟରେ ସାଲେପୁର ଥାନା କଙ୍କରାଇଲୋ ଗ୍ରାମ ନିକଟରେ ନିଜ ମୋଟର ସାଇକେଲରେ ଘରକୁ ଫେରୁଥିବାବେଳେ ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ଗ୍ରାମର ନିରଞ୍ଜନ ସିଂହଙ୍କ ପୁଅ ପ୍ରଫୁଲ୍ଲ ସିଂହ ଏକ ଅଟୋରେ ଆସି ତାରିଣୀ ପ୍ରସାଦକୁ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ତା'ନିକଟରୁ ନଗଦ ୭ହଜାର ଟଙ୍କା ଛଡାଇ ନେଇଥିଲେ। ଏ ସମ୍ପର୍କରେ ତାରିଣୀ ପ୍ରସାଦ ସାଲେପୁର ଥାନାରେ ଲିଖିତ ଅଭିଯୋଗ କଲାପରେ ସାଲେପୁର ପୁଲିସ ଅଭିଯୁକ୍ତ ପ୍ରଫୁଲ୍ଲ ସିଂହକୁ ଗିରଫ କରିବା ସହ ତା'ନିକଟରୁ ଏକ ଖଣ୍ଡା ଏବଂ ଅଟୋରିକ୍ସା ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲକୁ କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୪୮୮ ଜଣଙ୍କ ପଞ୍ଜୀକରଣ: ୪୮୬ ଜଣ ଚିହ୍ନଟ



**ରାଜନଗର,୪।୧୧(ସଂଚାର ବ୍ୟୁରୋ):** ରାଜନଗରବ୍ଲକ ସଦର ମହକୁମା ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାକାରୀ ଡାଃ ରଶ୍ମୀ ରଞ୍ଜନ ମିଶ୍ର, ଡା ଟିଟି ମିଶ୍ର ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଚିକିତ୍ସା କରିଥିଲେ। ଏହି ଶିବିରରେ ଅସ୍ଥି ଶଲ୍ୟ ବିଭାଗରେ ୧୭୦ଜଣ, ଶ୍ରବଣ ବ୍ୟାଧିରେ ୬୩ଜଣ, ମାନସିକ ଅନଗ୍ରସର ବିଭାଗରେ ୮୯ଜଣ, ଚକ୍ଷୁ ବିଭାଗରେ ୫୨ଜଣ,ଶିଶୁ ବିଭାଗ ରେ ୩୮ ଜଣ,ମେଡ଼ିସିନ ବିଭାଗରେ ୭୪ ଜଣ ମୋଟ ୪୮୮ଜଣ ଭିନ୍ନକ୍ଷମ ବ୍ୟକ୍ତି ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ପରୀକ୍ଷା କରାଯାଇ ୪୮୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଭିନ୍ନକ୍ଷମ ଶିବିରରେ ରାଜନଗର, କେନ୍ଦ୍ରାପଡ଼ା ଓ କଟକର ଡାକ୍ତର ମାନେ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରିଥିଲେ। ଏହି ଶିବିରରେ ଭିନ୍ନକ୍ଷମ ଉପକରଣ ବଣ୍ଟନ କରାଯାଇଥିଲା।

## ନାଏବ ସରପଞ୍ଚ ପଦବୀ ପୂରଣ କରିବାକୁ ଦାବି

**କେନ୍ଦ୍ରାପଡା,୪।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ପଂଚାୟତ ରେ ନାଏବ ସରପଂଚ ଅନାସ୍ଥାରେ ହାରି ଯାଇ ଥିବାରୁ ସେ ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇ ପାରୁନାହିଁ । ଯାହା ଫଳରେ ପଂଚାୟତ ର ଅନେକ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ୱାର୍ଡ ସଭ୍ୟ/ସଭ୍ୟା ଜିଲ୍ଲାପାଳଙ୍କୁ ଭେଟି ନାଏବ ସରପଂଚ ପଦବୀ ପୂରଣ କରିବା ନିମନ୍ତେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଦୀନବନ୍ଧୁ ଲିକ, ସକୁନ୍ତଳା ଦାସ, କଳ୍ପନା ମଲିକ, ମଦନ ମଲିକ, ଆରତୀ ଜେନା, ନରେଶ ଚନ୍ଦ୍ର ନାୟକ, ସଂଯୁକ୍ତା ବେହେରା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ସିଆର୍‌ସିସିମାନଙ୍କ ମୋହ ଛାଡୁନି

# କାର୍ଯ୍ୟକାଳ ଶେଷ ପରେବି ସ୍କୁଲରେ ଯୋଗ ଦେଉନାହାନ୍ତି

### ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଫୁ'

### ହେବକି କଡ଼ା କାର୍ଯ୍ୟାନୁଷ୍ଠାନ




**ଆଳି,୪।୧୧(ସଂଚାର ବ୍ୟୁରୋ):** ଆଳି ବ୍ଲକ ଶିକ୍ଷା ମଣ୍ଡଳରେ ୧୭ଟି କ୍ଲଷ୍ଟର ଥିବାବେଳେ ୧୭ଜଣ ଶିକ୍ଷକଙ୍କୁ ସିଆରସିସି ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ମଧ୍ୟରୁ ୮ ଜଣ ଶିକ୍ଷକ ସିଆରସିସି ମାନଙ୍କ ପାଞ୍ଚ ବର୍ଷ କାର୍ଯ୍ୟ କାଳ ସରିଲା ବେଳ ୯ ଜଣ ଶିକ୍ଷକଙ୍କୁ ଅକ୍ଟୋବର ୧୩ ତାରିଖ ନୂତନ ସିଆରସିସି ଭାବେ ନିଯୁକ୍ତି କରାଯାଇଛି। ପୁରୁଣା ୮ ସିଆରସିସି ମାନଙ୍କୁ ଅକ୍ଟୋବର ୧୫ ସୁଦ୍ଧା ନିଜ ନିଜ ସ୍କୁଲରେ ଯୋଗଦେବାକୁ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଚିଠି ହୋଇଛି।କିନ୍ତୁ ଆଜି ପର୍ଯ୍ୟନ୍ତ କିଛି ପୁରୁଣା ସିଆରସିସି ଏବେବି ନିଜକୁ ସିଆରସିସି ଭାବି ବୁଲିବା ସହ ନିଜ ସ୍କୁଲରେ ଯୋଗ ଦେଇନଥିବା ଅଭିଯୋଗ ହୋଇଛି। ସେଥି ମଧ୍ୟରୁ ଆଲୋକ ରଞ୍ଜନ ଲେଙ୍କା ଅକ୍ଟୋବର ୧୫ ତାରିଖ ରେ ଯୋଗ ଦେବା କଥା କିନ୍ତୁ ୩୦ ତାରିଖରେ ମାଣିକ ପାଟଣା ସରକାରୀ ଉପ୍ର ବିଦ୍ୟାଳୟ ରେ କାଗଜ ପତ୍ରରେ ଯୋଗ ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିନାହାନ୍ତି।ସେହିପରି ଦଶିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ସେକ ମାତୁଲ୍ଲାହ ଯୋଗ ଦେବା କଥା କିନ୍ତୁ ସେଠି ଭି କେବଳ କାଗଜ ପତ୍ରରେ ଯୋଗ ଦେଇ କାମ ସାରି ଦେଇଛନ୍ତି। ଅନ୍ୟ ପଟେ ନୀଳମଣି ଦାସ ନୂଆପଡ଼ା ବିଦ୍ୟାଳୟରେ ଯୋଗ ଦେଇଛନ୍ତି ବୋଲି ମଣ୍ଡଳ ଶିକ୍ଷା ଅଧିକାରୀ କହିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି କେହି ନୂଆ ଶିକ୍ଷକ ଆସିନାହାନ୍ତି। ଏଠି ପ୍ରଶ୍ନ ଉଠେକି କାହିଁକି ଏମାନେ ଠିକ ସମୟରେ ଯୋଗ ଦେଉନାହାନ୍ତି। ନା ପୁରୁଣା ସିଆରସିସି ମାନଙ୍କ ମୋହ ଆଜି ପର୍ଯ୍ୟନ୍ତ ଯାଇନଥିବାରୁ ଗାଦି ଛାଡୁନାହାନ୍ତି। ଅନ୍ୟପଟେ ଆଳି ବ୍ଲକରେ ଶିକ୍ଷକଙ୍କ ମରୁଡି ରହିଥିବା ବେଳେ ମୋଟା ଅଙ୍କର ବେତନ ପାଇଥିବା ବେଳେ କାହିଁକି ଏମାନେ ସ୍କୁଲରେ ଯୋଗ ଦେଉନାହାନ୍ତି ତାହା ବଡ଼ ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏମିତିକି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଯାହା ଜଳ ଜଳ ବାରିହୋଇ ପଡୁଛି। ଏନେଇ ଶିକ୍ଷା ବିଭାଗ ଏ ମାନଙ୍କ ଉପର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବତ ? ଅନ୍ୟ ପଟେ ମଣ୍ଡଳ ଶିକ୍ଷା ଅଧିକାରୀ ସଞ୍ଜିପି କୁମାର ବେହେରା କହିଛନ୍ତି ଏଭଳି କିଛି ହୋଇଥାଏ ତାହାଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ସାଇବର ସୁରକ୍ଷା ସଚେତନତା



**ଡେରାବିଶ,୪।୧୧(ସଂଚାର ବ୍ୟୁରୋ):** ଡେରାବିଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସଙ୍କ ସଂଯୋଜନାରେ ଗୋଲରାହାଟ ବଜାର, ଚାଟରାଚକଡ଼ା ପଞ୍ଚାଯତ ଅନ୍ତର୍ଗତ ଓଲଡ଼ି ବଜାର ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏକ ସଚେତନତା ରଥ ଡେରାବିଶ ଥାନା ପରିସରରୁ ବାହାରି ଉପରୋକ୍ତ ସ୍ଥାନକୁ ଯାଇଥିଲା। ସେଠାରେ ଏହି ରଥରେ ଲାଗିଥିବା ଏଲଇଡି ମାଧ୍ୟମରେ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇ ଲୋକମାନେ କିପରି ସାଇବର ଠକଙ୍କ ଦ୍ୱାରା ଠକାମାର ଶିକାର ହେଉଛନ୍ତି, ଏଥିରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇଥିଲେ। ଏସହିତ କୁନିକୁନି କଳାକାର ସଙ୍ଗୀତ ଓ ନୃତ୍ୟ ନାଟିକା ଦ୍ୱାରା ଉପସ୍ଥିତ ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ବରିଷ୍ଠ ସମ୍ବାଦକ କରୁଣାକର କରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଡେରାବିଶ,୪।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗାଁର ବରିଷ୍ଠ ସାମ୍ବାଦିକ କରୁଣାକର କରଙ୍କ ୬୮ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିଲେ । ଗାଁ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ବିଭୁତି ମୁଖାଅଗ୍ନି ଦେଇଥିଲେ। ମୃତ୍ୟୁକୁ ପାଞ୍ଚଦିନ ବିତିଥିବା ବେଳେ ଡେରାବିଶ ଅଞ୍ଚଳର ଯୁବ ସାମ୍ବାଦିକମାନେ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ପାଳନ କରିଛନ୍ତି। ଏହି ସଭାରେ କରୁଣାକରଙ୍କ ଭଳି ଜଣେ ମୁରବି, ଜଣେ ବଡ଼ ସହଯୋଗୀ ଓ ଏକ ମୂଲ୍ୟବାନ ସାଥିଙ୍କୁ ହରାଇଛୁ ବୋଲି ସ୍ମୃତି ସଭାରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା।



# ପୋଲିଓ ଟୀକାରେ ଗଲା ଶିଶୁକନ୍ୟା ଜୀବନ!

## ଥାନାରେ ଏତଲା ଦେଲେ ପରିବାର ଲୋକେ




**ବାସୁଦେବପୁର,୪।୧୧(ସଂଚାର ବ୍ୟୁରୋ):** ଜୀବନ ନେଲା ପୋଲିଓ ଟୀକା। ଟୀକା ନେବା ପରେ ଜଣେ ୩ ମାସର ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନନ୍ଦପାଟଣା ଗ୍ରାମର ପରିବାର ଲୋକେ ନାୟକାଣୀଡିହି ଥାନାରେ ଏନେଇ ଲିଖିତ ଅଭିଯୋଗ ମଧ୍ୟ କରିଥିବା ଜଣାପଡ଼ିଛି। ପରିବାର ଲୋକେ କରିଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ରାଜାରାମ ଜାନାଙ୍କ ୩ ମାସର ଶିଶୁକନ୍ୟା ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ନନ୍ଦପାଟଣା ଅଙ୍ଗନବାଡି କେନ୍ଦ୍ରରେ ପୋଲିଓ ଟୀକା ନେଇଥିଲେ। ତେବେ ସନ୍ଧ୍ୟାରେ ଶିଶୁକନ୍ୟାଟି ଜ୍ୱରରେ ଆକ୍ରାନ୍ତ ହେବା ସହ ଶୋଇପଡ଼ିଥିଲା। କିନ୍ତୁ ସକାଳେ ଶିଶୁକନ୍ୟାଟିର ନିଃଶ୍ୱାସ ଚାଲୁନଥିବା ଦେଖି ପରିବାର ଲୋକେ ତୁରନ୍ତ ତାକୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶିଶୁକନ୍ୟାଟି ନେଇଥିବା ପୋଲିଓ ଟୀକା ପାଇଁ ପ୍ରାଣ ହରାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ନ୍ୟାୟ ପାଇବା ସକାଶେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସୁଦାନରେ ଓଡ଼ିଆ ଯୁବକ ନିଖୋଜ ଘଟଣା

# ଉଦ୍ଧାର ପାଇଁ ମୋହନଙ୍କ ତ୍ୱରିତ ପଦକ୍ଷେପ

- ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଲେ ଗୁଇନ୍ଦା ଡିଜି
- କେନ୍ଦ୍ରର ସହଯୋଗ ଲୋଡ଼ିଲେ ନବୀନ





**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ହିଂସାଗ୍ରସ୍ତ ସୁଦାନରେ ଉଗ୍ରବାଦ ସଂଗଠନ ଆର୍‌ଏସ୍‌ଏଫ୍ ଓଡ଼ିଆ ଯୁବକ ଆଦର୍ଶ ବେହେରା (୩୬)ଙ୍କୁ ଅପହରଣ କରିନେଇଥିବା ବେଳେ ଏହି ସମୟର ଭିଡିଓ ଦେଖିବା ପରେ ତାଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି। ଏହି ଉତ୍ତର ଆଫ୍ରିକୀୟ ଦେଶରୁ ତୁରନ୍ତ ତାଙ୍କ ପୁଅଙ୍କୁ ଫେରାଇ ଆଣିବା ସକାଶେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅଧୀନସ୍ଥ ତରଜଙ୍ଗ ପଞ୍ଚାୟତର କୋଟକଣା ଗ୍ରାମରେ ରହୁଥିବା ଆଦର୍ଶଙ୍କ ପରିବାର ଲୋକେ ନିବେଦନ କରିଥିଲେ। ତେବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୋହନ ଚରଣ ମାଝୀ ତୁରନ୍ତ ଏହି ପରିବାରର ନିବେଦନକୁ ଗ୍ରହଣ କରି ଆଦର୍ଶଙ୍କୁ ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବା ସକାଶେ ଆଜି କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ସହ ସମ୍ପର୍କ ସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରୁ ଜାଣିବା ପରେ ଜଣେ ଦରଦୀ ମଣିଷ ଭାବେ ଏ ଦିଗରେ ପଦକ୍ଷେପ ନେବା ସକାଶେ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପାଇବା ପରେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ (ଡିଜି) କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପତ୍ର ଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ସକାଶେ ନିବେଦନ କରିଥିବା ଜଣାପଡ଼ିଛି। ଏଥିସହ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରଣାଳୟକୁ ପତ୍ର ଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହ ଯୋଗାଯୋଗ ସ୍ଥାପନ କରି ଆଦର୍ଶଙ୍କ ଖୋଜଖବର ନେବା ଓ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିବା ଜଣାପଡ଼ିଛି। ଏଥିସହ ମୁଖ୍ୟମନ୍ତ୍ରୀ ଆଦର୍ଶଙ୍କ ପରିବାରଙ୍କୁ ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ ଖୁବ୍‌ଶୀଘ୍ର ସେମାନଙ୍କ ପୁଅ ଘରକୁ ଫେରିବ। ମିଳିଥିବା ସୂଚନାନୁସାରେ, ଆଦର୍ଶ ଗତ ୨୦୨୨ରୁ ସୁଦାନରେ କାମ କରୁଥିବା ବେଳେ ନିକଟରେ ତାଙ୍କ ପରିବାର ନିକଟକୁ ସେ ନିଖୋଜ ଥିବା ନେଇ ଖବର ଆସିଥିଲା। ମୁମ୍ବାଇରେ କାମ କରିବା ସମୟରେ ଆଦର୍ଶ ତାଙ୍କ କମ୍ପାନି ମାଲିକଙ୍କ ପରାମର୍ଶ କ୍ରମେ ସୁଦାନର ଏକ ପ୍ଲାଷ୍ଟିକ କାରଖାନାରେ କାମ କରିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ସୁଦାନରେ ପ୍ରଥମ ୮ ମାସ ଠିକ୍‌ଠାକ୍ ରହିଥିଲା। କିନ୍ତୁ ଦେଶରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହେବା ପରେ ଆଦର୍ଶଙ୍କ ସମସ୍ୟା ବଢ଼ିଥିଲା।

# ୭୦ ଲକ୍ଷର ଅଳଙ୍କାର ନେଇ କ୍ୟାସ୍ ଇନଚାର୍ଜ ଛୁ'



**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ବାଲୁଗାଁରେ ଷ୍ଟେଟ୍ ବ୍ୟାଙ୍କରୁ ୭୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ତେବେ ଏହି ଚୋରି ପଛରେ ରହିଛି ଖୋଦ୍ କ୍ୟାସ୍ ଇନଚାର୍ଜ। ଗତ ଅଗଷ୍ଟରୁ ସୁନା ଚୋରି କରି ଉକ୍ତ କ୍ୟାସ୍ ଇନ୍‌ଚାର୍ଜ ଫେରାର ଥିଲେ ହେଁ ଅଦ୍ୟାବଧି ପୁଲିସ୍ ତା'ର କୌଣସି ଟେର୍ ପାଇପାରିନାହିଁ। ଏପରିକି ବ୍ୟାଙ୍କ୍ କର୍ତ୍ତୃପକ୍ଷ ବି ଗ୍ରାହକଙ୍କୁ ବି ଜଣାଇନାହାନ୍ତି। ଅନଲାଇନ୍ ଗେମ୍ ମାୟାଜାଲରେ ସର୍ବସ୍ୱାନ୍ତ ହେବା ପରେ ଗ୍ରାହକଙ୍କ ବିଶ୍ୱାସରେ ବିଷଦେଇ କରିତକର୍ମା କର୍ମଚାରୀ ଜିତେନ୍ଦ୍ର ବିଶ୍ୱାଳ ୭୦ ଲକ୍ଷ ଟଙ୍କାର ଅଳଙ୍କାର ନେଇ ଛୁ' ମାରିଛି। ସେ ୬୦୦ ଗ୍ରାମ୍ ବନ୍ଧକ ସୁନା ଅଳଙ୍କାର ସହ ୭ ଲକ୍ଷ ଟଙ୍କା ନେଇ ଫେରାର୍ ହୋଇଯାଇଛି। ଏହି ଲୁଟ୍ ଉପରୁ ପରଦା ହଟାଇଛନ୍ତି ଗ୍ରାହକ ଗୋପୀନାଥ ପରିଡ଼ା ଓ ତାଙ୍କ ସ୍ତ୍ରୀ ହରପ୍ରିୟା। ହରପ୍ରିୟା ୧୬୩ ଗ୍ରାମ ସୁନା ବନ୍ଧା ରଖି ବ୍ୟାଙ୍କରୁ ଋଣ ନେଇଥିଲେ। ଗତ ୨୫ ତାରିଖରେ ଅଳଙ୍କାର ଆଣିବାକୁ ପତିପତ୍ନୀ ଯାଇଥିଲେ ହେଁ ସେମାନଙ୍କୁ ସେମାନଙ୍କ ସୁନା ଆଉ ବ୍ୟାଙ୍କରେ ନଥିବା ମ୍ୟାନେଜର୍ କହିଥିଲେ। ଏହାପରେ ଜିତେନ୍ଦ୍ରର କଳାକାରନାମାର ପର୍ଦ୍ଦାଫାସ୍ ହୋଇଥିଲା।

## ଓସିଏସ୍ ଆଶାୟୀଙ୍କ ଦାବି

# ନୂଆ ବିଜ୍ଞପ୍ତିରେ ପର୍ଯ୍ୟାପ୍ତ ଓପିଏସ୍ ପଦ ରହୁ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ୨୦୧୧ରୁ ୨୦୨୪ ମଧ୍ୟରେ ପ୍ରାୟ ୮୦୬ ଟି ଓପିଏସ ପଦବୀ ଇନସ୍ପେକ୍ଟରମାନଙ୍କୁ ଡିଏସପି/ଓପିଏସକୁ ପ୍ରୋବେସନ୍ ମାଧ୍ୟମରେ ପୂରଣ କରାଯାଇଛି, କିନ୍ତୁ ସେଇ ସମୟସୀମା ମଧ୍ୟରେ କେବଳ ପ୍ରାୟ ୧୦୨ଟି ପଦବୀ ଓପିଏସସି ମାଧ୍ୟମରେ ସିଧା ନିଯୁକ୍ତି ହୋଇଛି। ବିଶେଷକରି ୨୦୨୨ ଓ ୨୦୨୪ ମସିହାରେ କୌଣସି ଓପିଏସ ଖାଲି ପଦବୀ ଘୋଷଣା ହୋଇନଥିଲା, ଯାହା ଫଳରେ ଏହି ଅସମତୁଲ ଆଉ ବଢ଼ିଛି। ଏହି ବିପରୀତ ଧାରା ଓପିଏସ କାଡରରେ ପ୍ରମୋଟି ଓ ସିଧା ନିଯୁକ୍ତିପ୍ରାପ୍ତ ଅଧିକାରୀମାନଙ୍କ ମଧ୍ୟରେ ଗୁରୁତର ଅସନ୍ତୁଳନ ସୃଷ୍ଟି କରିଛି ଏବଂ ବର୍ଷକାଳ ଧରି ନିଷ୍ଠା ଓ ଦୃଢ଼ ସମର୍ପଣ ସହ ପ୍ରସ୍ତୁତି କରୁଥିବା ହଜାର ଆଶାୟୀଙ୍କ ମନୋବଳ ହ୍ରାସ କରିଛି। ବର୍ତ୍ତମାନ ଜଣାପଡୁଛି ଯେ, ପ୍ରାୟ ୯୫ ଟି ଓପିଏସ ପଦବୀ ଖାଲି ଅବସ୍ଥାରେ ରହିଛି। ତେଣୁ ଆମର ନିବେଦନ ଯେ, ଆସନ୍ତା ଓସିଏସ-୨୦୨୫ ନୋଟିଫିକେସନ୍‌ରେ ଏହି ଖାଲି ପଦବୀମାନଙ୍କ ମଧ୍ୟରୁ କମ୍ ସେ କମ୍ ୫୦% ଓପିଏସ ପଦବୀ ସମ୍ମିଳିତ କରାଯାଉ। ଏହା ଫଳରେ କାଡରର ସଠିକ ସମତୁଲ ପୁନଃସ୍ଥାପିତ ହେବ ଏବଂ ଯୁବମାନଙ୍କ ମନରେ ଓଡ଼ିଶାର ମେରିଟ୍ ଓ ସ୍ୱଚ୍ଛତାପୂର୍ଣ୍ଣ ନିଯୁକ୍ତି ପ୍ରଣାଳୀ ପ୍ରତି ଆସ୍ଥା ମଜବୁତ ହେବ। ସରକାର ଏହି ବିଷୟକୁ ସହାନୁଭୂତିପୂର୍ବକ ବିଚାର କରି ଯଥାଶୀଘ୍ର ନ୍ୟାୟ, ମେରିଟ୍ ଓ ଯୁବକମାନଙ୍କ ହିତରେ ଏକ ସକାରାତ୍ମକ ସିଦ୍ଧାନ୍ତ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ୩.୪ କୋଟିର ଲାଭାଂଶ ପ୍ରଦାନ




**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଆଜି ଓଡ଼ିଶା ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଡ୍) ଅର୍ଥ ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଜରିଆରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ମୋଟ ୩ କୋଟି ୪୦ ଲକ୍ଷ ୬୪ ହଜାର ୧୦୫ ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ଉପସ୍ଥିତ ରହି ଏହି ଲାଭାଂଶ ରାଶି ପ୍ରଦାନ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନିଗମର ମୋଟ ଲାଭ ୨୨ କୋଟି ୭୦ ଲକ୍ଷ ୯୪ ହଜାର ୩୩ ଟଙ୍କା। ଏହି ବର୍ଷ ପାଇଁ ମୋଟ ଲାଭର ୩୦ ପ୍ରତିଶତ ହିସାବରେ ଡିଭିଡେଣ୍ଡ୍ ରାଶି ହେଉଛି ୬ କୋଟି ୮୧ ଲକ୍ଷ ୨୮ ହଜାର ୨୧୦ ଟଙ୍କା। ଏହାର ଉଭୟ ଅଂଶୀଦାର ଯଥା ରାଜ୍ୟ ସରକାର ଓ କେନ୍ଦ୍ରୀୟ ଭଣ୍ଡାରଣ ନିଗମଙ୍କୁ ସମପରିମାଣରେ ଅର୍ଥାତ ପ୍ରତ୍ୟେକ ଅଂଶୀଦାରଙ୍କୁ ୩ କୋଟି ୪୦ ଲକ୍ଷ ୬୪ ହଜାର ୧୦୫ ଟଙ୍କା ଲେଖାଏଁ ଦିଆଯାଇଛି। କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହ ନିବନ୍ଧକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପରିଚାଳକ ତୃପ୍ତି କଲ୍ୟାଣ ସେଠୀ, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଜେଆରସିଏସ ଲିଙ୍ଗରାଜ ନାୟକ, ବରିଷ୍ଠ ଅଧୀକ୍ଷକ ପ୍ରଭାତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ୧୯୫୮ରେ ସ୍ଥାପିତ ନିଗମର ଷ୍ଟୋରେଜ୍ କ୍ଷମତା ୫ ଲକ୍ଷ ୨୧ ହଜାର ୬୦୦ ମେଟ୍ରିକ ଟନ୍।

## ୭ରେ 'ବନ୍ଦେ ମାତରମ୍'କୁ ୧୫୦ ବର୍ଷ

# ଶିକ୍ଷାନୁଷ୍ଠାନରେ ସମୂହ ଗାନ ନିଷ୍ପତ୍ତି

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଦେଶର ଜାତୀୟ ସଙ୍ଗୀତ ଭାବେ ପରିଚିତ 'ବନ୍ଦେ ମାତରମ୍'କୁ ଆସନ୍ତା ୭ ତାରିଖରେ ୧୫୦ ବର୍ଷ ପୂରିବ। ଏହି ଅବସରରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ 'ବନ୍ଦେ ମାତରମ୍' ଗାନ କରିବେ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖାଯାଇଛି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ 'ଆନନ୍ଦ ମଠ' ପୁସ୍ତକରେ ସଂଯୋଜିତ 'ବନ୍ଦେ ମାତରମ୍' ଗୀତଟି ୧୮୮୨ରେ ଲେଖାଯାଇଥିଲା। ଗୀତରେ ସଂସ୍କୃତ ଓ ବଙ୍ଗଳା ଭାଷାର ଉପଯୁକ୍ତ ମିଶ୍ରଣ ଘଟିଥିଲା। ଏହି କବିତାଟି ଏକ ଜଣାଣ, ଯେଉଁଥିରେ ମା' ଦୁର୍ଗାଙ୍କୁ ଭାରତମାତାଙ୍କ ଅବତାର ସହ ତୁଳନା କରି କବି ତାଙ୍କ ବନ୍ଦନା କରିଛନ୍ତି। ଏହି କବିତାଟିକୁ ପ୍ରଥମ ଥର ପାଇଁ ରବୀନ୍ଦ୍ରନାଥ ଠାକୁର ୧୮୯୬ର କଂଗ୍ରେସ ଅଧିବେଶନରେ ଆବୃତ୍ତି କରିଥିଲେ। ୧୯୫୦ରେ ଭାରତ ଗଣତାନ୍ତ୍ରିକ ଦେଶରେ ପରିଣତ ହେବା ପରେ ଏହି କବିତାର ଦୁଇଟି ଛନ୍ଦ ସରକାରୀ ଭାବେ ଭାରତ ଗଣରାଜ୍ୟର ରାଷ୍ଟ୍ର ଗାନର ସ୍ୱୀକୃତି ପାଇଥିଲା।

# କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବ୍ରହ୍ମପୁର-ପୁରୀ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ୍ ବ୍ୟବସ୍ଥା



**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଆଗାମୀ କାଲି କାର୍ତ୍ତିକ ପୂର୍ଣ୍ଣିମା ପାଳନ ହେବାକୁ ଥିବା ବେଳେ ଏହି ଅବସରରେ ଯାତ୍ରୀମାନଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବ୍ରହ୍ମପୁର ଓ ପୁରୀ ମଧ୍ୟରେ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ୦୮୪୧୭ ବ୍ରହ୍ମପୁର- ପୁରୀ ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ ଆଜି ରାତି ୮ଟା ୩୫ ମିନିଟ୍‌ରେ ବ୍ରହ୍ମପୁରରୁ ଛାଡି ମଧ୍ୟରାତ୍ରି ପରେ ଅର୍ଥାତ୍ ରାତି ସାଢ଼େ ୧ଟା ସମୟରେ ପୁରୀଠାରେ ପହଞ୍ଚିବ। ସେହିପରି ୦୮୪୧୮ ପୁରୀ- ବ୍ରହ୍ମପୁର ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ ଆସନ୍ତାକାଲି ଭୋର ୩ଟା ସମୟରେ ପୁରୀରୁ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିବ। ଏହାଛଡ଼ା ଅନ୍ୟ ଏକ ସ୍ୱତନ୍ତ୍ର ଟ୍ରେନ୍ ୦୮୪୪୮ ପୁରୀ- ବ୍ରହ୍ମପୁର ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ ଆସନ୍ତା ୬ ତାରିଖ ସକାଳ ୫ଟା ସମୟରେ ପୁରୀରୁ ବ୍ରହ୍ମପୁର ଯାତ୍ରା କରିବ। ଏହି ଯାତ୍ରୀବାହୀ ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକ ବ୍ରହ୍ମପୁର ଓ ପୁରୀ ମଧ୍ୟରେ ଖୋର୍ଦ୍ଧା ରୋଡ୍ ଜଙ୍କସନକୁ ବାଇପାସ କରି ଜଗନ୍ନାଥପୁର, ଛତ୍ରପୁର, ଗଞ୍ଜାମ, ହମ୍ମା, ରମ୍ଭା, ଖଲ୍ଲିକୋଟ, ଚିଲିକା, ବାଲୁଗାଁ, ଗଙ୍ଗାଧରପୁର, କୁହୁଡ଼ି, କାଳୁପଡ଼ାଘାଟ, ଭୂଷଣ୍ଡପୁର, ନିରାକାରପୁର, ତାପଙ୍ଗ, କାଇପଦର ରୋଡ୍, ହରିପୁରଗ୍ରାମ, ମୋଟାରି, କଣାସ ରୋଡ୍, ବୀରପୁରୁଷୋତ୍ତମପୁର ଓ ମାଳତୀପାଟପୁର ଆଦି ଷ୍ଟେସନରେ ରହଣି କରିବ। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ଓ ହବିଷ ଉତ୍ସବ ସମୟରେ ସୁବିଧାଜନକ ଯାତ୍ରାରେ ସହାୟକ ହେବ ବୋଲି ରେଳବାଇ ପକ୍ଷରୁ ଆଶା କରାଯାଉଛି।

# ଗଡମେକର୍ 'ସୁଆଙ୍ଗ ଗୀତ' ପରିବେଷିତ




**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ରାଜ୍ୟର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) 'ସୁଆଙ୍ଗ ଗୀତ' ସ୍ଥାନୀୟ ଭାରତୀୟ ବିଦ୍ୟା ଭବନର ମୁନସୀ ହଲରେ। ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଣ୍ଠଶିଳ୍ପୀ ସୁପ୍ରିୟା ଦାଶ, ଅମୃତମୟ ସାମଲ, ପ୍ରିୟଙ୍କା ବେହେରା, ସାଇ ସମୀକ୍ଷା ସାହୁ, ସମନ୍ୱିତା ଦାଶଙ୍କ ଦ୍ୱାରା ପରିବେଷିତ ହୋଇଛି। ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ରଚିତ ୭୨ ଖଣ୍ଡ ଗୀତିନାଟ୍ୟର ସାରାଂଶ ରାଜାଙ୍କ ଗୀତ 'ବଙ୍ଗ ଉତ୍କଳକୁ ମୁଁ ବିଭଙ୍ଗ କରାଇବି', ନଟନଟୀ ଗୀତ 'ଜୟଶ୍ରୀ ଜଗତନାଥ', ଆଷାଢ଼ ଶୁକ୍ଳ ବୃତ୍ତରେ 'ଶ୍ୟାମଳ ବରନ', ରାସଗୀତ 'କୁସୁମ କାନନେ', ନିଶା ନିବାରଣ ଗୀତ 'ହାଣିଗଲି ବରଖୋବା', ଡଗରଗୀତ 'ଏତେ ରାତିକି ବାହାର', ସୁଆଙ୍ଗ 'କହ୍ନାଇଁ ଆସୁଛି କି', ଯୁଦ୍ଧଗୀତ 'ଛାଡ ଛାଡ଼ ଏ ଦେଶ' ଆଦି ପରିବେଷଣ ହୋଇଥିଲା। ଶେଷରେ ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ରଚିତ ଗଣକବି ଗୋପାଳ ଦାଶଙ୍କ ସ୍ମୃତି ଓ କୃତୀର ଝଲକ 'ଏଇ ଉତ୍କଳ ସାରସ୍ୱତ ସରଣୀ/କେବେ ଭୁଲିନି ତୁମକୁ ଭୁଲିପାରେନି' ବୃନ୍ଦଗାନରେ ରୂପାୟିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ମନ୍ମଥ କୁମାର ଶତପଥୀଙ୍କ ପରିକଳ୍ପନାରେ ପରିବେଷିତ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବାଦ୍ୟ ବର୍ଣ୍ଣାଳି ତୋଳିଥିଲେ ଶିଳ୍ପୀ ଅଜୟ ଜେନା, ବାବାଜୀ ଜେନା, ଅକ୍ଷୟ ମଲ୍ଲିକ, ସୁମନ୍ତ ସେନାପତି। ନସିପୁର, ବଡ଼ ମୂଳବସନ୍ତ, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା ଭଳି ଏକ ନିପଟ ମଫସଲ ଅଞ୍ଚଳରୁ ଆସି ରାଜଧାନୀରେ ଏତେ ଉଚ୍ଚକୋଟୀର କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

# ନବୀନ ଭିତରେ କୋଳାକୋଳି ବାହାରେ କଳି କରନ୍ତି: କଂଗ୍ରେସ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ନାରାୟଣ ସେଠୀ, ପୂର୍ବତନ ବିଧାୟକ ସୁଜିତ ପାଢ଼ୀ, ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ଓ ମୁଖପାତ୍ର ଝୁନା ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ସେଠୀ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ମୁଖ୍ୟତଃ ତିନି ଦଳ ନିର୍ବାଚନ ଲଢୁଛନ୍ତି। ତେବେ ନିର୍ବାଚନ ଘୋଷଣା ହେବା ପରେ ପିସିସି ସଭାପତି ଭକ୍ତ ଦାସ ଏଆଇସିସି ଓ ପିସିସି ନେତୃବୃନ୍ଦଙ୍କ ସହ ଆଲୋଚନା କରି ତୁରନ୍ତ ପ୍ରାର୍ଥୀ ଘୋଷଣା କଲେ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଲୋକପ୍ରିୟ ନେତା ସହ ଆଦିବାସୀ ସମାଜ ସହ ଜଡ଼ିତ। ସେହିପରି ଶ୍ରୀ ଦାସ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ସାଂସଦ ଥିବାରୁ ତାଙ୍କର ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଲୋକସମ୍ପର୍କ ରହିଛି। ଅଞ୍ଚଳର ରୂପରେଖ ନେଇ ବେଶ୍ ଅଭିଜ୍ଞ ସେ। ତାଙ୍କର ଯଥେଷ୍ଟ ଦବଦବା ବି ରହିଛି। କିନ୍ତୁ ବିଜେଡି ଓ ବିଜେପି ବୁଝାମଣା କରି ପ୍ରାର୍ଥୀ ଦେଇଛନ୍ତି। ନବୀନ ନୂଆପଡ଼ା ଯାଇ ବିଷୋଦ୍‌ଗାର କରିଛନ୍ତି। କିନ୍ତୁ ଭିତରେ କୋଳାକୋଳି ବାହାରେ କଳି କରୁଥିବା ନବୀନ ଦୀର୍ଘ ୨୫ ବର୍ଷ ଧରି ବିଜେପି ସହ ବୁଝାମଣା କରି ରାଜ୍ୟବାସୀଙ୍କୁ କେବଳ ଭୁଆଁ ବୁଲାଇ ଆସିଛନ୍ତି ବୋଲି ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀ ପାଢ଼ୀ କହିଛନ୍ତି ଯେ ଅମର ପଟ୍ଟନାୟକ ଚାକିରୀ ଛାଡି ବିଜେଡିରେ ଯୋଗଦେଇ ରାଜ୍ୟସଭା ସଦସ୍ୟ ଥିଲେ। ବିଜେଡିର ଆଇଟି ସେଲ ଅଧ୍ୟକ୍ଷ ବି ଥିଲେ। କିଛିଦିନ ତଳେ ଅମର ଓ ଏକ ପ୍ରତିନିଧି ଦଳ ଭୋଟ ଚୋରି ପ୍ରସଙ୍ଗ ନେଇ ରାଜ୍ୟପାଳଙ୍କୁ ଭେଟିଥିଲେ। ବୁଥ ସ୍ତରରେ ପରିଗଣନା କରି ସାରା ରାଜ୍ୟରେ ୧୦ ପ୍ରତିଶତ ଓ କେନ୍ଦୁଝରରେ ୧୩ ପ୍ରତିଶତ ଅଧିକ ଭୋଟ ପଡ଼ିଥିବା କହିଥିଲେ। ବୋଧହୁଏ ଏହାକୁ ଚପାଇବା ପାଇଁ ବିଜେପିରେ ନବୀନଙ୍କ ଇଙ୍ଗିତରେ ସେ ସାମିଲ ହେଲେ। କିନ୍ତୁ ଓଡ଼ିଶାବାସୀ ଏପରି ଚେହେରାମାନଙ୍କୁ ବେଶ୍ ଭଲ ଭାବେ ଚିହ୍ନନ୍ତି। ତା'ଛଡ଼ା ନୂଆପଡ଼ାରେ ଘାସିରାମ ମାଝୀଙ୍କ ଲୋକପ୍ରିୟତା ଦେଖି ବିଜେପି ଓ ବିଜେଡି ନାନା ଫନ୍ଦିଫିକର କରୁଥିବା ଶ୍ରୀ ପାଢ଼ୀ ଅଭିଯୋଗ କରିଛନ୍ତି।

## ରାତି ପାହିଲେ କାର୍ତ୍ତିକ ପୂର୍ଣ୍ଣିମା

# ଶ୍ରୀକ୍ଷେତ୍ରରେ ୪୫ ପ୍ଲାଟୁନ ଫୋର୍ସ ମୁତୟନ




**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ରାତି ପାହିଲେ କାର୍ତ୍ତିକ ପୂର୍ଣ୍ଣିମା। ଏଥିପାଇଁ ଶ୍ରୀକ୍ଷେତ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀରେ ମୁତୟନ ହୋଇଛନ୍ତି ୪୫ ପ୍ଲାଟୁନ ପୁଲିସ ଫୋର୍ସ। ସାତ ପାହାଚ ଓ ବାହାର କାଠ ନିକଟରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ବଡ଼ଦାଣ୍ଡରେ ଫାଷ୍ଟ-ଏଡ୍ କାଉଣ୍ଟର, ପିଇବା ପାଣି ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ବି କରାଯାଇଛି। ସମୁଦ୍ର ବେଳାଭୂମିରେ ଜଣେ ଏସ୍‌ପି ର୍‍ୟାଙ୍କର ଅଫିସର, ୩୭୦ ଲାଇଫ୍ ଗାର୍ଡ, ୨ଟି ଓଡ୍ରାଫ୍ ଟିମ୍, ୩ଟି ଆମ୍ବୁଲାନ୍ସ, ୩ଟି ଫାଷ୍ଟ-ଏଡ୍ କାଉଣ୍ଟର ଓ ପୁଲିସ କଣ୍ଟ୍ରୋଲ ରୁମ୍ ରହିଛି ବୋଲି ଆଜି ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ବୁଧବାର ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ ସହ ରତ୍ନ ସିଂହାସନରେ ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁଙ୍କ ଦିବ୍ୟ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆଶା କରାଯାଉଛି। ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ନିମନ୍ତେ ପ୍ରଶାସନ ବ୍ୟାରିକେଡ୍‌କୁ ବେଶ୍ ପ୍ରଶସ୍ତ କରିଛି। ବଗଲା ଧର୍ମଶାଳା ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ସେହିଭଳି ମେଡିକାଲ ଛକରୁ ଆଗକୁ ନୋ ଭେହିକିଲ୍ ଜୋନ୍ ଘୋଷଣା କରାଯାଇଛି। ବରିଷ୍ଠ, ମହିଳା, ଶିଶୁ, ସ୍ଥାନୀୟ ଲୋକ, ହବିଷ୍ୟାଳି ସମସ୍ତେ ୨ କିମି ବ୍ୟାପୀ ବ୍ୟାରିକେଡ୍ ପାର୍ କରି ଶ୍ରୀମନ୍ଦିରରେ ପ୍ରବେଶ କରିବେ। ବିଭିନ୍ନ ସମୟରେ ଭୋଗ ଓ ଅନ୍ୟ ନୀତି ଯୋଗୁଁ ଶ୍ରଦ୍ଧାଳୁଙ୍କୁ ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍ ଭିତରେ ଅପେକ୍ଷା କରିବାକୁ ପଡ଼ିବାର ସମ୍ଭାବନା ରହିଛି।

# ବଢ଼ିବ ଭୁବନେଶ୍ୱର ମହାନଗର ନିଗମର ପରିସର

- ଭୁବନେଶ୍ୱର ସହ ସଂଲଗ୍ନ ପଞ୍ଚାୟତର କିଛି ଗାଁ ମିଶିବେ
- ସୂଚନା ଦେଲେ ନିଗମ କମିଶନର୍



**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ବଢ଼ିବ ଭୁବନେଶ୍ୱର ମହାନଗର ନିଗମର ପରିସର। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଆସିଥିଲା। ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ପକ୍ଷରୁ ପ୍ରସ୍ତାବ ଆସିଛି ବୋଲି କହିଛନ୍ତି ବିଏମସି କମିଶନର ଚଞ୍ଚଳ ରାଣା କହିଛନ୍ତି। ଭୁବନେଶ୍ୱର ସହ ସଂଲଗ୍ନ ପଞ୍ଚାୟତର କିଛି କିଛି ଗାଆଁ ବିଏମସିରେ ସାମିଲ ହୋଇପାରନ୍ତି। ଏନେଇ ବିଚାରବିମର୍ଶ ଚାଲିଛି। ଏଥିପାଇଁ ଅନେକ ଗାଁ ନିଜ ନିଜର ସମସ୍ତ ତଥ୍ୟ ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିଛନ୍ତି। ଏହାକୁ ନେଇ ଏବେ ବିଏମସି ସ୍ତରରେ ବିଚାରବିମର୍ଶ କରାଯାଉଛି। କେତେ ଏରିଆ ଯୋଡ଼ିହେବ, ମେଣ୍ଟେନାନ୍ସ ଓ ସର୍ଭିସ୍ ପାଇଁ କେତେ ଖର୍ଚ୍ଚ ହେବ, ତାକୁ ନେଇ ବୈଠକ ହେବ। ଏହି ଏକ୍ସଟେନସନ୍ ଯୋଗୁ ବାର୍ଷିକ କେତେ ଅଧିକ ଖର୍ଚ୍ଚ ହେବ ତାକୁ ନେଇ ଆଲୋଚନା ହେବ। ତାହାପରେ ବିଏମସି ପକ୍ଷରୁ ସବୁ ତଥ୍ୟ ସରକାରଙ୍କୁ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରଣା। ସେହିଭଳି ଭୁବନେଶ୍ୱରରେ ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୩ ୱାର୍ଡକୁ ବ୍ୟାପକ କରାଯିବ। ଆଗକୁ ଆହୁରି ନୂଆ ୩ ୱାର୍ଡକୁ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ୨୦୨୨ ରେ ୩ ଜୋନକୁ ୬ ଜୋନ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା ବିଏମସି। ଏହାକୁ ଅନୁମୋଦନ ମଧ୍ୟ ମିଳିଛି। ସମୟ ସୀମା ମଧ୍ୟରେ ଏଥିପାଇଁ ମାନବ ସମ୍ବଳ ବଢେଇବା ଲାଗି ବ୍ୟବସ୍ଥା କରାଯାଉଛି। ସରକାରଙ୍କୁ ଏନେଇ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଏମସି କମିଶନର କହିଛନ୍ତି।

## ମୁଣ୍ଡରେ ହାତଦେଇ ବସିଛନ୍ତି ୨୮ ହଜାର ଲୋକ

# ଏନଜିଓ ସଂସ୍ଥା ଠକିନେଲା କୋଟି କୋଟି ଟଙ୍କା

- କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ଚଢ଼ଉ କଲା ଦୀଘା ପୁଲିସ
- ମାଷ୍ଟରମାଇଣ୍ଡ ସମେତ ବାପ-ପୁଅ ଗିରଫ



**କେନ୍ଦ୍ରାପଡା,୪।୧୧(ସଂଚାର ବ୍ୟୁରୋ):** ଏନଜିଓ ନାମରେ ଏକ ବଡ଼ ଠକେଇ ଗ୍ୟାଙ୍ଗଙ୍କୁ କାବୁ କରିଛି ପଶ୍ଚିମବଙ୍ଗ ପୁଲିସ। ପାଖା ପାଖି ୨୮ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠୁ କୋଟି କୋଟି ଟଙ୍କା ଲୁଟ କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି। ଏହି ଲୁଟ ପଛରେ ବାଲେଶ୍ୱର ଜିଲ୍ଲାର ସୁବ୍ରତ ନାମକ ଯୁବକ ସହ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଧୀନରେ ଥିବା ପାଇଲୋ ଗ୍ରାମର ଦୁଇ ବାପ ଏବଂ ପୁଅ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ଏଥିରେ ସୁବ୍ରତ ମାଷ୍ଟର ମାଇଣ୍ଡ ସାଜିଥିବା ବେଳେ ପାଟକୁରା ଅଞ୍ଚଳର ପ୍ରଫୁଲ୍ଲ ସାମନ୍ତରାୟ(୬୭)ଙ୍କ ପୁଅ ପ୍ରଭାସ ସାମନ୍ତରାୟ(୪୦) ସକ୍ରିୟ ଥିବା ଜଣାପଡିଛି। ଏହି ଦୁଇ ଜଣଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା କାରବାର ହୋଇଥିବା ପୁଲିସ ସୂଚନା ଦେଇଛି। ଯାହା ଫଳରେ ଦୁଇ ବାପ- ପୁଅଙ୍କୁ ପାଟକୁରା ପୁଲିସ ସହାୟତାରେ ଦୀଘା ପୁଲିସ ଉଠାଇ ନେଇ ଅଧିକ ଖୋଳତାଡ କରୁଥିବା ଜାଣିବାକୁ ମିଳିଛି।

ସୂଚନାନୁଯାୟୀ, ପଶ୍ଚିମବଙ୍ଗ ଦୀଘା ମୋହନା ଥାନା ପୁଲିସ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧୀନ ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମରେ ପହଞ୍ଚି ଏକ ଏନଜିଓ ସଂସ୍ଥା କର୍ମକର୍ତ୍ତା ଥିବା ବାପ-ପୁଅଙ୍କୁ ଠକେଇ ଅଭିଯୋଗରେ ଉଠାଇ ନେଇଥିଲା। ଦୀଘା ମୋହନା ଥାନାର ନଂ. ୫୬/୨୫ ରେ ମାମଲା ରୁଜୁ କରାଯାଇଛି। ଦୀଘା ମୋହନା ଥାନା ଅଂଚଳରେ ପ୍ରାୟ ୧୧ଶହ ଲୋକଙ୍କଠୁ ଆର୍ଥିକ ଠକେଇ ଅଭିଯୋଗରେ ଦୀଘା ପୁଲିସ ଏସଆଇ ଅମିତ୍ ପ୍ରାମାଣିକଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ। ପୁଲିସ ଆସିବା ସୂଚନା ପାଇବା ପରେ ସଙ୍ଗେ ସଙ୍ଗେ ବାପ- ପୁଅ ଦୁହେଁ ଘରର ଉପର ମହଲାକୁ ଚାଲିଯାଇଥିଲେ। ସେହି ସମୟରେ ପୁଲିସ ଟିମ ତାଙ୍କୁ କାବୁକରି ନେଇଥିଲା। ତେବେ ସେମାନେ ଏହି ଠକେଇରେ କୌଣସି ସଂପୃକ୍ତି ନଥିବା ସଫେଇ ଦେଇଥିଲେ। କିନ୍ତୁ ଉକ୍ତ ବାପ-ପୁଅଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଲୋକେ ଟଙ୍କା ପଠାଇଥିବା ତଦନ୍ତରେ ସ୍ପଷ୍ଟ ଜଣାପଡିଥିଲା। ଦୀର୍ଘଦିନ ହେବ ବାପ- ପୁଅ ଦୁହେଁ ଏନଜିଓ ସଂସ୍ଥାରେ କାର୍ଯ୍ୟ କରୁଥିବା ମଧ୍ୟ ତଦନ୍ତରେ ଜଣାପଡିଛି। ସମସ୍ତ ଅର୍ଥ ସେମାନଙ୍କ ଆକାଉଣ୍ଟକୁ ଆସିଥିବା ସ୍ପଷ୍ଟ ହୋଇଛି। ଏହି ଠକେଇରେ ଏକ ରାକେଟ କାମ କରୁଥିବା ପୁଲିସ କହିଛି। ଏହି ଚଢ଼ଉରେ ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କେବଳ ପାଟକୁରା ନୁହେଁ କେନ୍ଦ୍ରାପଡା ସଦର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବା ସୂଚନା ମିଳିଛି। ଏଥିରେ ବହୁ ଦସ୍ତାବିଜ୍ ପୁଲିସ ହାତରେ ଲାଗିଛି। ଏଥିରେ ଥିବା ମାଷ୍ଟର ମାଇଣ୍ଡ ସୁବ୍ରତ ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରା ଉଚରା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା। ଏହା ପରେ ଦୀଘା ପୁଲିସ କେନ୍ଦ୍ରାପଡା ପାଟକୁରା ଅଞ୍ଚଳକୁ ଆସି ବାପ- ପୁଅଙ୍କୁ ଉଠାଇନେଇଥିଲା।



# ଯୁକ୍ତ ଦୁଇ ନାମଲେଖା ଅବଧିରେ ବୃଦ୍ଧି

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଯୁକ୍ତ ୨ ନାମଲେଖା ସମୟ ଅବଧିରେ ବୃଦ୍ଧି କରାଯାଇଛି। ଏନେଇ ଆଜି ସୂଚନା ଦେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)। ବିନା ଜରିମାନାରେ ଫର୍ମ ପୂରଣ ତାରିଖକୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ୨୦୦ ଟଙ୍କା ଜରିମାନାରେ ଫର୍ମ ପୂରଣ ତାରିଖ ୧୩ରୁ ୧୮ ତାରିଖକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଏହାଛଡ଼ା ୬୦୦ ଟଙ୍କା ଜରିମାନା ସହ ଫର୍ମ ପୂରଣ ତାରିଖ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ବୁଧବାର ୫ ନଭେମ୍ବର ୨୦୨୫, ଭୁବନେଶ୍ୱର

Wednesday 5 November 2025, Bhubaneswar

# ଜୀବନରେ ଅଦୃଶ୍ୟ ସୂତ୍ର

ଯେଉଁ ଯୁଗରେ ପ୍ରଯୁକ୍ତିବିଦ୍ୟା ମାନବୀୟ ଉଦ୍ଭାବନ ଓ ଯନ୍ତ୍ର ବୁଦ୍ଧିମତା ମଧ୍ୟରେ ସୀମାରେଖାକୁ ଅସ୍ପଷ୍ଟ କରିଦେଇଛି, ସେଠାରେ କୃତ୍ରିମ ବୁଦ୍ଧିମତା (ଏଆଇ) ନିଶ୍ଚିତ ଭାବେ ଆଧୁନିକ ଜୀବନର ମେରୁଦଣ୍ଡ ହୋଇଗଲାଣି। ସ୍ମାର୍ଟ ସହାୟକ ଦ୍ୱାରା ସେଟ ହୋଇଥିବା ଆଲାର୍ମରେ ଉଠିବାର ମୁହୂର୍ତ୍ତରୁ ଆରମ୍ଭ କରି ସକାଳ ଭୋଜନ ସମୟରେ ଆମକୁ ସ୍ୱାଗତ କରୁଥିବା ବ୍ୟକ୍ତିଗତ ଖବର ଫିଡ୍ ପର୍ଯ୍ୟନ୍ତ, ଏଆଇ ଆଉ ଭବିଷ୍ୟତର ସ୍ୱପ୍ନ ନୁହେଁ— ଏହା ଦୈନିକ ବାସ୍ତବତା। ୨୦୨୬ର ଦ୍ୱାର ଦେଶରେ ଠିଆ ହୋଇ ଏଆଇର ଆମ ଜୀବନରେ ସମ୍ମିଳନକୁ ଚିନ୍ତା କଲେ ଏକ ଗଭୀର ପରିବର୍ତ୍ତନର କାହାଣୀ ପ୍ରକାଶ ପାଏ, ଯାହା ଉତ୍ସବ ଓ ସତର୍କତା ଉଭୟର ଦାବି କରେ।

ଏଆଇର ମୂଳ ବିଂଶ ଶତାବ୍ଦୀର ମଧ୍ୟଭାଗକୁ ଫେରିଯାଏ, ଯେତେବେଳେ ଆଲାନ ଟ୍ୟୁରିଂ ଭଳି ଅଗ୍ରଣୀମାନେ ଚିନ୍ତା କରିପାରେ କି ନାହିଁ ବୋଲି ଚିନ୍ତା କରୁଥିଲେ। ତାତ୍ତ୍ୱିକ ଚିନ୍ତାଧାରାରୁ ଆରମ୍ଭ ହୋଇ ୧୯୮୦ ଓ ୧୯୯୦ ଦଶକର କମ୍ପ୍ୟୁଟିଂ ବିସ୍ଫୋରଣ ସମୟରେ ଏହା ବ୍ୟବହାରିକ ପ୍ରୟୋଗରେ ପରିଣତ ହେଲା। ପ୍ରାରମ୍ଭିକ ଏଆଇ ସିଷ୍ଟମ ଗୁଡ଼ିକ ଚେସ୍ ଖେଳୁଥିବା କମ୍ପ୍ୟୁଟର ଓ ମୌଳିକ ଧ୍ୱନି ଚିହ୍ନଟକରଣକୁ ଶକ୍ତି ଯୋଗାଇଥିଲା, ଯାହା ଆଜିର ଉନ୍ନତ ଆଲଗୋରିଦମ ଗୁଡ଼ିକର ଭିତ୍ତିଭୂମି ସ୍ଥାପନ କଲା। ୨୦୧୦ ଦଶକ ସୁଦ୍ଧା ମେସିନ୍ ଲର୍ଣ୍ଣିଂ ଓ ନ୍ୟୁରାଲ ନେଟୱର୍କର ଅଗ୍ରଗତି— ବିଶାଳ ଡାଟା ସେଟ୍ ଓ ଶକ୍ତିଶାଳୀ ପ୍ରୋସେସର ଦ୍ୱାରା ପ୍ରେରିତ । ଗୁଗଲ ଓ ଆଇବିଏମ୍ ଭଳି କମ୍ପାନୀଗୁଡ଼ିକ ଏହି ଅଗ୍ରଗତିକୁ କାମରେ ଲଗାଇ ମାନବୀୟ କ୍ଷମତାକୁ ବୃଦ୍ଧି କରିବା ପରିବର୍ତ୍ତେ ଏଆଇକୁ ଏକ ସାଧନରେ ପରିଣତ କଲେ।

ଆଜି ଏଆଇ ଆମର ଦୈନିକ ରୁଟିନରେ ଏପରି ଭାବେ ପ୍ରବେଶ କରିଛି ଯାହାକୁ ଆମେ ପ୍ରାୟତଃ ଅଣଦେଖା କରୁ। ଆପଣଙ୍କ ସ୍ମାର୍ଟଫୋନ୍ ବିଚାର କରନ୍ତୁ: ସିରି କିମ୍ବା ଆଲେକ୍ସା ଭଳି ଭର୍ଚୁଆଲ ସହାୟକମାନେ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ବ୍ୟବହାର କରି ମିଟିଂ ନିର୍ଦ୍ଧାରଣ କରନ୍ତି, ସଙ୍ଗୀତ ବଜାନ୍ତି କିମ୍ବା ଅତୀତ ଆଚରଣ ଆଧାରରେ ଆପଣଙ୍କ ଆବଶ୍ୟକତା ଭବିଷ୍ୟଦ୍ୱାଣୀ କରନ୍ତି। ନେଟଫ୍ଲିକ୍ସ ଭଳି ଷ୍ଟ୍ରିମିଂ ସେବାଗୁଡ଼ିକ ସୁପାରିଶ ଇଞ୍ଜିନ୍ ବ୍ୟବହାର କରି ବିଷୟବସ୍ତୁ ଚୟନ କରନ୍ତି, ଦର୍ଶନ ଅଭ୍ୟାସକୁ ବିଶ୍ଳେଷଣ କରି ଆମକୁ ଘଣ୍ଟା ଘଣ୍ଟା ଯୋଡ଼ି ରଖନ୍ତି। ଇ-କମର୍ସରେ ଆମାଜନର ଆଲଗୋରିଦମଗୁଡ଼ିକ ଭୟଙ୍କର ସଠିକତାରେ ଉତ୍ପାଦ ସୁପାରିଶ କରନ୍ତି ଏବଂ ସୁବିଧା ବଢ଼ାଇବା ସହ ଉପଭୋକ୍ତା ପସନ୍ଦକୁ ସୂକ୍ଷ୍ମ ଭାବେ ଗଢ଼ନ୍ତି। ଗୁଗଲ ମ୍ୟାପ ଭଳି ନେଭିଗେସନ୍ ଆପଗୁଡ଼ିକ ଏଆଇକୁ କାମରେ ଲଗାଇ ରିଅଲ୍-ଟାଇମରେ ରୁଟ୍ ଅପ୍ଟିମାଇଜ୍ କରନ୍ତି, ଟ୍ରାଫିକ୍ ପ୍ୟାଟର୍ଣ୍ଣ ଓ ଉପଭୋକ୍ତା ଡାଟାକୁ ବିଚାରକୁ ନେଇ ସମୟ ଓ ଇନ୍ଧନ ବଞ୍ଚାନ୍ତି।

ବ୍ୟକ୍ତିଗତ ଗ୍ୟାଜେଟ୍ ବାହାରେ ଏଆଇର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକକୁ ବ୍ୟବହାର କରେ। ସ୍ୱାସ୍ଥ୍ୟସେବାରେ ଏଆଇ-ଚାଳିତ ସାଧନଗୁଡ଼ିକ ଚିତ୍ର ବିଶ୍ଳେଷଣ ମାଧ୍ୟମରେ ରୋଗ ନିର୍ଣ୍ଣୟରେ ସାହାଯ୍ୟ କରନ୍ତି, ଯେପରି ଏକ୍ସ-ରେ କ୍ୟାନ୍ସର ଚିହ୍ନଟ କରୁଥିବା ସିଷ୍ଟମଗୁଡ଼ିକ ଅତିମାନବୀୟ ସଠିକତା ସହ କାର୍ଯ୍ୟ କରନ୍ତି। ଟେସ୍ଲା ଓ ୱେମୋର ସ୍ୱୟଂଚାଳିତ ଯାନଗୁଡ଼ିକ ଦ୍ୱାରା ପରିବହନ ବିପ୍ଳବ ଘଟାଇଛି, ଯାହା ଏଆଇ ବ୍ୟବହାର କରି ରାସ୍ତାରେ ନିରାପଦ ଭାବେ ନେଭିଗେଟ୍ କରନ୍ତି, କମ୍ ଦୁର୍ଘଟଣା ଓ ସବୁଜ ଯାତ୍ରାର ପ୍ରତିଶ୍ରୁତି ଦିଅନ୍ତି। ଶିକ୍ଷାରେ ଅଭିଯୋଜିତ ଶିଖନ ପ୍ଲାଟଫର୍ମଗୁଡ଼ିକ ବ୍ୟକ୍ତିଗତ ଛାତ୍ରଙ୍କ ପାଇଁ ପାଠ୍ୟକ୍ରମ ତିଆରି କରନ୍ତି, ପାରମ୍ପରିକ ଶ୍ରେଣୀଗୃହର ଅନ୍ତରକୁ ଦୂର କରନ୍ତି। କାର୍ଯ୍ୟସ୍ଥଳୀରେ ଏଆଇ ପୁନରାବୃତ୍ତିମୂଳକ କାର୍ଯ୍ୟଗୁଡ଼ିକୁ ସ୍ୱୟଂଚାଳିତ କରେ— ଚାଟବଟ ଗ୍ରାହକ ସେବା ନିୟନ୍ତ୍ରଣ କରନ୍ତି କିମ୍ବା ସଫ୍ଟୱେୟାର ସପ୍ଲାଇ ଚେନ୍ ଅପ୍ଟିମାଇଜ୍ କରେ— ମାନବଙ୍କୁ ସୃଜନଶୀଳ କାର୍ଯ୍ୟ ପାଇଁ ମୁକ୍ତ କରେ।

ତଥାପି ଏହି ନିରବଚ୍ଛିନ୍ନ ସମ୍ମିଳନ ଛାୟା ବିନା ନୁହେଁ। ଏଆଇର ଉତଥାନ ନୈତିକତା ଓ ସମାନତା ଉପରେ ବିତର୍କ ଜନ୍ମାଇଛି। ଉତ୍ପାଦନ ଓ ଖୁଚୁରା ଭଳି ଶିଳ୍ପରେ ଚାକିରି ବିସ୍ଥାପନ ପୁନଃକୌଶଳ କାର୍ଯ୍ୟକ୍ରମର ଆବଶ୍ୟକତାକୁ ଉଜାଗର କରେ। ଗୋପନୀୟତା ଚିନ୍ତା ବଢ଼ୁଛି, କାରଣ ଆଲଗୋରିଦମଗୁଡ଼ିକ ବ୍ୟକ୍ତିଗତ ଡାଟା ସଂଗ୍ରହ କରି ନିଜର ବୁଦ୍ଧିମତାକୁ ଇନ୍ଧନ ଯୋଗାନ୍ତି ଓ ସମ୍ମତି ପ୍ରଶ୍ନ ଉଠାନ୍ତି। ତାଲିମ ଡାଟାରେ ଏମ୍ବେଡ୍ ହୋଇଥିବା ପକ୍ଷପାତ ଅସମାନତାକୁ ସ୍ଥାୟୀ କରିପାରେ, ଯେପରି ତ୍ରୁଟିପୂର୍ଣ୍ଣ ମୁହଁ ଚିହ୍ନଟ ସିଷ୍ଟମଗୁଡ଼ିକ ରଙ୍ଗୀନ ଲୋକଙ୍କୁ ଅଧିକ ଭୁଲ୍ ଭାବେ ଚିହ୍ନଟ କରନ୍ତି।

ଆଗକୁ ଚାହିଁଲେ ଏଆଇର ଜୀବନରେ ଭୂମିକା ଆହୁରି ଗଭୀର ହେବ। ଚାଟଜିପିଟି ଓ ଡାଲ-ଇ ଭଳି ସାଧନଗୁଡ଼ିକ ଦ୍ୱାରା ଉଦାହରଣ ଦିଆଯାଇଥିବା ଜେନେରେଟିଭ୍ ଏଆଇ ସୃଜନଶୀଳତାକୁ ଗଣତାନ୍ତ୍ରିକ କରେ, ଯାହା ଯେକୌଣସି ବ୍ୟକ୍ତିଙ୍କୁ କଳା, କୋଡ୍ କିମ୍ବା ଗଦ୍ୟ ସୃଷ୍ଟି କରିବାକୁ ଅନୁମତି ଦିଏ। ଜଳବାୟୁ ବିଜ୍ଞାନ ଭଳି କ୍ଷେତ୍ରରେ ଏଆଇ ମଡେଲଗୁଡ଼ିକ ପାଣିପାଗ ପ୍ୟାଟର୍ଣ୍ଣ ଭବିଷ୍ୟବାଣୀ କରନ୍ତି ଓ ନବୀକରଣଯୋଗ୍ୟ ଶକ୍ତି ଗୁଡିକୁ ଅପ୍ଟିମାଇଜ୍ କରନ୍ତି, ବିଶ୍ୱ ଉଷ୍ମୀକରଣ ବିରୁଦ୍ଧରେ ଆମର ଲଢ଼େଇରେ ସାହାଯ୍ୟ କରନ୍ତି। ତଥାପି ଏଆଇର ପୂର୍ଣ୍ଣ ସମ୍ଭାବନା ଉପଲବ୍ଧି କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ନିର୍ବାହ ଆବଶ୍ୟକ। ନୀତି ନିର୍ମାତାମାନେ ପାରଦର୍ଶିତା ଓ ନ୍ୟାୟକୁ ଅଗ୍ରାଧିକାର ଦେଉଥିବା ନିୟମାବଳୀ ପ୍ରଣୟନ କରିବା ଉଚିତ ଏବଂ ଶିକ୍ଷାବିତମାନେ ଭବିଷ୍ୟତ ପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏଆଇ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଉଚିତ।

# ନେତା, ପ୍ରଚାର ଓ ପ୍ରତିଶ୍ରୁତି

**ସସ୍ମିତା ଜାମୁଦା**



ବଦଳୁଛି ନୂଆପଡ଼ାର ଚିତ୍ର। ରଙ୍ଗବେରଙ୍ଗ କାନ୍ଥବାଡ଼, ବିଭିନ୍ନ ସ୍ଥାନରେ ଦଳୀୟ ପତାକାର ସାଜସଜ୍ଜା ଯେମିତି କୌଣସି ଉତ୍ସବର ଭ୍ରମ ସୃଷ୍ଟି କରୁଛି। ସକାଳୁ ସକାଳୁ ଚା' ଖଟିରେ ଭିଡ଼ ଜମୁଛି। ରାଜନୀତି, ତୃଣମୂଳ ସ୍ତରରେ ପ୍ରଶାସନିକ ବିକାଶର ଚିତ୍ର ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହେଉଛି। ଅଥଚ୍ ଟିକିଏ ନିରିଖି ଚାହିଁଲେ ସ୍ପଷ୍ଟ ରୂପେ ଜଣାଯାଏ କି ଏହି ସବୁ ଆଶା ଓ ଉଦ୍ଦୀପନା ନୂଆପଡ଼ା ଉପନିର୍ବାଚନ ପାଇଁ।

ବିଜେଡ଼ିର ଗଡ଼ କୁହାଯାଉଥିବା ନୂଆପଡ଼ାକୁ ହାତେଇବା ପାଇଁ ମଇଦାନରେ ଦେଖିବାକୁ ମିଳିଥିଲା ହାଇଭୋଲଟେଜ୍ ପ୍ରଚାର। ଡୋର୍ ଟୁ ଡୋର୍ କ୍ୟାମ୍ପେନିଂ, ବାଇକ୍ ରାଲି, ରୋଡ୍ ଶୋରେ ଦୁଲୁକୁଥିଲା ସାରା ଅଞ୍ଚଳ। ତିନୋଟି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ପାଇଁ ଚାଲିଥିଲା ଅଙ୍କ କଷାର ପର୍ବ। ଜୟ ଢୋଲକିଆ(ବିଜେପି), ଘାସିରାମ ମାଝୀ(କଂଗ୍ରେସ) ଓ ସ୍ନେହାଙ୍ଗିନୀ ଛୁରିଆ(ବିଜେଡି)ଙ୍କ ମଧ୍ୟରେ ଦେଖିବାକୁ ମିଳିବ ଜୋରଦାର ଲଢ଼େଇ। ପ୍ରତ୍ୟେକ ନିର୍ବାଚନ ସାଥିରେ କିଛି ପ୍ରତିଶ୍ରୁତି ନେଇ ଆସିଥାଏ। ଆଉ ଏହି ପ୍ରତିଶ୍ରୁତି ବଦଳରେ ଜନତାଙ୍କ ଭୋଟ ହାତେଇବା ପାଇଁ ଚାଲେ ଟଣାଓଟରା। ଗୋଟିଏ ହାତରେ ଦେବେ ଆଉ ଗୋଟିଏ ହାତରେ ନେବେ। ଆଉ ଏହି ଦବା ନବା ଖେଳ ଭିତରେ ବଳି ପଡ଼ନ୍ତି ନିରୀହ ଲୋକ। କହିବା ବାହୂଲ୍ୟ ଯେ ଏଥିମଧ୍ୟରୁ ଅନେକ ଅବାସ୍ତବ ପ୍ରତିଶ୍ରୁତି ମଧ୍ୟ ରହିଥାଏ। ଅନ୍ୟପଟେ ବିହାର ବିଧାନସଭା ନିର୍ବାଚନକୁ ନେଇ ସରଗରମ ଜାତୀୟ ରାଜନୀତି। ରାଜ୍ୟରେ ବଂଶବାଦ ରାଜନୀତିର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସରକାରୀ ଚାକିରୀ, ଭତ୍ତା ବୃଦ୍ଧି ଆଦି ପ୍ରତିଶ୍ରୁତିର ବର୍ଷାକୁ ନେଇ ଚର୍ଚ୍ଚା ଲାଗି ରହିଛି।

ନେତା, ପ୍ରଚାର ଓ ପ୍ରତିଶ୍ରୁତିର ଏହି ପ୍ରହେଳିକାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଅର୍ଥ। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଡ଼ା ହୁଏ ପୁଳା ପୁଳା ଟଙ୍କା। କେଉଁଠି ମଦ ମାଂସର ଆସର ଜମେ ତ ପୁଣି କେଉଁଠି ଡିଜେ, ମେଲୋଡିରେ ରଙ୍ଗୀନ ହୁଏ ରାତି। ଏହା ବାଦ୍ ଷ୍ଟାର ପ୍ରଚାରକମାନେ ମଧ୍ୟ ନିଜ ବାକ୍‌ଚାତୁର୍ଯ୍ୟର ଯାଦୁରେ ଭୋଟରଙ୍କୁ ଗୋଲାପି ସ୍ୱପ୍ନ ଦେଖାଇଥାନ୍ତି। ଟିଭି ପରଦାରେ ଲୋକପ୍ରିୟ ଅଭିନେତା ଓ ଅଭିନେତ୍ରୀଙ୍କୁ ପାଖରୁ ଦେଖି ସବୁ ଭୁଲିଯାଆନ୍ତି ଭୋଟର। ସାଧାରଣ ଜନତାଙ୍କ ବ୍ରେନ୍ ୱାସ କରାଇବା ପାଇଁ ଷ୍ଟାର ପ୍ରଚାରକଙ୍କୁ ପ୍ରଚାର ପଟୁଆରରେ ସାମିଲ କରାଯାଇଥାଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟପଟେ ସାମାନ୍ୟ କେଇଟା ଟଙ୍କା ପାଇଁ ନିଜକୁ ବିକ୍ରି କରିଦେଉଥିବା ଭୋଟରମାନେ ହିଁ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅସୁସ୍ଥ ବିଡ଼ମ୍ବନା। ଦଳଡିଆଁ ରାଜନୀତି ଭିତରେ ଭଲ ନେତା ବାଛିବା ଜନତାଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। ପୂର୍ବ ଅପେକ୍ଷା ବର୍ତ୍ତମାନ ପ୍ରଚାର ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତି ବିଭିନ୍ନ ରଣନୀତି ଆପଣାଇ ନିରୀହ ଲୋକଙ୍କୁ ଭ୍ରମିତ କରିବା ସହ ପ୍ରଲୋଭନ ଆଳରେ ସେମାନଙ୍କୁ ଠକୁଥିବା ନଜିର ରହିଛି। ଜନକଲ୍ୟାଣ ଅପେକ୍ଷା ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ମୁଖାଧାରି ନେତା। ରକ୍ଷକ ଯଦି ନିଜେ ଭକ୍ଷକ ସାଜିବେ ତେବେ ଜନତା କାହାକୁ ବିଶ୍ୱାସ କରିବେ?

ସାମ୍ପ୍ରତିକ ସମୟରେ ଦେଖିବାକୁ ଗଲେ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ଏବଂ ସମାନ ସମୟରେ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସରକାରଙ୍କ ସାମ୍ନାରେ ବଡ଼ ଆହ୍ୱାନ। ତେବେ ଦେଖିବାକୁ ବାକି ରହିଲା ଭୋଟରଙ୍କୁ ମନାଇ କେଉଁ ଦଳ ସେମାନଙ୍କ ସମର୍ଥନ ହାସଲ କରୁଛି। ନୂଆପଡ଼ାରେ କିଏ ବିଜୟ ପତାକା ଉଡ଼ାଇବ ତାହା ଫଳାଫଳରୁ ହିଁ ସ୍ପଷ୍ଟ ହେବ।

**ଭୁବନେଶ୍ୱର, ମୋବାଇଲ୍: ୮୨୮୦୧୦୧୯୪୮**



# ଝାଡ଼ଖଣ୍ଡରେ ପୁଣ୍ୟ କାର୍ତ୍ତିକ



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ପାରମ୍ପରିକ ଓଷା, ବ୍ରତ ପାଳନରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ବେଶ ଆଗରେ। ଓଡ଼ିଶାରେ ପାଳିତ ଓଷା ବ୍ରତ ଭିତରେ କାର୍ତ୍ତିକ ମାସରେ ପାଳନ କରାଯାଉଥିବା କାର୍ତ୍ତିକ ବ୍ରତ ଓ ପଞ୍ଚୁକ ତଥା ଆକାଶ ଦୀପର ପରମ୍ପରା ଅନେକ ମହତ୍ୱ ରଖିଥାଏ। ଝାଡ଼ଖଣ୍ଡ ହେଉଛି ଭାରତର ଏପରି ରାଜ୍ୟ ଯେଉଁଠି ଓଡ଼ିଶା ହେଉଛି ଦ୍ୱିତୀୟ ମାତୃଭାଷା। ଆସନ୍ତ ୧୫ ନଭେମ୍ବରକୁ ଝାରଖଣ୍ଡ ରାଜ୍ୟ ସ୍ଥାପନକୁ ୨୫ ବର୍ଷ ହୋଇଯିବ। ଏହି ୨୫ ବର୍ଷ ଭିତରେ ଝାରଖଣ୍ଡରେ ରହୁଥିବା ମୋ ପରି ପିଢ଼ି ପିଢ଼ି ଧରି ଅନେକ ଅନେକ ଓଡ଼ିଆଙ୍କ ସ୍ମୃତି ଭିତରେ ରହିଛି ପୁଣ୍ୟ କାର୍ତ୍ତିକ। କହିବାକୁ ଗଲେ ଏହି କାର୍ତ୍ତିକ ମାସଟା ଝାରଖଣ୍ଡ ବିଶେଷକରି ଟାଟା ନଗର ଓ ସନ୍ନିକଟ ଅଞ୍ଚଳ ଏକ ମହ ମହ ପାରମ୍ପରିକ ଓଡ଼ିଆ ପଣର ବାସ୍ନାରେ ଚର୍ତୁଦିଗକୁ ମହକିତ କରିଥାଏ। ଏଠାରେ ଜାମସେଦପୁର ସହର ଠାରେ ଅବସ୍ଥାନ କରୁଥିବା ଓଡ଼ିଆ ଭାଇ ଭଉଣୀ ମାନଙ୍କର ମହାକାର୍ତ୍ତିକର ଡଙ୍ଗା ଭସା, ରାହାସ, ଭାଗବତ ପାଠ, ପଞ୍ଚୁକ ଓ ଆକାଶ ଦୀପ ପ୍ରଜ୍ୱଳନର ବହୁ ପୁରୁଣା ପରମ୍ପରାକୁ ବଜାୟ ରଖିଛନ୍ତି। ଅନେକ ହୁଏତ ଜାଣିନଥିବେ ଝାରଖଣ୍ଡର ପ୍ରବାସୀ ଓଡ଼ିଆ ମାନଙ୍କ ଦ୍ୱାରା ଗଢ଼ା ହୋଇଥିବା ଜଗନ୍ନାଥ ମନ୍ଦିର ଓ ଅନ୍ୟ ମନ୍ଦିର ମାନଙ୍କରେ ପାରମ୍ପରିକ ଭାବେ ପଞ୍ଚୁକ ପାଳନ ହୋଇଥାଏ।

ଜାମସେଦପୁରର ସନ୍ନିକଟରେ ରହିଥିବା ଛୋଟିଆ ସହର ସୋନାରୀ ଏହାରି ପାଖରେ ସୁବର୍ଣ୍ଣରେଖା ନଦୀଘାଟ ଓ ଖଡ଼ଖାଇ ନଦୀର ଘାଟ ମାନଙ୍କରେ ଓଡ଼ିଆ ଆବାଳ ବୃଦ୍ଧ ବନିତା ଏକତ୍ର ହୋଇ ଡଙ୍ଗା ଭସାନ୍ତି। ଏହାଛଡ଼ା ସହରର ଅନ୍ୟ ସ୍ଥାନ ଯଥା କଦମା, ବିଷ୍ଟୁପୁର, ସାକଚୀ, ବାରିଡ଼ିଅ, ସିଦ୍ଧଗୋଡ଼ା, ଆଦିତ୍ୟପୁର, ପଶୁଡ଼ିଅ ଛଡ଼ା ଗୋଲପାହାଡ଼ି ଜଗନ୍ନାଥ ମନ୍ଦିର, ଉତ୍କଳ ଆସୋସିଏସନସ୍ଥ ସାକଚୀର ଜଗନ୍ନାଥ ମନ୍ଦିର ଖାସମହଲର ଜଗନ୍ନାଥ ମନ୍ଦିର, ଗୋଲମୁରୀ ଉତ୍କଳ ସମାଜର ଜଗନ୍ନାଥ ମନ୍ଦିର, ଶାସ୍ତ୍ରୀ ନଗର ଠାରେ ଥିବା ମନ୍ଦିର ପ୍ରାଗଣରେ ସୋଲ ଡ଼ଙ୍ଗା, କାଗଜ ଡଙ୍ଗା, ସଳିତା, ଧୂପଦୀପ ଆଦି ପୂଜା ସାମଗ୍ରୀ ଓଡ଼ିଆ ମାନଙ୍କ ପାଇଁ ବିକ୍ରି ହୋଇଥାଏ ଏହାଛଡ଼ା ଚାଇଁବସାର କୁଜୁ ନଦୀ କୂଳରେ ଡଙ୍ଗା ଭସା କରାଯାଏ। ଷଢ଼େଇଁକଲା ନିକଟସ୍ଥ ସଞ୍ଜୟ ନଦୀ ଓ ଅନ୍ୟାନ୍ୟ ପୁଷ୍କରିଣୀରେ ଡଙ୍ଗାଭସା ଧୁମଧାମରେ ହୁଏ। ଖରସୁଆଁ, ଚକ୍ରଧରପୁର, ଜୟନ୍ତ ଗଡ, କେରା, ଖଇରପାଳ, ହାତା, ହେଁସଲ, ଗୋବିନ୍ଦପୁର, ଖୀରି, ବାନା, କେଶରଗଡ଼ିଆ, ହଳଦୀ ପୋଖରୀ, ଯାଦୁଗଡ଼ାରେ ରାଧାକୃଷ୍ଣଙ୍କ ମୂର୍ତ୍ତି ନିର୍ମିତ ହୋଇଅଛି। ଯେଉଁଠି ଭଜନ କୀର୍ତ୍ତନ ସହ ପଙ୍ଗତ ଓ ଅନ୍ନଭୋଗର ଆୟୋଜନ ସହ ଘାଟଶୀଳା, ଧଳଭୂମଗଡ଼, ବହଳାଗୋଡ଼ା ଆଦି ଅଞ୍ଚଳରେ ରାହାସ ଗାୟନ ଓ ଭାଗବତ ପଠନର ଦୃଶ୍ୟ ପବିତ୍ର କାର୍ତ୍ତିକରେ ପରିଲକ୍ଷିତ ହୋଇଥାଏ। ଚଳିତ ବର୍ଷ ଉତ୍କଳ ଆସୋସିଏସନରେ ହବିଷ ଅନ୍ନ ସେବନ ଓ ଅଷ୍ଟପ୍ରହରୀ ଆୟୋଜନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ବର୍ମା ମାଇନସର ଇଷ୍ଟ ପ୍ଲାଣ୍ଟ ବସ୍ତୀ



ଠାରେ ଅଷ୍ଟପ୍ରହରୀ ଓ ପ୍ରସାଦ ସେବନର ଆୟୋଜନ ଏଠାକାର ଓଡ଼ିଆ ମାନଙ୍କୁ ବହୁଳ ଭାବରେ ଆକୃଷ୍ଟ କରିଥାଏ। ଏହି ଅବସରରେ ଓଡ଼ିଆମାନେ ଏକତ୍ର ହୋଇ ସୁଖଦୁଃଖ ହେବାର ସୁଯୋଗ ପାଇଥାନ୍ତି।

ସବୁଠାରୁ ବଡ଼କଥା ହେଉଛି ପିଢ଼ି ପିଢ଼ି ଧରି ଏଠାରେ ଓଡ଼ିଆମାନେ ରହି ଆସୁଥିବାବେଳେ ସ୍ଥାନୀୟ ଝାରଖଣ୍ଡ ଅଧିବାସୀମାନେ ସତେ ଯେପରି ନିଜ ଓଡ଼ିଆ ଭାଇ ମାନଙ୍କ ପରି ଲାଗନ୍ତି। ପୁଣ୍ୟ କାର୍ତ୍ତିକରେ ସମସ୍ତେ ଭାଇଚାରାର ବନ୍ଧନୀରେ ତମାମ କାର୍ତ୍ତିକ ମାସକୁ ଆନନ୍ଦମୟ ଭାବେ ପାଳନ କରିଥାନ୍ତି। ଟାଟା ନଗର ରେଳ ଷ୍ଟେସନ ପାଖରେ ଥିବା ବନିତ ମାଉସୀଙ୍କ ଦୋକାନରେ ଦୁବଠାରୁ ବରକୋଳି ପତ୍ର, ନଡ଼ିଆ ଠାରୁ ପଦ୍ମଫୁଲ ଓ ଭୋଗ ସାମଗ୍ରୀ ସବୁ ମିଳେ। ମାଉସୀଙ୍କ ଚାରି ପିଢ଼ି ଏଠାରେ ରହିଲେଣି। ମାଉସୀ କିନ୍ତୁ ଓଡ଼ିଆ ମାନଙ୍କ ଖାସ ଏହି କାର୍ତ୍ତିକ ମାସ ପାଇଁ ତାଙ୍କର ପସରା ମେଲାଇଥାନ୍ତି। ସେହିପରି ସାକଚୀରେ ସୁଦୂର ସାକ୍ଷୀଗୋପାଳରୁ ଆସିଥିବା ସୁଧୀର ଓ ବିରଞ୍ଚି ଦୁଇ ଭାଇ ହବିଷ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ତାଙ୍କ ଗୋସେଇଁ ବାପା ଅମଳରୁ ଏଠାରେ ପ୍ରସ୍ତୁତ ହବିଷ ବିଶେଷକରି ଚୁଡ଼ାରେ ତିଆରି ହବିଷ ଓ ଡାଲାମା କେବଳ ଓଡ଼ିଆ ମାନଙ୍କୁ ନୁହେଁ ସ୍ଥାନୀୟ ଲୋକମାନଙ୍କର ପସନ୍ଦ ହୋଇଥାଏ। ଓଡ଼ିଶାରେ ରହୁଥିବା ବିଶେଷକରି ଉପକୂଳବର୍ତ୍ତୀ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଯାଜପୁର, ପୁରୀ ଅଞ୍ଚଳର ଯେଉଁମାନେ ବି ସେମାନଙ୍କର ସମ୍ପର୍କୀୟ ଏଠାରେ ରହିଥାନ୍ତି ପ୍ରାୟତଃ ଅନେକ ଝାରଖଣ୍ଡକୁ କାର୍ତ୍ତିକରେ ସମୟ କାଟିବା ପାଇଁ ଆସିଥାନ୍ତି। ଏଠିକାର ଜଗନ୍ନାଥ ମନ୍ଦିରରେ ବରାଦି ଭୋଗର ବହୁତ ଚାହିଦା ରହିଥାଏ। ଅନେକ ହୁଏତ ଜାଣିନଥିବେ ଓଡ଼ିଆ ଝିଅମାନେ ଯେଉଁ ମୁରୁଜ ପକାଇଥାନ୍ତି ତାହା ଭିତରେ ରହିଥାଏ ଓଡ଼ିଆ କଳା ନୈପୁଣ୍ୟର ଅନବଦ୍ୟ କୃତୀ। ଅନେକ ଧର୍ଣ୍ଣାଢ଼୍ୟ ଓ ପ୍ରତିଷ୍ଠିତ ଓଡ଼ିଆମାନେ କାର୍ଯ୍ୟକ୍ରମ ପାଇଁ ପୃଷ୍ଟପୋଷକତା କରିଥାନ୍ତି ଓ ଅନେକ ଓଡ଼ିଆ ଘରେ ଏହି ଧର୍ମ କାର୍ତ୍ତିକରେ ମାସ ତମାମ ଅସହାୟ ଓ ଗରିବ ଲୋକମାନଙ୍କୁ ଅନ୍ନଦାନ ସହ ବସ୍ତ୍ର ଦାନ କରି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। ବାସ୍ତବରେ ଗଙ୍ଗା ପରି ତୀର୍ଥ ନାହିଁ, ସତ୍ୟ ଯୁଗ ପର ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ, କାର୍ତ୍ତିକ ପରି ମାସ ହିଁ ନାହିଁ। ସୁଦୂର ପ୍ରବାସୀ ଉତ୍କଳୀୟ ଭାବନାରେ ପୁଣ୍ୟ କାର୍ତ୍ତିକରେ ରାଇଦାମୋଦର ଠାରୁ ବାଲୁକା ପୂଜା, ବୋଇତ ବନ୍ଦାଣରେ ଶେଷ ହୋଇଥାଏ ପୁଣ୍ୟ କାର୍ତ୍ତିକର ରୀତିନୀତି। କେବଳ ବର୍ଷକରେ ଥରେ ଏହି ଧର୍ମ ମାସ କାର୍ତ୍ତିକ ପାଳନ ନହୋଇ ବର୍ଷ ତମାମ ଆମେ ଭଗବାନଙ୍କ କୃପା ପାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ଏହି କାର୍ତ୍ତିକ ଚେତନା ଆମ ସମସ୍ତଙ୍କୁ ଅନୁପ୍ରେରିତ କରୁ ଏହା ହିଁ କାମନା।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**

# ଆ କା ମା ବୈ ଆମ ଅସ୍ମିତାର ପ୍ରତୀକ



**ରୀତା ସ୍ୱାଇଁ**

**ଆ, କା, ମା, ବୈ କେବଳ ମାସ ଗଣନା ଓ ନୌବାଣିଜ୍ୟର ପରିଚାୟକ ନୁହେଁ, ବରଂ ଆମ ଅସ୍ମିତାର ପ୍ରତୀକ।**

**ଆ, କା, ମା, ବୈ, ପାନ ଗୁଆ ଥୋଇ,**
**ପାନ ଗୁଆ ତୋର, ମାସକ ଧରମ ମୋର।**

କାର୍ତ୍ତିକ ପୂନେଇଦିନ ଏହିକଥା କହି ନଈ-ପୋଖରୀରେ ଡଙ୍ଗାଟିଏ ଭସେଇ ଦେଉଦେଉ କଳ୍ପନାରେ ଭାସିଆସେ ଆମ ଅତୀତ ଉତ୍କଳର ନୌବାଣିଜ୍ୟ ପରମ୍ପରା କଥା। ମନେପଡ଼େ ସାଧବପୁଅର ସେହି ଦୁଃସାହସିକ ଗୌରବମୟ ଯାତ୍ରା। ଓଡ଼ିଆ ସାଧବପୁଅମାନେ ଗଭୀର ସମୁଦ୍ରରେ ବେପାରବଣିଜ ପାଇଁ ବୋଇତରେ ଦୂରଦେଶକୁ ଯାତ୍ରା କରୁଥିଲେ ଏବଂ ଅସୁମାରୀ ମୂଲ୍ୟବାନ ଧନରତ୍ନ ସହ ନିଜଦେଶକୁ ଫେରିବାପରେ ଧନଧାନ୍ୟରେ ପୂରିଉଠୁଥିଲା ଉତ୍କଳ। ବେଶ୍ ଗୌରବମୟ ଆମ ଅତୀତ ଉତ୍କଳର ନୌବାଣିଜ୍ୟ ପରମ୍ପରା। ପ୍ରାଚୀନ କଳିଙ୍ଗର ଏହି ନୌବାଣିଜ୍ୟ ଆମ ଓଡ଼ିଆ ସଂସ୍କୃତି ଓ ସମାଜକୁ ବହୁଭାବେ ପ୍ରଭାବିତ କରିଆସିଛି। ସାଧବପୁଅର ଦୁଃସାହସିକ ଜଳଯାତ୍ରା କେବଳ ତଅପୋଇ ଲୋକକଥା କାହାଣୀରେ ସୀମିତ ହୋଇ ନାହିଁ, ଏହାର ଇତିହାସ ଯେ କେତେ ସମୃଦ୍ଧ ତାହା କଟକ ନୌବାଣିଜ୍ୟ ସଂଗ୍ରହାଳୟରେ ଅନେକ ପ୍ରତିଲିପିରୁ ବୁଝିହୋଇଯାଏ। ପୁଣି ଅନେକ ଗାତ୍ରରେ, ଶିଳାଲିପିରେ ଆମ ନୌବାଣିଜ୍ୟ ଚିତ୍ରର ପ୍ରତିଛବି ସହ ପୁରୀ ଜଗନ୍ନାଥ ମନ୍ଦିର ଭୋଗମଣ୍ଡପରେ ବୋଇତର ଚିତ୍ର ଆମ ନୌବାଣିଜ୍ୟର ସମୃଦ୍ଧ ପରମ୍ପରାକୁ ସୂଚିତ କରେ।

ଧର୍ମମାସ କାର୍ତ୍ତିକର ଶେଷଦିନଟି କାର୍ତ୍ତିକ ପୂର୍ଣ୍ଣିମା। କାର୍ତ୍ତିକ ପୂର୍ଣ୍ଣିମାର ଉତ୍ସବ ଏକାଦଶୀରୁ ଆରମ୍ଭ ହୋଇ ପୂର୍ଣ୍ଣିମାଦିନ ଶେଷ ହୋଇଥାଏ। ଏହି ପାଞ୍ଚଦିନର ଉତ୍ସବକୁ ପଞ୍ଚୁକ ବୋଲି କହନ୍ତି। ଏହି ପାଞ୍ଚଦିନ ବର୍ଷର ସବୁଠାରୁ ପବିତ୍ରଦିନ ବୋଲି ବିଶ୍ୱାସ କରାଯାଏ। କାର୍ତ୍ତିକ ପୂର୍ଣ୍ଣିମାଦିନ ଗୋପୀ ଓ କୃଷ୍ଣଙ୍କ ରାସୋତ୍ସବ ପାଳନ କରାଯାଏ। ତେଣୁ ଏହାକୁ ମଧ୍ୟ ରାସପୂର୍ଣ୍ଣିମା କହନ୍ତି। କାର୍ତ୍ତିକମାସରେ ଓଡ଼ିଶାବାସୀମାନେ ଆମିଷ ତଥା ପିଆଜରସୁଣଯୁକ୍ତ ଖାଦ୍ୟ ବାରଣକରି କେବଳ ସାତ୍ତ୍ୱିକ ଭୋଜନ କରିଥାନ୍ତି। ଏହି ସମୟରେ ଭକ୍ତମାନେ ଦିନରେ ଥରେମାତ୍ର ଆହାର ଗ୍ରହଣକରି ଉପବାସ କରିଥାନ୍ତି, ଯାହାକୁ ହବିଷ କୁହାଯାଏ। ଏହିଦିନ କାର୍ତ୍ତିକେୟଙ୍କ ପୂଜା ଅନୁଷ୍ଠିତ ହୁଏ। ଅତ୍ୟାଚାରୀ ତାରକାସୁରକୁ ବିନାଶ କରିବାପାଇଁ କାର୍ତ୍ତିକେୟ ରାସପୂର୍ଣ୍ଣିମା ଦିନ ଆବିର୍ଭୂତ ହୋଇଥିଲେ। ତୁଳସୀ ବୃନ୍ଦାବତୀଙ୍କର ମଧ୍ୟ ଏହିଦିନ ଜନ୍ମ ହୋଇଥିଲା।

ପ୍ରାଚୀନକାଳରେ ଓଡ଼ିଶାର ସାଧବପୁଅମାନେ ଏହିଦିନ ବୋଇତରେ ଇଣ୍ଡୋନେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ଜାଭା, ସୁମାତ୍ରା, ଶ୍ୟାମ, ସିଂହଳ, ବାଲିଦ୍ୱୀପ, ମାଲେସିଆ ଓ ବୋର୍ଣ୍ଣିଓ ଭଳି ଦୂରଦେଶକୁ ବାଣିଜ୍ୟ ବ୍ୟବସାୟ ପାଇଁ ଯାତ୍ରାକରି ବହୁ ଧନରତ୍ନ ସହ ସେମାନଙ୍କର ସମ୍ପଦକୁ। ତାହାକୁ ମନେପକାଇବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାଦିନ ଆବାଳବୃଦ୍ଧବନିତା ପ୍ରଭାତରୁ ଉଠି ଜଳାଶୟରେ ପବିତ୍ର ସ୍ନାନ କରନ୍ତି, ଯାହାକୁ କାର୍ତ୍ତିକବୁଡ଼ ବା କାର୍ତ୍ତିକସ୍ନାନ ମଧ୍ୟ କହନ୍ତି।



ପୂର୍ବପୁରୁଷଙ୍କର ଏହି ପରମ୍ପରାର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତିବର୍ଷ କଟକ ସହରର ଗଡ଼ଗଡ଼ିଆ ଘାଟର ବିସ୍ତୃତ ପଡ଼ିଆରେ ମେଳା ଜମେ। ଏହାକୁ 'ବାଲିଯାତ୍ରା' କହନ୍ତି। ପ୍ରତିବର୍ଷ ବାଲିଯାତ୍ରାରେ ଦେଖିବାକୁ ମିଳେ ବୋଇତବନ୍ଦାଣ ଉତ୍ସବ। କିମ୍ବଦନ୍ତୀ କୁହେ, ବୈଷ୍ଣବ ଧର୍ମ ପ୍ରବର୍ତ୍ତକ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରକୁ ଆଗମନ କରିବାବାଟରେ ୧୫୦୯ମସିହା କାର୍ତ୍ତିକ ପୂର୍ଣ୍ଣିମାଦିନ ପ୍ରଥମେ ଗଡ଼ଗଡ଼ିଆ ଘାଟଠାରୁ ଏହି ବାଲିରେ ଚାଲିଚାଲି ଯାତ୍ରା ଆରମ୍ଭ କରିଥିଲେ। ବାଲିରେ ଚୈତନ୍ୟ ମହାପ୍ରଭୁଙ୍କ ଯାତ୍ରା ଅନୁଯାୟୀ ଏହା ବାଲିଯାତ୍ରା ନାମରେ ନାମିତ ହୋଇଛି। ଖାଲି ସେତିକିନୁହେଁ, ତଅପୋଇ କିମ୍ବଦନ୍ତୀରେ ମଧ୍ୟ ସାଧବପୁଅଙ୍କ ଗାଥା ଶୁଣିବାକୁ ମିଳିଥାଏ। ଯାହା ଆଜି ବି ଖୁଦୁରୁକୁଣୀ ଓଷା ଗୀତରେ ଝିଅବୋହୂମାନେ ଗାଇଥାନ୍ତି ଓ ଶୁଣିଥାନ୍ତି।

କାର୍ତ୍ତିକ ମାସରେ ଭକ୍ତମାନେ ଜଳରେ ବୁଡ଼ି ଦାମୋଦର ବିଗ୍ରହ ଚିନ୍ତନ କରିବାଦ୍ୱାରା ସମସ୍ତ ପାପ ନାଶହୁଏ ବୋଲି ଶ୍ରୀମନ୍ଦିର ସମାଚାରରେ ଉଲ୍ଲେଖ ଅଛି। ଅକ୍ରୁର ମଥୁରାକୁ ଗଲାବେଳେ ଯମୁନାରେ ସ୍ନାନ ସମୟରେ କୃଷ୍ଣଙ୍କୁ ଏହି ଦାମୋଦର ରୂପରେ ଦେଖିଥିଲେ। ଦାମୋଦରଙ୍କ ପରେ ରାଧାଙ୍କ ପ୍ରାର୍ଥନାବିଧି ମଧ୍ୟ କରାଯାଏ। ଏହି 'ରାଈ-ଦାମୋଦର' ବ୍ରତ ମୂଳରେ ଏକ ସୁନ୍ଦର ପୌରାଣିକ କାହାଣୀ ରହିଛି। ଜଗନ୍ନାଥ ମହାପ୍ରଭୁ ବଡ଼ପଣ୍ଡାଙ୍କ ଘରକୁ ପିତୃଶ୍ରାଦ୍ଧରେ ନିମନ୍ତ୍ରଣ ପାଇ ଯାଇଥିଲେ। ବ୍ରାହ୍ମଣୀ ଗଙ୍ଗାଜଳରେ ପାଦଧୌତ କରିଦେଲେ। ଭୋଜନ ଶେଷରେ ନାରାୟଣ ଦିବ୍ୟପଲଙ୍କ ପରେ ବିଜେ ହୋଇଛନ୍ତି, ଆଲଟ ଚାମର ପଡୁଛି। ଷୋଡ଼ଶୋପଚାର ନୈବେଦ୍ୟ ଓ ପାନବିଡ଼ିଆ ଶେଷହେଲା। ପ୍ରଭୁ ଦାମୋଦର ବଡ଼ପଣ୍ଡାଙ୍କୁ ବର ମାଗିବାକୁ କହିଲେ। ବଡ଼ପଣ୍ଡା ହାତଯୋଡ଼ି କହିଲେ, 'ହେ କମଳାକାନ୍ତ, ମୋର ଏକମାତ୍ର କନ୍ୟାକୁ ଆପଣ ଗ୍ରହଣ କରନ୍ତୁ।' ରାଈଙ୍କର ବିବାହ ସମ୍ପନ୍ନ ହେଲା। କିଛିଦିନ ପରେ ରାଈକନ୍ୟା ଗର୍ଭବତୀ ହେଲେ। ଏଣୁ କମଳାଙ୍କ ଭୟରେ-

"ଶ୍ୱଶୁରଙ୍କୁ ପ୍ରଭୁ ବୋଲନ୍ତି ତହିଁ, ରାଈକି ଯେବେ ମୁଁ ଘେନି ଯିବଇଁ
ଅତି ଦୁଷ୍ଟ ଅଟେ ସିନ୍ଧୁ ତନୟୀ, ଏହିଠାରେ ଥାଉ ରାଈ ଯେ ତହିଁ
ଜନ୍ମ ହୋଇବ ଏକଇ ନନ୍ଦନ, ମକରଧ୍ୱଜ ନାମ ହେବ ଜାଣ।"

ରାଈ ଏହିଠାରେ ରହିବ। ତା'ର ପୁଅଟିଏ ହେବ। ତୁମେ ସେ ପୁଅଟିର ନାମଦେବ 'ମକରଧ୍ୱଜ'। ଏହାପରେ ପ୍ରଭୁ 'ରାଈ' କନ୍ୟାକୁ ତା'ର ମନସ୍କାମନା କ'ଣ ବୋଲି ପଚାରିବାରୁ ସେ ଉତ୍ତରଦେଲେ-

"ତୁମ୍ଭ କୋଳେ ବସି ଘେନିବି ପୂଜା, କଦଳୀ ନଡ଼ିଆ ଯେ ମୁଗଭଜା,
ସିନ୍ଧୁକୂଳେ ବସି ଘେନିବି ପୂଜା, ସନ୍ତୋଷେ ପୂଜିବି ଦେବାଧିରାଜା।"

ମହାପ୍ରଭୁ ଏଥିରେ ଶଙ୍କିତ ହୋଇ କହିଲେ, "ଲକ୍ଷ୍ମୀଙ୍କୁ ସେବାକରି ତାଙ୍କଠାରୁ ଏ ବର ମାଗିଆଣ।" ରାଈକନ୍ୟା ଲକ୍ଷ୍ମୀଙ୍କ ସେବା କରିବାରୁ ଲକ୍ଷ୍ମୀ ସନ୍ତୁଷ୍ଟହୋଇ ବର ଯାଚିଲେ। ସେ ଦାମୋଦରଙ୍କୁ ମାଗିଲେ। ମାତ୍ର ଲକ୍ଷ୍ମୀ ଦାମୋଦରଙ୍କୁ ଦେଇପାରିବେ ନାହିଁ ବୋଲି କହିବାରୁ ରାଈ କହିଲେ ସମ୍ପୂର୍ଣ୍ଣ ନ ଦେଲେ ନାହିଁ, କାର୍ତ୍ତିକ ମାସଟି ଦିଅନ୍ତୁ। କିନ୍ତୁ ଲକ୍ଷ୍ମୀ ରାଈଙ୍କୁ ପଚିଶଦିନ ପର୍ଯ୍ୟନ୍ତ ଦେବାପାଇଁ ରାଜିହେଲେ ଓ ଶେଷ ପାଞ୍ଚଦିନ ପ୍ରଭୁଙ୍କୁ ତାଙ୍କୁ ଦେବାକୁ କହିଲେ। ସେହିଦିନରୁ ରାଈ କାର୍ତ୍ତିକ ମାସରେ ପଚିଶଦିନ ଦାମୋଦରଙ୍କ ସହ ପୂଜା ପାଇଲେ। ଅବଶିଷ୍ଟ ପାଞ୍ଚଦିନ ନାରାୟଣଙ୍କ ସହ ଲକ୍ଷ୍ମୀ ପୂଜା ପାଇଲେ। ଜଗନ୍ନାଥ ଏଠାରେ କୃଷ୍ଣ, ରାଈ 'ରାଧା'ଙ୍କର ଏକ ରୂପ।

ଚାନ୍ଦ୍ରାୟଣ ବ୍ରତର ସମାପ୍ତି ମଧ୍ୟ ଏହିଦିନ ହୁଏ। ଏହି ମାସରେ ଜଗନ୍ନାଥଙ୍କ ବିଭିନ୍ନ ବେଶ ହୋଇଥାଏ। ରାଧା-ଦାମୋଦର ବେଶ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୁଏ। ତୁଳସୀବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତିସହକାରେ ଆରାଧନା କରାଯାଇଥାଏ। ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ କୃତ୍ୟର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ। ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମପଥକୁ ଆଲୋକିତ କରିବାପାଇଁ ଉଚ୍ଚସ୍ଥାନରେ ଏହି ପ୍ରଦୀପ ଜ୍ୱଳନବିଧି ପ୍ରଚଳିତ। ଏହି ମାସରେ ବିଷ୍ଣୁ, ଚାରିବେଦ, ବେଦର ମନ୍ତ୍ର ଏବଂ ସମସ୍ତ ତୀର୍ଥ ଆଦି ଜଳରେ ରହିଥିବାରୁ ପ୍ରଭାତ ସମୟରେ ସ୍ନାନକରି ସୂର୍ଯ୍ୟଙ୍କୁ ଜଳତର୍ପଣ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

କାର୍ତ୍ତିକ ପୂର୍ଣ୍ଣିମାକୁ 'ଦେବଦୀପାବଳି' ଭାବେ ମଧ୍ୟ ପାଳନ କରାଯାଏ। କଥିତଅଛି, ଥରେ ତ୍ରିପୁରାସୁର ନାମକ ରାକ୍ଷସ ଦେବତାମାନଙ୍କୁ ପରାସ୍ତକରି ତିନିଲୋକର ତିନିଦୁର୍ଗରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା। ଦେବତାମାନଙ୍କୁ ତ୍ରିପୁରାସୁରର ଅତ୍ୟାଚାରରୁ ରକ୍ଷାକରିବା ପାଇଁ ଭଗବାନ ଶିବ ପ୍ରକଟ ହୋଇଥିଲେ ଏବଂ ତାକୁ ତୀର ସାହାଯ୍ୟରେ ବଧ କରିଥିଲେ। ତେଣୁ ଏହିଦିନକୁ ଭଗବାନ ଶିବ ଆଲୋକର ପର୍ବ ତଥା 'ଦେବଦୀପାବଳି' ଭାବେ ପାଳନ କରିବାକୁ ଅନୁମତି ଦେଇଥିଲେ।

ବିଜ୍ଞାନ ଦୃଷ୍ଟିକୋଣରୁ ବର୍ଷାଋତୁ ପରେ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। ବର୍ଷାଋତୁରେ ଅନେକ ବିଷାକ୍ତ କୀଟପତଙ୍ଗ ଜନ୍ମ ହୋଇଥାନ୍ତି । ଆମେ ଯେଉଁ ଜୀବମାନଙ୍କୁ ଆମିଷରୂପେ ଗ୍ରହଣକରୁ, ପ୍ରକୃତରେ ସେମାନେ ସେହି ବିଷାକ୍ତ କୀଟପତଙ୍ଗ ଖାଉଥିବାରୁ ବିଷାକ୍ତଅଂଶ ସେମାନଙ୍କ ଶରୀରରେ ମଧ୍ୟ ଉପସ୍ଥିତ ଥାଏ। ତେବେ ବର୍ଷାଋତୁ ପରେ ୧-୨ମାସ ଆମିଷ ଖାଇବା ଉଚିତ୍ ନୁହେଁ। ତେଣୁ ପୌରାଣିକ ଓ ବୈଜ୍ଞାନିକ ଉଭୟ ଦୃଷ୍ଟିରୁ କାର୍ତ୍ତିକ ପବିତ୍ରତମ ମାସ।

**ଖଜୁରା, କସର୍ଦ୍ଦା, କଟକ**



# ଫିଲିପାଇନ୍ସରେ କାଲମାଏଗି ତାଣ୍ଡବ

**ଲ୍ୟାଣ୍ଡଫଲ ବେଳେ ୧୫୫ କିମି ବେଗରେ ବହିଲା ପବନ**

**ଭାଙ୍ଗିଲା ଗଛ, ଘରଦ୍ୱାର ଓ ଅନେକ ବିଦ୍ୟୁତ ଖୁଣ୍ଟ**

ନୂଆଦିଲ୍ଲୀ,୪।୧୧: ଫିଲିପାଇନ୍ସକୁ ହିଟ୍ କଲା ଟାଇଫୁନ କାଲମାଏଗି। ସିଲାଗୋରେ ଲ୍ୟାଣ୍ଡଫଲ ପରେ କେନ୍ଦ୍ରୀୟ ଫିଲିପାଇନ୍ସରେ ତାଣ୍ଡବ ରଚିଛି ଟାଇଫୁନ କାଲମାଏଗି। ସୋମବାର ମଧ୍ୟ ରାତ୍ରିରେ ବାତ୍ୟା ଲ୍ୟାଣ୍ଡଫଲ କରିଥିବା ବେଳେ ୧୫୫ କିମି ବେଗରେ ବହିଥିଲା ପବନ। ସେହିପରି ଝଟକା ପବନ ୧୯୦ କିମି ଯାଏ ବହିଥିଲା। ବିଶେଷ କରି ଫିଲିପାଇନ୍ସର ଲେଟେ ଓ ସମର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି ସାମୁଦ୍ରିକ ଝଡ଼। ବହୁ ଘରଦ୍ୱାର ଭାଙ୍ଗିଥିବା ବେଳେ, ବଡ ବଡ଼ ଗଛ, ଇଲେକ୍ଟ୍ରି ପୋଲ ମାଟିରେ ମିଶିଛି। ଉପକୂଳବର୍ତ୍ତୀ ସେବୁ ଓ ନେଗ୍ରୋସରେ ୩ ମିଟର ଉଚ୍ଚର ଜୁଆର ଆସିଥିବା ସୂଚନା ମିଳିଛି। ଏପଟେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ଭିସାୟସ ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିବା ବେଳେ ରାସ୍ତାଘାଟ ବନ୍ଦ ହୋଇଯାଇଛି। ବିମାନ ଉଡ଼ାଣ ବାତିଲ କରାଯାଇଥିବାରୁ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି। ଲ୍ୟାଣ୍ଡଫଲ ପରେ ଟାଇଫୁନ କାଲମାଏଗି ସୁଲୁ ସାଗର ଉପରେ ଥିବାବେଳେ ଧୀରେ ଧୀରେ ଦୁର୍ବଳ ହେଉଛି।

# ପାକିସ୍ତାନ ସୁପ୍ରିମକୋର୍ଟରେ ସିଲିଣ୍ଡର ବିସ୍ଫୋରଣ ; ୧୨ ଆହତ

ଇସଲାମାବାଦ, ୪।୧୧ : ପାକିସ୍ତାନ ସୁପ୍ରିମକୋର୍ଟରେ ହୋଇଛି ବିସ୍ଫୋରଣ। ବେସମେଣ୍ଟରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବାରୁ ଯୋଗୁଁ ୧୨ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ବିଲଡିଂରେ ସେଣ୍ଟ୍ରାଲ ଏସି ସିଷ୍ଟମ ମରାମି କାମ ସମୟରେ ହୋଇଥିବା ଜଣାପଡିଛି। ବିସ୍ଫୋରଣ ପରେ ବିଲଡିଂରେ ଆତଙ୍କ ଦେଖାଦେଇଛି। ସମସ୍ତେ ଜୀବନ ବିକଳରେ ଚାରିଆଡେ ଦୌଡିଛନ୍ତି। ବିସ୍ଫୋରଣ ଶବ୍ଦ ଶୁଣିବା ପରେ ଓକିଲ, ଜଜ୍ ଏବଂ ଷ୍ଟାଫ, ଅନ୍ୟ କର୍ମଚାରୀ କୋର୍ଟ ପରିସର ବାହାରକୁ ଦୌଡିଥିଲେ। ବିସ୍ଫୋରଣ ପରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଘଟଣା ପରେ ରେସକ୍ୟୁ ଟିମ୍ ଏବଂ ସୁରକ୍ଷାକର୍ମୀ ପହଞ୍ଚିଛନ୍ତି। ଆହତ କର୍ମଚାରୀ ଏବଂ ଏସି ପ୍ଲାଣ୍ଟ ପାଖରେ କାମ ହେଉଥିଲା। ଯେଉଁମାନେ ଆହତ ହୋଇଛନ୍ତି, ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ବେସମେଣ୍ଟରେ ଥିବା କ୍ୟାଫେଟେରିଆ କେବଳ ସୁପ୍ରିମକୋର୍ଟର କର୍ମଚାରୀଙ୍କ ପାଇଁ ଚାଲୁଛି। ସେଠାରେ ହିଁ ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଯୋଗୁଁ କ୍ୟାଣ୍ଟିନରେ ଥିବା ଫର୍ନିଚର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମ୍ବନ୍ଧୀୟ ଅଧିକାର ଯାଞ୍ଚ ଆରମ୍ଭ କରିଛନ୍ତି। ତେବେ ପୂର୍ବରୁ ଏମିତି ବିସ୍ଫୋରଣ ହୋଇସାରିଛି। ଯେଉଁଥିରେ ଲୋକଙ୍କ ଜୀବନ ଚାଲିଯାଇଛି। ଏହାର ମୁଖ୍ୟ କାରଣ ଖରାପ କ୍ୱାଲିଟିର ଗ୍ୟାସ ସିଲିଣ୍ଡର ବ୍ୟବହାର ବୋଲି ଜଣାପଡିଛି।




**ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଶେଷ**

# ଗର୍ଜିଲେ ମୋଦି, ଶାହ, ଯୋଗୀ ଓ ତେଜସ୍ୱୀ

**୧୮ ଜିଲ୍ଲାର ୧୨୧ଆସନରେ ଭୋଟ୍**

**୧, ୩୧୪ ପ୍ରାର୍ଥୀଙ୍କର ଭାଗ୍ୟ ପରୀକ୍ଷା**



ପାଟନା, ୪।୧୧: ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆଜି ସରିଛି ପ୍ରଚାର। ଶେଷ ଦିନରେ ଜୋରଦାର ପ୍ରଚାର କରିଛନ୍ତି ବିଭିନ୍ନ ଦଳର ହେଭିୱେଟ୍। ସନ୍ଧ୍ୟା ୫ଟା ପରେ ନିର୍ବାଚନ କମିସନ ଲାଗୁ କରିଛନ୍ତି ଧାରା ୧୨୬। ପ୍ରଥମ ପର୍ଯ୍ୟାୟରେ ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହେବ ମତଦାନ। ୧୩୧୪ ଜଣ ପ୍ରାର୍ଥୀଙ୍କ ହେବ ଭାଗ୍ୟ ପରୀକ୍ଷା। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି।

ବିହାରରେ ଆଜି ବିଭିନ୍ନ ଦଳର ନେତା ମାରାଥନ ପ୍ରଚାର କରୁଛନ୍ତି। ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭା, ଶୋଭାଯାତ୍ରା ଓ ସଭା ଆୟୋଜନ କରାଯାଉଛି। ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦରଭଙ୍ଗାରେ ନିର୍ବଚନୀ ରାଲିରେ ଯୋଗଦେଇଛନ୍ତି। ଆରଜେଡି ଓ କଂଗ୍ରେସକୁ ସମାଲୋଚନା କରି ଶାହ କହିଛନ୍ତି, ଲାଲୁଙ୍କ ପୁଅ ମୁଖ୍ୟମନ୍ତ୍ରୀ କି ସୋନିଆଙ୍କ ପୁଅ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ। ଲାଲୁ ଓ ରାବଡୀଙ୍କ ୧୫ ବର୍ଷର ଜଙ୍ଗଲରାଜ ଆପଣ ଫେରାଇ ଆଣିବାକୁ ଚାହାନ୍ତି କି ବୋଲି ବିହାରବାସୀଙ୍କୁ ଅମିତ ଶାହ ପ୍ରଶ୍ନ କରିଥିଲେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ବିହାରରେ ଏନଡିଏ ପାଇଁ ପ୍ରଚାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରରେ ବିଜେପି ନେତୃତ୍ୱାଧୀନ ଏନଡିଏର ମହିଳା କର୍ମୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଅନ୍ୟପଟେ ବିରୋଧୀ ମହାମେଣ୍ଟ ମଧ୍ୟ ପ୍ରଚାରରେ ପଛରେ ପଡ଼ିନାହିଁ। ଆରଜେଡି ନେତା ତେଜସ୍ୱୀ ଯାଦବ ଓ ଅନ୍ୟମାନେ ବିହାରରେ ଘମାସନ ପ୍ରଚାର ଚଳାଇଛନ୍ତି।

**ନିର୍ବାଚନ ରାଲିରେ ବିବାଦୀୟ ବୟାନ**

# କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ,୪।୧୧: ନିର୍ବାଚନ ରାଲିରେ ଦେଇଥିବା ବିବାଦୀୟ ବୟାନକୁ ନେଇ ଅଡୁଆରେ ଜେଡିୟୁ ନେତା ତଥା କେନ୍ଦ୍ର ମନ୍ତ୍ରୀ ଲଲ୍ଲନ ସିଂହ। ଲଲ୍ଲନଙ୍କୁ ନୋଟିସ ଜାରି କରିଛନ୍ତି ନିର୍ବାଚନ କମିଶନ। ପ୍ରଚାର ସମୟରେ ଧମକ ଦେବା ଅଭିଯୋଗର ଏକ ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ ଲଲ୍ଲନ ଧମକ ଦେଉଥିବାର ଦେଖିବାକୁ ମିଳିଥିଲା। ସତ୍ୟାସତ୍ୟ ଜଣାପଡ଼ିବା ପରେ ଏହି ଭିଡିଓକୁ ଆଟାଚ କରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନ। ମୋକାମାରେ କେନ୍ଦ୍ରମନ୍ତ୍ରୀ ଲଲ୍ଲନ ସିଂହଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବିରୋଧୀ ଦଳଗୁଡ଼ିକ ମୋକାମାରେ ତାଙ୍କ ଭାଷଣକୁ ଗଣତନ୍ତ୍ର ବିରୋଧୀ ଏବଂ ଗରିବ ବିରୋଧୀ ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି। ମୋକାମା ବିଧାନସଭା କ୍ଷେତ୍ରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ଏହି ବିବାଦ ସୃଷ୍ଟି ହୋଇଥିଲା। ମୋକାମାରେ ନେତା ଅନନ୍ତ ସିଂହଙ୍କୁ ପ୍ରାର୍ଥୀ କରିଛି ଜେଡିୟୁ। ଯାହାଙ୍କ ଗିରଫଦାରୀ ଯୋଗୁଁ ଲଲ୍ଲନ ସିଂହ ଏବଂ ଅନ୍ୟ ନେତାମାନେ ପ୍ରଚାର ଦାୟିତ୍ୱ ନେଇଛନ୍ତି। ନିର୍ବାଚନ ଭାଷଣରେ ଲଲ୍ଲନ ସିଂହ କହିଥିଲେ ଯେ, କିଛି ଲୋକ ଅଛନ୍ତି ଯେଉଁମାନଙ୍କୁ ନିର୍ବାଚନ ଦିନ ଘରୁ ବାହାରକୁ ଯିବାକୁ ଦିଆଯିବା ଉଚିତ୍ ନୁହେଁ। ଯଦି ସେମାନେ ବହୁତ ଅନୁରୋଧ କରନ୍ତି, ତେବେ ସେମାନଙ୍କୁ ସାଙ୍ଗରେ ନେଇଯାଅ ଏବଂ ଭୋଟ ଦେବା ପରେ ଘରକୁ ଫେରାଇ ଆଣ। ଏବେ ଦାୟିତ୍ୱ ନିଅ। ନିର୍ବାଚନ ପାଇଁ ଆଉ ସମୟ ବାକି ନାହିଁ। ଲଲ୍ଲନ ସିଂହଙ୍କ ଭିଡିଓ ସାମ୍ନାକୁ ଆସିବା ପରେ ବିରୋଧୀ ତୀବ୍ର ବିରୋଧ କରିଥିଲେ। ଆରଜେଡି କହିଛି କେନ୍ଦ୍ରମନ୍ତ୍ରୀ ଲଲ୍ଲନ ସିଂହ ନିର୍ବାଚନ କମିଶନଙ୍କୁ ବୁଲଡୋଜର ଭାବୁଛନ୍ତି। ଭୋଟ୍ ଦିନ ଘରୁ ବାହାରକୁ ଯିବାକୁ ଦିଆଯିବା ଉଚିତ୍ ନୁହେଁ ଅର୍ଥ ଏହା ଗଣତନ୍ତ୍ର ହତ୍ୟା ଓ ଅସମ୍ମାନ।



# ମୃତ ଭୋଟରଙ୍କୁ ଜୀବିତ ଦେଖାଇବାକୁ ପ୍ରୟାସ

**କମିଶନଙ୍କ ଦ୍ୱାରସ୍ଥ ହେଲେ ଶୁଭେନ୍ଦୁ**

**ରାସ୍ତାକୁ ଓହ୍ଲାଇଲେ ମମତା**



କୋଲକାତା, ୪।୧୧(ସଂଚାର ବ୍ୟୁରୋ): ମଙ୍ଗଳବାରଠାରୁ ବିଏଲ୍ଓମାନେ ଘର ଘର ବୁଲି ଗଣନା ଫର୍ମ ଦେବା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାର ପ୍ରଥମ ଦିନରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଅନେକ ଅଭିଯୋଗ ଉଠାଇ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଜନ୍ମ ପ୍ରମାଣପତ୍ର ସମ୍ପର୍କରେ ଅଭିଯୋଗ ନେଇ ବିଜେପି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଶୁଭେନ୍ଦୁଙ୍କ ଗମ୍ଭୀର ଅଭିଯୋଗ ହେଉଛି ଯେ, ମୃତ ଭୋଟରଙ୍କୁ ଜୀବିତ ଦେଖାଇବାକୁ ଚେଷ୍ଟା କରାଯାଉଛି। ଏହା ବ୍ୟତୀତ, ବିଏଲ୍ଓମାନଙ୍କୁ ବାଧା ଦେବା ଅଭିଯୋଗ ଶୁଣିବା ପରେ ସେ କହିଛନ୍ତି ଯେ, କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେ ଏହା ମଧ୍ୟ କହିଛନ୍ତି ଯେ, ଭୋଟରଙ୍କ ସୁବିଧା ପାଇଁ ସେମାନେ ସହାୟତା କେନ୍ଦ୍ର ମଧ୍ୟ ଖୋଲିବେ।

ମଙ୍ଗଳବାର ଅପରାହ୍ଣରେ ଶୁଭେନ୍ଦୁ କମିଶନଙ୍କ କାର୍ଯ୍ୟାଳୟକୁ ଯାଇ ଅନେକ ଅଭିଯୋଗ ଉଠାଇଥିଲେ। ସେଠାରେ ସେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଯେ, ରାଜ୍ୟରେ ମୃତ ଭୋଟରମାନଙ୍କୁ ଜୀବିତ ଦେଖାଇବାକୁ ଚେଷ୍ଟା କରାଯାଉଛି। ସେ କହିଛନ୍ତି, 'ତୃଣମୂଳ ଏଜେନ୍ସି ନକଲି ଜନ୍ମ ପ୍ରମାଣପତ୍ର ପ୍ରସ୍ତୁତ କରୁଛି।' ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି, 'ଫର୍ମ ଯାଞ୍ଚରେ ଜାଲିଆତି ମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।' ଅଭିଯୋଗ କରିବା ସମୟରେ ସେ କହିଛନ୍ତି ଯେ, କମିଶନରେ ତୃଣମୂଳର ଲୋକ ଅଛନ୍ତି ଯେଉଁମାନେ ସୂଚନା ଲିକ୍ କରୁଛନ୍ତି।

ଏସ୍ଆଇଆର୍‌କୁ ନେଇ ରାଜ୍ୟ ରାଜନୀତି ସରଗରମ। ବିଶେଷ ନିବିଡ ସଂଶୋଧନରେ ଯଦି ଜଣେ ବୈଧ ଭୋଟରଙ୍କ ନାମ ବାଦ ଦିଆଯାଏ, ତେବେ ତୃଣମୂଳ ଏକ ଦୃଢ଼ ଆନ୍ଦୋଳନର ଚେତାବନୀ ଦେଇଛି। ଏସ୍ଆଇଆର୍ ବିରୋଧରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତାକୁ ଓହ୍ଲାଇଛନ୍ତି। ଅଭିଷେକ ବାନାର୍ଜୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ରେଡ୍ ରୋଡ୍‌ରୁ ଆରମ୍ଭ ହୋଇ ଜୋରାସାଙ୍କୋର ଠାକୁରବାଡି ନିକଟରେ ଶେଷ ହୋଇଥିଲା। ଅନ୍ୟପଟେ, ବିଜେପି ତୃଣମୂଳ ଦ୍ୱାରା ଏକ ପାଲଟା-ପ୍ରଚାର କରିବାକୁ ଯୋଜନା କରିଥିଲା। ଶୋଭାଯାତ୍ରା ପରେ ପାଲଟା ଶୋଭାଯତ୍ରା, ଏସ୍ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରେ କୋଲକାତା ମହାନଗର ଉଷ୍ମ ହୋଇଗଲା।

**କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ**

# ୩ ଅଭିଯୁକ୍ତଙ୍କୁ ଗୁଳି କଲା ପୁଲିସ

କୋଏମ୍ବାଟୁର,୪।୧୧(ସଂଚାର ବ୍ୟୁରୋ) : ଗଣଦୁଷ୍କର୍ମ ଘଟଣାରେ ବଡ଼ ଆକ୍ସନ ନେଲା ପୁଲିସ। ତାମିଲନାଡୁର କୋଏମ୍ବାଟୁର ଅଞ୍ଚଳରେ ରବିବାର ଜଣେ କଲେଜ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ନିଜ ପୁରୁଷ ବନ୍ଧୁଙ୍କ ସହ କାରରେ ବସିଥିବା ବେଳେ ୩ଜଣ ଅଭିଯୁକ୍ତ ଆସି କାର୍‌ର ସାମ୍ନା କାଚ ଭାଙ୍ଗିଥିଲେ। ଏହା ପରେ ପୁରୁଷ ବନ୍ଧୁଙ୍କୁ ମାଡ଼ମାରି ଛାତ୍ରୀଙ୍କୁ ଟେକି ନେଇଥିଲେ। ଏହି ଘଟଣାରେ ଏବେ ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁଳି କରିଥିବା ସାମ୍ନାକୁ ଆସିଛି। ତେବେ ଗୁଳି ଗୋଡ଼ରେ ବାଜିଥିବାରୁ ୩ଜଣ ଜୀବିତ ଅଛନ୍ତି। ପୁଲିସର କହିବା ଅନୁଯାୟୀ, ଗିରଫ କରାଯିବା ସମୟରେ ଖସିଯିବାକୁ ଚେଷ୍ଟା କରିବାରୁ ତିନିଜଣଙ୍କ ଗୋଡକୁ ଗୁଳି କରାଯାଇଥିଲା। ପରେ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ରବିବାର ରାତିରେ ଘଟିଥିବା ଆଶ୍ଚର୍ଯ୍ୟଜନକ ଘଟଣା ପରେ ଏହି ଗିରଫଦାରୀ ହୋଇଛି। ରବିବାର ରାତିରେ କୋଏମ୍ବାଟୁର ଅନ୍ତର୍ଜାତୀୟ ବିମାନବନ୍ଦର ପଛପଟେ ଥିବା ବୃନ୍ଦାବନ ନଗର ନିକଟରେ ଜଣେ ୨୦ ବର୍ଷୀୟ ସ୍ନାତକୋତ୍ତର ଛାତ୍ରୀଙ୍କୁ ଅପହରଣ କରି ଗଣଦୁଷ୍କର୍ମ କରାଯାଇଥି ଲା। ରାତି ପ୍ରାୟ ୧୦.୩୦ ସମୟରେ ପୀଡ଼ିତା ମହିଳାଜଣକ ତାଙ୍କ ପ୍ରେମିକଙ୍କ ସହ ପାର୍କ ହୋଇଥିବା କାରରେ ବସି ଥିଲେ। ଏହି ସମୟରେ ତିନି ଜଣ ଅଜଣା ବ୍ୟକ୍ତି ଏକ ଚୋରି ଦୁଇ ଚକିଆ ଗାଡ଼ିରେ ଆସି କାରର ସାମ୍ନା କାଚ ଭାଙ୍ଗି ଦେଇଥିଲେ ଏବଂ ପୀଡ଼ିତାଙ୍କୁ ଅପହରଣ କରିବା ପୂର୍ବରୁ ଅସ୍ତ୍ରଶସ୍ତ୍ରରେ ପ୍ରେମିକକୁ ଆକ୍ରମଣ କରିଥିଲେ। ଭୋର ୪.୩୦ ସମୟରେ ପୀଡ଼ିତାଙ୍କୁ ଏକ ଜନଶୂନ୍ୟ ସ୍ଥାନରେ ଫିଙ୍ଗି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ପୀଡ଼ିତାଙ୍କ ଚିକିତ୍ସା ଚାଲିଛି।

# ଫର୍ମ ବଣ୍ଟନର ପ୍ରଥମ ଦିନରେ ଜୀବନ ହାରିଲେ ଯୁବକ

**ଏସ୍ଆଇଆର୍ ଆତଙ୍କରେ ପୁଣି ମୃତ୍ୟୁର ଅଭିଯୋଗ**

କୋଲକାତା, ୪।୧୧(ସଂଚାର ବ୍ୟୁରୋ): ରାଜ୍ୟରେ ଏସ୍ଆଇଆର୍‌କୁ ନେଇ ଆତଙ୍କ ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ମଙ୍ଗଳବାରଠାରୁ ଗଣନା ଫର୍ମ ବଣ୍ଟନ ଆରମ୍ଭ ହୋଇଛି। ଏସ୍ଆଇଆର୍ କାର୍ଯ୍ୟର ପ୍ରଥମ ଦିନରେ, ଉଲୁବେଡିଆରେ ଏକ ଦୁଃଖଦ ଘଟଣା ଘଟିଗଲା। ଜଣେ ୩୦ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ପରିବାର ଦାବି କରିଛନ୍ତି ଯେ, ଏସ୍ଆଇଆର୍ ଭୟରେ ସେ ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ଯୁବକଙ୍କ ନାମ ଜାହିର ମାଲ (୩୦)। ସେ ଉଲୁବେଡିଆ ୨ ନମ୍ବର ବ୍ଲକର ଖାଲିସାନି ଗ୍ରାମପଞ୍ଚାୟତର ମାଲପଡାର ବାସିନ୍ଦା। ମୃତକଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି ଯେ, ଯୁବକ ଜଣକ ଗତ କିଛି ଦିନ ଧରି ଏସ୍ଆଇଆର୍‌କୁ ନେଇ ଆତଙ୍କରେ ଥିଲେ। ସେ ଏହି ବିଷୟରେ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଯଦି ତାଙ୍କ ନାମ ବାଦ ଦିଆଯାଏ, ତେବେ ତାଙ୍କୁ ପରିବାରଠାରୁ ଅଲଗା ରହିବାକୁ ପଡ଼ିବ, ଏହି ଆତଙ୍କ ବିଷୟରେ ଜାହିର ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଖାଲିସାନି ଗ୍ରାମପଞ୍ଚାୟତର ପବ୍ଲିକ୍ ୱାର୍କସ୍ ବିଭାଗର ନିର୍ଦ୍ଦେଶକ ଶେଖ୍ ଜିଆଉଲ କହିଛନ୍ତି ଯେ, ଜାହିରଙ୍କ ପରିଚୟପତ୍ରରେ କିଛି ଭୁଲ ଥିଲା। ଗତ କିଛି ଦିନ ଧରି ସେ ଏହାକୁ ସଜାଡ଼ିବା ପାଇଁ ବିଭିନ୍ନ ସ୍ଥାନକୁ ଦୌଡୁଥିଲେ। କିନ୍ତୁ ସେ ସେଗୁଡ଼ିକୁ ସଜାଡ଼ି ପାରିନଥିଲେ। ଜାହିର ଏହାକୁ ନେଇ ମାନସିକ ଭାବରେ ବହୁତ ଚିନ୍ତିତ ଥିଲେ। ତା'ପରେ ଏହି ଦୁଃଖଦ ଘଟଣା ଘଟିଗଲା। ମଙ୍ଗଳବାର ସକାଳେ ସେ ଘରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ, ଏହି ଘଟଣାର ଖବର ପାଇବା ପରେ ମନ୍ତ୍ରୀ ପୁଲକ ରାୟ ମୃତ ଯୁବକଙ୍କ ଘରକୁ ଯାଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି।

**ବାପା ଆଇଫୋନ୍ କିଣି ଦେଲେନି**

# ଦଶମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା

କୋଲକାତା, ୪।୧୧(ସଂଚାର ବ୍ୟୁରୋ): ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର କୁଲତଲି ଥାନା ଅନ୍ତର୍ଗତ ଗୋପାଳଗଞ୍ଜ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ଆଇଫୋନ୍ କିଣି ନ ଦେବାରୁ ଦୀପାଞ୍ଜନ ଦାସ (୧୭) ନାମକ ଜଣେ ଦଶମ ଶ୍ରେଣୀର ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଗୋପାଳଗଞ୍ଜ ଗ୍ରାମ ପଞ୍ଚାୟତର ଶଙ୍କିଜାହାନ ଅଞ୍ଚଳରେ ଘଟିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୀପାଞ୍ଜନ ନିମପୀଠ ଆଶ୍ରମର ଦଶମ ଶ୍ରେଣୀର ଛାତ୍ର। କିଛି ମାସ ପୂର୍ବରୁ ତାଙ୍କ ପିତା ଭାସ୍କର ଦାସ, ଯିଏକି ପେଶାରେ ଜଣେ ପ୍ରବାସୀ ଶ୍ରମିକ, ତାଙ୍କୁ ପ୍ରାୟ ୩୨ ହଜାର ଟଙ୍କାରେ ଏକ ଆଣ୍ଡ୍ରଏଡ୍ ଫୋନ୍ କିଣି ଦେଇଥିଲେ। କିନ୍ତୁ ତାଙ୍କ ଜନ୍ମଦିନ ଅବସରରେ, ସେ ତାଙ୍କ ପିତାମାତାଙ୍କୁ ପୁଣି ଥରେ ଆଇଫୋନ୍ କିଣି ଦେବାକୁ କହିଥିଲେ। ପରିବାର ଏତେ ଟଙ୍କାରେ ତାଙ୍କୁ ଫୋନ୍ କିଣିବାକୁ ରାଜି ନ ହେବାରୁ, ଦୀପାଞ୍ଜନ ମାନସିକ ଭାବରେ ଭାଙ୍ଗିପଡ଼ିଥିଲେ। ପରିବାର ଅଭିଯୋଗ କରିଛନ୍ତି ଯେ, ସେ ଗତ କିଛିଦିନ ଧରି ଠିକ୍ ଭାବରେ ଖିଆପିଆ କରୁନଥିଲେ। ଦୀର୍ଘଦିନ ଧରି ଦୀପାଞ୍ଜନଙ୍କୁ ନଦେଖିବା ପରେ ସୋମବାର ଅପରାହ୍ଣରେ ପରିବାର ସଦସ୍ୟମାନେ ତାଙ୍କ ମୃତଦେହ ଘର ଭିତରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଶୀଘ୍ର କୁଲତଲି ବ୍ଲକ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହର ଶବ ବ୍ୟବଚ୍ଛେଦ କରାଯାଇଛି।

# ମାଓବାଦୀଙ୍କ ଅସ୍ତ୍ର କାରଖାନା ଧ୍ୱଂସ




ସୁକମା,୪।୧୧: ଓଡ଼ିଶା- ଛତିଶଗଡ଼ ସୀମାନ୍ତ ସୁକମା ଜିଲ୍ଲାରେ ମାଓବାଦୀଙ୍କ ଏକ ଅସ୍ତ୍ରଶସ୍ତ୍ର ତିଆରି କାରଖାନାକୁ ଧ୍ୱଂସ କରିଛନ୍ତି ସୁରକ୍ଷାକର୍ମୀ। ମାଓବାଦୀଙ୍କ ଅସ୍ତ୍ର କାରଖାନାରୁ ୧୭ଟି ରାଇଫଲ୍, ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ ଉପକରଣ ଉଦ୍ଧାର କରାଯାଇଛି। ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ଲାଗି ମାଓବାଦୀମାନେ କରୁଥିଲେ ବଡ଼ ଯୋଜନା। ଡିଆରଜି ଯବାନମାନେ ଅପରେସନ କରି ଏହାକୁ ପଣ୍ଡ କରିଛନ୍ତି। ଅନେକ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିବା ପରେ ମାଓ ସଂଗଠନକୁ ଶକ୍ତ ଝଟକା ଲାଗିଛି। ମାଓ ସଙ୍ଗଠନ ମୁଣ୍ଡ ଟେକିବା ସହ ଏକ ବଡ଼ ହିଂସାକାଣ୍ଡର ଯୋଜନା କରୁଥିଲେ ବୋଲି ସୁକମା ଏସପି କିରଣ ଚୌହାନ କହିଛନ୍ତି।

# କାରକୁ ପିଟିଲା ଟ୍ରକ୍, ୬ ମୃତ



ବାରବାଙ୍କୀ,୪।୧୧: ଉତ୍ତରପ୍ରଦେଶ ବାରବାଙ୍କୀ ଜିଲ୍ଲାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଟ୍ରକ ଦ୍ରୁତଗତିରେ ଆସି ଏକ କାରକୁ ଧକ୍କାଦେବାରୁ ୬ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ଖବର ମୁତାବକ, ବାରବାଙ୍କୀର ଦେବା ଥାନା ଅଞ୍ଚଳରେ କୁତଲପୁର କଲ୍ୟାଣୀ ନଦୀ ପୋଲ ନିକଟରେ ହୋଇଛି। ଏଠାରେ ଏକ ଟ୍ରକ ଦ୍ରୁତଗତିରେ ଆସି ଏକ କାରକୁ ଧକ୍କା ଦେଇଥିଲା। କାରଟି ବାରବାଙ୍କୀରୁ ଫତେହପୁର ଆଡ଼କୁ ଯାଉଥିଲା। ସେତେବେଳେ ଏକ ଟ୍ରକ କାରକୁ ଧକ୍କା ଦେଇଥିଲା। ଧକ୍କା ହେବା ପରେ କାରର ଉପର ଉଡ଼ିଯାଇଥିଲା। ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଦ୍ଧାର ଜାରି ରଖିଛି। ଜିଲ୍ଲାପାଳ ଶଶାଙ୍କ ତ୍ରିପାଠୀ, ଏସପି ଅର୍ପିତ ବିଜୟବର୍ଗୀୟ ପହଞ୍ଚିଛନ୍ତି। ହସପିଟାଲରେ ଆହତଙ୍କୁ ଯାଇ ସାକ୍ଷାତ କରିଛନ୍ତି।

# ଏନକାଉଣ୍ଟରରେ ୪ ଆତଙ୍କବାଦୀ ନିହତ

ମଣିପୁର, ୪।୧୧: ମଣିପୁରର ଚୁରାଚାନ୍ଦପୁରରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ଚାରିଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମଣିପୁରର ଚୁରାଚାନ୍ଦପୁରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଛି। ଅଧିକାରୀଙ୍କ କହିବା ଅନୁଯାୟୀ, ଚାରି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମଣିପୁରର ଚୁରାଚାନ୍ଦପୁରରେ ସୁରକ୍ଷା ବାହିନୀ ଉଗ୍ରବାଦୀ ଗୋଷ୍ଠୀର ଚାରି ଆତଙ୍କବାଦୀଙ୍କୁ ମାରି ଗଡ଼ାଇଛନ୍ତି। ସକାଳେ ପୋଲିସ ଏନକାଉଣ୍ଟରରେ ସମସ୍ତ ଚାରି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ନିଷିଦ୍ଧ ମଣିପୁର ସଂଗଠନ, ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି (ୟୁକେଏନଏ) ସହିତ ଜଡିତ ଥିବା ଜଣାପଡିଛି। ଖାନପି ଗାଁ ନିକଟରେ ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇଥିଲା। ସକାଳ ୫.୩୦ରେ ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ଏନକାଉଣ୍ଟର ସମୟରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା।

**ନିର୍ବାଚନ ପୂର୍ବରୁ ତେଜସ୍ୱୀ ଯାଦବଙ୍କ ବଡ଼ ଘୋଷଣା**

# ମକର ସଂକ୍ରାନ୍ତିରେ ମହିଳାଙ୍କୁ ମିଳିବ ୩୦ ହଜାର

**ଚାଷୀଙ୍କୁ ମିଳିବ ମାଗଣାରେ ବିଜୁଳି**



**ପାଟନା,୪ଠା୧୧:** ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ୬ ତାରିଖରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ଆରଜେଡି ନେତା ତଥା ବିରୋଧୀ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ବଡ଼ ଘୋଷଣା କରିଛନ୍ତି। ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ କରି ସେ ମହିଳାମାନଙ୍କ ସହାୟତା ପାଇଁ ଏକାଥରେ ୩୦ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ତାଙ୍କ ମେଣ୍ଟ ସରକାର ବିହାରରେ କ୍ଷମତା ଦଖଲ କଲେ ଚାଷୀଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ ବୋଲି ତେଜସ୍ୱୀ କହିଛନ୍ତି। ପୂର୍ବରୁ ମହାମେଣ୍ଟ ପକ୍ଷରୁ ଜାରି ହୋଇଥିବା ଇସ୍ତାହାରରେ ଏକାଧିକ ବଡ଼ବଡ଼ ପ୍ରତିଶ୍ରୁତି ଦିଆଯାଇଥିଲା। ମେଣ୍ଟ ସରକାର କ୍ଷମତାକୁ ଆସିଲେ ବିହାରର ପ୍ରତି ପରିବାରରୁ ଜଣଙ୍କୁ ସରକାରୀ ଚାକିରି ମିଳିବ ବୋଲି ଇସ୍ତାହାରରେ ଉଲ୍ଲେଖ କରାଯାଇଥିଲା। ଏବେ ତେଜସ୍ୱୀ ମହିଳା ଭୋଟରଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ୩୦ ହଜାର ଟଙ୍କାର ଏକକାଳୀନ ସହାୟତା ପ୍ରତିଶ୍ରୁତି ଦେଇଛନ୍ତି। ଆଜି ତେଜସ୍ୱୀ କହିଛନ୍ତି, 'ଆମେ ବିହାରରେ ସରକାର ଗଠନ କରିବା ପରେ ମକର ସଂକ୍ରାନ୍ତି(ଜାନୁଆରୀ ୧୪) ଦିନ ମହିଳାମାନଙ୍କ ଆକାଉଣ୍ଟରେ ଗୋଟିଏ ବର୍ଷ ପାଇଁ ଏକାଥରେ ୩୦ ହଜାର ଟଙ୍କା ଜମା କରିବୁ। ମହିଳାମାନଙ୍କୁ ଏକାଥରେ ବର୍ଷକ ମଧ୍ୟରେ ସେମାନେ ପାଇବାକୁ ଥିବା ୩୦ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା କରାଯିବ।' ସେ କହିଛନ୍ତି, ଯଦି ଆମ ସରକାର କ୍ଷମତାକୁ ଆସିବ, ତା'ହେଲେ ଆମେ ଏମଏସ୍‌ପି ବ୍ୟତୀତ ଧାନ ପାଇଁ କ୍ୱିଣ୍ଟାଲ ପିଛା ୩୦୦ ଟଙ୍କାର ବୋନସ ଦେବୁ। ଗହମ ପାଇଁ ଏମଏସପି ବ୍ୟତୀତ ବୋନସ ଆକାରରେ ୪୦୦ ଟଙ୍କା ଚାଷୀଙ୍କୁ ମିଳିବ।

SANCHAR ସଂଚାର

# ନବୀନଙ୍କ ବୟାନ ନେଇ ବିଜେପି-ବିଜେଡି ମୁହାଁମୁହିଁ

➢ ବିଶ୍ୱାସଘାତକତାର ଜବାବ ଦେବେ ନୂଆପଡ଼ାବାସୀ: ପ୍ରଭାତୀ
➢ ଉପମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ: ଲେନିନ୍



**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଗତକାଲି ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଚାର ସମୟରେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ବିଜେପି ବିରୋଧରେ ପ୍ରାର୍ଥୀ ଚୋରି ମନ୍ତବ୍ୟ ଦେଇଥିଲେ। ଆଜି ଏହି ମନ୍ତବ୍ୟର ଜବାବ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ଆଗାମୀ ଉପନିର୍ବାଚନରେ ନୂଆପଡ଼ାବାସୀ ମିଛ ପ୍ରତିଶ୍ରୁତି ଉପରେ ନୁହେଁ, ବରଂ ୫୦୦ ଦିନର ସରକାରର ଭରସା ଓ ବିଶ୍ୱାସକୁ ଭୋଟ ଦେବେ। ଡବଲ ଇଞ୍ଜିନ, କ୍ୟାପଟେନ ଫ୍ରି ବିଜେପିକୁ ହିଁ ବାଛିବେ ଓ ପଦ୍ମଫୁଲରେ ଭୋଟ ଦେବେ ରାଜ୍ୟରେ ଚାଲିଥିବା ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରିବାରେ ସହଯୋଗ କରିବେ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

ଶ୍ରୀମତୀ ପରିଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ କଟାକ୍ଷ କରିବା ସହ ବିଶ୍ୱାସଘାତକତା କ'ଣ ଏବେ ବୋଧେ ଛୁଆ ବୁଝିପାରିବେ। ନୂଆପଡାବାସୀ ୨୪ ବର୍ଷ ଧରି ବିଶ୍ୱାସଘାତର ଶିକାର ହୋଇଆସିଥିବା ବେଳେ ସେମାନେ ଆଗାମୀ ଉପନିର୍ବାଚନରେ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛନ୍ତି। ମିଶନ ଶକ୍ତି ମହିଳାଙ୍କ ସହ ପ୍ରତି କଥାରେ ବିଶ୍ୱାସଘାତକତା ହୋଇଛି। ଏହାର ଜବାବ ସୁଭଦ୍ରାମାନେ ଉପନିର୍ବାଚନରେ ନିଶ୍ଚୟ ଦେବେ। ଗତକାଲି ନୂଆପଡାରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିଥିଲେ ଦଳର ସଭାପତି ନବୀନ ପଟ୍ଟନାୟକ। ବିଜେପି ଉପରେ ସିଧାସଳଖ ବର୍ଷିବା ସହ ନବୀନ କହିଥିଲେ ଯେ ବିଜେପି ଭୋଟ ଚୋରି କରି ସରକାର ଗଢ଼ିଥିଲା। ଏବେ ପ୍ରାର୍ଥୀ ଚୋରି କରିଛନ୍ତି। ନୂଆପଡାରେ ସ୍ୱର୍ଗତଃ ରାଜୁ ଭାଇ ଢୋଲକିଆଙ୍କ ଅମଳରେ ହୋଇଥିବା ବିକାଶକୁ ନବୀନ ମନେ ପକାଇଥିବା ବେଳେ ବିଜେଡି ସରକାରକୁ ଏହାର ଶ୍ରେୟ ଦେଇଥିଲେ। ତେବେ ନବୀନଙ୍କ ପ୍ରତିଟି ମନ୍ତବ୍ୟର ପ୍ରଭାତି ଆଜି କଡ଼ା ଜବାବ ଦେଇଛନ୍ତି।

ଅନ୍ୟପକ୍ଷରେ ପ୍ରଭାତୀଙ୍କ ଏହି ମନ୍ତବ୍ୟକୁ କାଉଣ୍ଟର କରିଛନ୍ତି ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ ଗତ ୧୬ ମାସରେ ବିଜେପି ସରକାର ରାଜ୍ୟବାସୀଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଥିବା ବେଳେ ଦଳୀୟ ନେତାଙ୍କ ଟିପ୍ପଣୀ ହାସ୍ୟାସ୍ପଦ। ସେହିପରି ଶ୍ରୀମତୀ ଦେଓ କହିଛନ୍ତି ଯେ ମିଶନ୍ ଶକ୍ତିକୁ ଶକ୍ତିଶାଳୀ କରିବାରେ ନବୀନ ପଟ୍ଟନାୟକଙ୍କ ଭୂମିକାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ୭ ଲକ୍ଷ ଏସ୍ଏଚ୍‌ଜି ଗଠନ କରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଥିଲା। କିନ୍ତୁ ବିଜେପି ସରକାର ସୁଭଦ୍ରା ଯୋଜନାରେ ଦେଉଥିବା ସହାୟତା ଅନ୍ୟାନ୍ୟ ରାଜ୍ୟଠାରୁ ଯଥେଷ୍ଟ କମ୍ ରହିଛି। ସେହିପରି ରାଜ୍ୟରେ ଲକ୍ଷପତି ଦିଦି ସଂଖ୍ୟା ନେଇ ମଧ୍ୟ ଉପମୁଖ୍ୟମନ୍ତ୍ରୀ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ଏହାଛଡ଼ା ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ପ୍ରସଙ୍ଗରେ ମଧ୍ୟ ଶ୍ରୀମତୀ ପରିଡ଼ା ଦେଇଥିବା ମନ୍ତବ୍ୟ କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

● ଏସିଆ କପ୍ ବିବାଦରେ ଆଇସିସିର ଆକ୍ସନ

## ରଉଫ ୨ ମ୍ୟାଚରୁ ସସ୍‌ପେଣ୍ଡ, ସୂର୍ଯ୍ୟଙ୍କୁ ଜରିମାନା

**ଦୁବାଇ,୪।୧୧:** ଏସିଆ କପ୍ ୨୦୨୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ବେଳେ ଉପୁଜିଥିବା ବିବାଦ ଉପରେ ଆଇସିସିର କାର୍ଯ୍ୟାନୁଷ୍ଠାନ। ଉଭୟ ପାକିସ୍ତାନ ଓ ଭାରତର ଅନେକ ଖେଳାଳିଙ୍କୁ ମିଳିଛି ଦଣ୍ଡ। ଦୁବାଇରେ ମଙ୍ଗଳବାର ଆରମ୍ଭ ହୋଇଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)ର ବୈଠକ। ଏଥିରେ ଏସିଆ କପ୍ ବିବାଦ ପ୍ରସଙ୍ଗ ଉଠିଛି। ଅଭିଯୋଗ ଆଧାରରେ ଆଇସିସି ପାକିସ୍ତାନ ଖେଳାଳି ହାରିସ ରଉଫଙ୍କୁ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ୩୦ ପ୍ରତିଶତ ମ୍ୟାଚ ଫି ଜରିମାନା ଲଗାଯାଇଛି। ଏସିଆ କପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ସମେତ ୩ଟି ମୁକାବିଲା ଖେଳା ଯାଇଥିଲା। ଏହି ମୁକାବିଲା ଗୁଡ଼ିକରେ ଖେଳାଳିଙ୍କ ମଧ୍ୟରେ ତିକ୍ତତାର ମାହୋଲ ଥିଲା. ଏହା ଆଚାର ସଂହିତାର ଉଲ୍ଲଂଘନ କରିଥିବା କହିଛି ଆଇସିସି। ଦୁବାଇରେ ଚାଲିଥିବା ବୈଠକରେ ଆଇସିସି ଆଚାର ସଂହିତା ଉଲ୍ଲଂଘନ ମାମଲାରେ ନିଜର ନିଷ୍ପତ୍ତି ଶୁଣାଇଛି। ଆଇସିସି କହିଛି ଯେ, ମୋଟ୍ ୫ ଖେଳାଳିଙ୍କ ବିରୋଧରେ ଅଲଗା ଅଲଗା ମ୍ୟାଚରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ହାରିସ ରଉଫ ଓ ସାହିବଜାଦା ଫରହାନ ସାମିଲ୍। ଏହି ସବୁ ମାମଲା ୨୦୨୫ ସେପ୍ଟେମ୍ବରରେ ଖେଳା ଯାଇଥିବା ଏସିଆ କପର ତିନୋଟି ମ୍ୟାଚ୍ ସେପ୍ଟେମ୍ବର ୧୪, ୨୧ ଓ ୨୮ ସହ ଜଡ଼ିତ। ମାମଲାର ଶୁଣାଣି ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ ଅଫ ମ୍ୟାଚ୍ ରେଫରିଜର ସଦସ୍ୟଙ୍କ ଦ୍ୱାରା କରାଯାଇଛି। ଆନ୍ତର୍ଜାତୀୟ କ୍ରିକେଟ ପରିଷଦ ସେପ୍ଟେମ୍ବର ୧୪ ମ୍ୟାଚ୍ ପାଇଁ ହାରିସ ରଉଫଙ୍କୁ ଦୁଇଟି ଡିମେରିଟ୍ ପଏଣ୍ଟ ଦେଇଛି। ୨୪ ମାସ ମଧ୍ୟରେ ହାରିସଙ୍କ ମୋଟ ସଂଖ୍ୟା ଚାରି ଡିମେରିଟ୍ ପଏଣ୍ଟକୁ ବୃଦ୍ଧି ପାଇଛି ଏବଂ ତାଙ୍କୁ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ହାରିସ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ପାଇଁ ପାକିସ୍ତାନ ଦଳରୁ ବାଦ୍ ପଡ଼ିବେ। ସୂର୍ଯ୍ୟଙ୍କୁ ସେପ୍ଟେମ୍ବର ୧୪ ମ୍ୟାଚ୍ ପାଇଁ ମ୍ୟାଚ୍ ଫିର ୩୦% ଜରିମାନା କରାଯାଇଛି। ସୂର୍ଯ୍ୟ ଆଇସିସି ଆଚରଣ ସଂହିତାର ଧାରା ୨.୨୧ ଉଲ୍ଲଂଘନ କରିଥିବାରୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ଖାତାରେ ଦୁଇଟି ଡିମେରିଟ୍ ପଏଣ୍ଟ ଯୋଡ଼ା ଯାଇଛି। ପାକିସ୍ତାନର ସାହିବଜାଦା ଫରହାନଙ୍କୁ ମଧ୍ୟ ସମାନ ଧାରା ଅନୁଯାୟୀ ଜରିମାନା କରାଯାଇଛି।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ

## କାର୍ତ୍ତିକ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବେଶ

**ପୁରୀ, ୪ ।୧୧ (ସଂଚାର ବ୍ୟୁରୋ):** ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶକୁ ଆଡ଼କିଆ ବେଶ ମଧ୍ୟ କୁହାଯାଇଥାଏ। ଶ୍ରୀଜୀଉଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ଏହି ବେଶ ଅନୁଷ୍ଠିତ ହୋଇଛି। ବଲ୍ଲଭ, ବାଲଭୋଗ, ସକାଳ ଧୂପ ଓ ଭଅଣ୍ଡ ପର୍ଯ୍ୟନ୍ତ ଏହି ବେଶ ରହିଥିଲା। ପାଳିଆ ସେବାୟତମାନେ ଶ୍ରୀଜୀଉମାନଙ୍କୁ ଏହି ବେଶ କରିବା ସହ ଅନ୍ୟାନ୍ୟ ନୀତିକାନ୍ତି ଜାରି ରଖିଛନ୍ତି। ଏହି ବେଶରେ ସୁନାକିଆ ଡାଳି ଭଳି ଖଞ୍ଜାଯାଇଥିବାରୁ ଏହାର ଏପରି ନାମକରଣ ହୋଇଛି। ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ମହାପ୍ରଭୁଙ୍କର ମସ୍ତକର ଶୀର୍ଷ ଭାଗରେ ଜରି, ବେତ କନାରେ ଦୁଇଟି ଡାଳି ଚୂଳ ସହିତ ଲାଗି ହୋଇଥିଲା। ଏହି ଡାଳି ଓ ଚୂଳରେ ସୋଲ ଜରିରେ ନିର୍ମିତ ଗୁଡ଼ିଏ ଫୁଲ ଧାଡ଼ି ଧାଡ଼ି କରି ଲଗାଯାଇଥିଲା। ତାହା ମଝିରେ ସୁବର୍ଣ୍ଣ କିଆ ଖୋସା ଯାଇଥିଲା। ସମଗ୍ର ବେଶକୁ ଧରି ରଖିଥିଲା ଶ୍ରୀମୁଖରେ ଦିଆଯାଇଥିବା ଗୋଟିଏ ଗୋଟିଏ ବଳା। ଅନ୍ୟାନ୍ୟ ବେଶରେ ବ୍ୟବହାର କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟ ଏହି ବେଶରେ ଲାଗି ହୋଇଥିଲା। ଡାଳିକିଆ ବେଶରେ ଶ୍ରୀଜୀଉଙ୍କୁ ମାଳି, ପଦକ ମାଳି ଓ ତାବିଜ ମାଳି ଲାଗି ହୋଇଥିଲା। ଶ୍ରୀଭୁଜ ଓ ଶ୍ରୀପୟର ମଧ୍ୟ ଲାଗି ହୋଇଥିଲା। ଆୟୁଧ ଶଙ୍ଖ, ଚକ୍ର, ହଳ, ମୂଷଳ ମଧ୍ୟ ଲାଗି ହୋଇଥିଲା। ଦେବୀ ସୁଭଦ୍ରା ମଧ୍ୟ ଏହି ବେଶରେ ଅନେକ ସୁନା ଅଳଙ୍କାରରେ ଆଭୂଷିତ ହୋଇଥିଲେ। ଦେବୀଙ୍କର ଶିରରେ ସୁନାର କିରୀଟ ଶୋଭାପାଉଥିଲା। ଶ୍ରୀଜଗନ୍ନାଥଙ୍କର ଏହି ବେଶ ମହାପ୍ରଭୁଙ୍କୁ ନୃସିଂହ ଭାବରେ ପ୍ରମାଣିତ କରେ। ପଞ୍ଚୁକରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ରେ ଧାଡିରେ ଯାଇ ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା ପରେ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି। କାର୍ତିକ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରାଜରାଜେଶ୍ୱର ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ।

● ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା

## ବାବାଙ୍କୁ ଲାଗିହେଲା ଗଜଭୋଗ ଓ ତରଣି

**କଟକ, ୪ ।୧୧ (ସଂଚାର ବ୍ୟୁରୋ):** ପବିତ୍ର କାର୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି କଟକ ଜିଲ୍ଲାର ଆଠଗଡ଼ ସ୍ଥିତ ଆରାଧ୍ୟ ବାବା ଧବଳେଶ୍ୱରଙ୍କ ପୀଠରେ ପାଳିତ ହେଉଛି ବଡ଼ଓଷା। ଗତକାଲି ରାତି ୨ଟାରେ ପହଡ଼ ଖୋଲାଯାଇଥିଲା। ସମସ୍ତ ନୀତିକାନ୍ତି ସମାପନ ପରେ ରାତି ୩ଟାରେ ବାବାଙ୍କ ନିକଟରେ ଗଜ ଭୋଗ ଓ ତରଣ ଲାଗି ହୋଇଥିଲା। ତ୍ରୟୋଦଶ ଓ ଚତୁର୍ଦ୍ଦଶୀର ସନ୍ଧିକ୍ଷଣରେ ବାବାଙ୍କୁ ପ୍ରସିଦ୍ଧ ଗଜଭୋଗ ଲାଗି କରାଯାଇଛି। ବଡ ଓଷା ଓ କାର୍ତିକ ବ୍ରତ କରିଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ଗଜଭୋଗ ପାଇବା ପରେ ନିଜର ବ୍ରତ ଉଦଯାପନ କରିଛନ୍ତି। ବାବାଙ୍କ ଅତି ପ୍ରିୟ ଗଜଭୋଗ। ଯାହାକି ଚାଉଳ ଚୁନା, ଗୁଡ଼, ମୁଗ, ନଡ଼ିଆ କୋରା, ଛେନାରେ ଏହି ଗଜମଣ୍ଡା ପ୍ରସ୍ତୁତ ହୋଇଥାଏ।

ବଡଓଷାରେ ବାବାଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ରେ ଲମ୍ବା ଧାଡିରେ ଯାଇ ବାବାଙ୍କ ଦର୍ଶନ କରୁଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ରହିଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାନଦୀରେ ବୁଡ ପକାଇଥିବା ବେଳେ ସୁରକ୍ଷା ଲାଗି ନଦୀ କୂଳ ଘାଟରେ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ମୁତୟନ କରାଯାଇଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶରତ ଉତ୍ସବ




**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶରତ ଉତ୍ସବ-୨୦୨୫ର ଉଦ୍‌ଘାଟନ ହୋଇଯାଇଛି। ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶରତ ଋତୁ ପ୍ରକୃତିର ଏକ ଅନନ୍ୟ ଋତୁ ଏବଂ ଆଜିର କୃତ୍ରିମ ବୁଦ୍ଧିମତା ଯୁଗରେ ଆମେମାନେ ପ୍ରକୃତିଠାରୁ ଦୂରେଇ ଯାଉଥିବାରୁ ଏହିଭଳି ଋତୁର ଅନନ୍ୟତାକୁ ଉପଲବ୍ଧି କରିପାରୁନାହୁଁ। ବିଶେଷକରି ଯୁବପିଢ଼ି ସଂପ୍ରତି ପ୍ରକୃତି ମନସ୍କ ହେବା ଉଚିତ୍ ବୋଲି ପ୍ରଫେସର ବିଶ୍ୱାଳ କହିଥିଲେ। ବିଶିଷ୍ଟ ସାହିତ୍ୟିକ ଡ. ଅରବିନ୍ଦ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମେ ପୂର୍ବଭଳି ପ୍ରକୃତିର ବିଭିନ୍ନ ଋତୁଗୁଡ଼ିକୁ ଆଉ ଅନୁଭବ କରିବାରେ ସମର୍ଥ ହେଉନାହୁଁ ବୋଲି ମତ ଦେଇ ପ୍ରକୃତିର ସଂରକ୍ଷଣ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ବାଗ୍ମୀ ଡ. କୃଷ୍ଣ କେଶବ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ଶରତ ଋତୁର ବର୍ଣ୍ଣନା ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ଶରତ ଋତୁ ଉତ୍ସବ ପାଳନର ପ୍ରାସଙ୍ଗିକତା ସଂପର୍କରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଇତିଶ୍ରୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ କବିତା ପାଠୋତ୍ସବ, ଚିତ୍ରକଳା ପ୍ରଦର୍ଶନୀ, ଯନ୍ତ୍ର ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ବୃନ୍ଦ ତବଲା ବାଦନ, ଓଡ଼ିଶୀ ନୃତ୍ୟ ଓ ନାଟକ 'ସକିବ ସକିନା' ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଜ୍ଞାନରଞ୍ଜନ ପଣ୍ଡା। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

### ପାଖରେ ନାହିଁ ପରିଚୟପତ୍ର

## ଏସ୍‌ଆଇଆର୍ ଫର୍ମ ବାଣ୍ଟିବାକୁ ଯାଇ ଅଡୁଆରେ ବିଏଲ୍‌ଓ

**କୋଲକାତା, ୪।୧୧(ସଂଚାର ବ୍ୟୁରୋ):** ପୂର୍ବ ଘୋଷଣା ଅନୁଯାୟୀ, ଘର ଘର ଗଣନା ଫର୍ମ ବଣ୍ଟନ କାର୍ଯ୍ୟ ୪ ନଭେମ୍ବରରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲ୍ଲାରେ ବିଏଲଓମାନେ ଭୋଟରଙ୍କୁ ଫର୍ମ ବଣ୍ଟନ କରିଛନ୍ତି। ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର ହାଓଡ଼ାର ଜଣେ ବିଏଲଓ ଫର୍ମ ବଣ୍ଟନ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହିଦିନ ସକାଳେ ଦକ୍ଷିଣ ହାଓଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ହାଓଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୪୭ ନମ୍ବର ୱାର୍ଡର ୨୪ ନମ୍ବର ବୁଥ୍‌ରେ ଏହି ଘଟଣା ଘଟିଛି। ବାଗନାନ ଖଲୋର କବିଗୁରୁ ଶିକ୍ଷାୟତନର ଶିକ୍ଷୟିତ୍ରୀ ଅନୁପମା ଦାସ ଏହିଦିନ ସକାଳେ ବିଏଲଓ ଭାବରେ ଫର୍ମ ବଣ୍ଟନ କରିବାକୁ ଯାଇଥିଲେ। ଅଞ୍ଚଳର ଅନେକ ଘରକୁ ଫର୍ମ ବଣ୍ଟନ କରିବା ପରେ, କିଛି ଲୋକ ନିର୍ବାଚନ କମିଶନଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ପରିଚୟପତ୍ର ଦେଖିବାକୁ ଚାହିଁଥିଲେ। ତା'ପରେ ସମସ୍ୟା ଆରମ୍ଭ ହୋଇଥିଲା। ଅନୁପମା କହିଥିଲେ ଯେ ଏପର୍ଯ୍ୟନ୍ତ ସେମାନଙ୍କୁ ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟରୁ କୌଣସି ପରିଚୟପତ୍ର ଦିଆଯାଇ ନାହିଁ। ଏହା ପରେ ଅନୁପମା ସେମାନଙ୍କୁ ନିର୍ବାଚନ କମିଶନଙ୍କ ଦ୍ୱାରା ହ୍ୱାଟସଆପରେ ପଠାଯାଇଥିବା ଡକ୍ୟୁମେଣ୍ଟ ଏବଂ ଚିଠି ଦେଖାଇଥିଲେ। କିନ୍ତୁ ସ୍ଥାନୀୟ ବାସିନ୍ଦାମାନେ ବିଶ୍ୱାସ କରିନଥିଲେ। ଏହାକୁ ନେଇ ସେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଯୁକ୍ତିତର୍କ କରିବାକୁ ଲାଗିଲେ। ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଲା। ଖବର ପାଇବା ପରେ ଜଗାଚ୍ଛା ଥାନାର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ, ଏହି ଘଟଣା ପରେ ବିଏଲଓ ସେଠାରୁ ଚାଲିଯାଇଥିଲେ। ସେ କହିଛନ୍ତି ଯେ, ଗତକାଲି ଅପରାହ୍ନ ପର୍ଯ୍ୟନ୍ତ କଲେକ୍ଟରଙ୍କ କାର୍ଯ୍ୟାଳୟରେ ବସିଥିଲେ ମଧ୍ୟ ତାଙ୍କୁ ତାଙ୍କର ଆଇ-କାର୍ଡ ମିଳିନାହିଁ। କିନ୍ତୁ ତାଙ୍କ ପାଖରେ ପରିଚୟପତ୍ର ନଥିଲେ ମଧ୍ୟ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ତାଙ୍କୁ କାମ କରିବାକୁ ପଡ଼ିଥିଲା। ସେ ସେହିପରି କାମ କରିବାକୁ ଯାଇଥିଲେ। କିନ୍ତୁ ଅନୁପମା ଅଭିଯୋଗ କରିଛନ୍ତି ଯେ, କମିଶନ ଦ୍ୱାରା ଦିଆଯାଇଥିବା ପରିଚୟପତ୍ର ହାତରେ ନ ପାଇଥିବାରୁ ତାଙ୍କୁ ହଇରାଣ ହେବାକୁ ପଡ଼ିଲା। ଏହି ସମ୍ପର୍କରେ ହାଓଡା ଜିଲ୍ଲାପାଳ କହିଛନ୍ତି ଯେ, ପରିଚୟ ପତ୍ର ପ୍ରସ୍ତୁତ କରିବା ପାଇଁ ବିଏଲ୍‌ଓମାନଙ୍କଠାରୁ ଫଟୋ ନିଆଯାଇଛି। ଖୁବଶୀଘ୍ର ସେମାନଙ୍କୁ ପରିଚୟ ପତ୍ର ହସ୍ତାନ୍ତର କରାଯିବ।

### ପୁଲିସ୍ ଏସଆଇ ନିଯୁକ୍ତି କେଲେଙ୍କାରୀ

## ୫ଦିନିଆ ରିମାଣ୍ଡରେ ଗଲେ ଶଙ୍କର ଓ ସୁରେଶ



**ବ୍ରହ୍ମପୁର,୪।୧୧ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ୍ ଏସଆଇ ନିଯୁକ୍ତି ମାମଲାରେ ଗିରଫ ହୋଇ ଗତକାଲି ବ୍ରହ୍ମପୁର ଜେଲ୍‌କୁ ଅଣାଯିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲାର ମାଷ୍ଟରମାଇଣ୍ଡ୍ ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ଲ୍ୟାବ୍ ମାଲିକ ସୁରେଶ ଚନ୍ଦ୍ର ନାୟକଙ୍କୁ ସାତଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରାଯାଇଥିଲା। ଆଜି ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟ ଏହି ଆବେଦନକୁ ଗ୍ରହଣ କରି ପାଞ୍ଚ ଦିନ ପାଇଁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଥିବା ଜଣାପଡ଼ିଛି। ପୂର୍ବରୁ କ୍ରାଇମ୍ ବ୍ରାଞ୍ଚ୍ ମୁନା ମହାନ୍ତି, ବଳରାମ ସାହୁଙ୍କ ସମେତ ୩ ଜଣଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ଗତ ଶନିବାର ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ର୍‍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କରକୁ କ୍ରାଇମ୍‌ବ୍ରାଞ୍ଚ୍ ନେପାଳ ସୀମାବର୍ତ୍ତୀ ଉତ୍ତରାଖଣ୍ଡରୁ ଗିରଫ କରିବା ସହ ପରେ ସୋମବାର କୋର୍ଟଚାଲାଣ କରିଥିଲା। ଏଥିସହ ଗତକାଲି ସିଲିକନ୍ ଟେକ୍‌ଲ୍ୟାବ୍ ସଂସ୍ଥାର ମୁଖ୍ୟ ଶ୍ରୀ ନାୟକଙ୍କୁ ମଧ୍ୟ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) ରେ ସନ୍ଧ୍ୟାରେ ହାଜର କରାଯାଇଥିଲା। ଶଙ୍କରର ଓକିଲ ଅନୀଲ କୁମାର ପଣ୍ଡା ଜାମିନ୍ ପାଇଁ ଆବେଦନ କରିଥିଲେ। କିନ୍ତୁ କୋର୍ଟ ଜାମିନ୍ ନାମଞ୍ଜୁର କରିବା ଫଳରେ ତାକୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଲବାହୀ ଟ୍ରେନ୍...

ବିଲାସପୁର ଷ୍ଟେସନ୍ ନିକଟରେ ଟ୍ରେନ ନମ୍ବର ୬୮୭୩୩ କୋରବା ମେମୁ ପାସେଞ୍ଜର ଟ୍ରେନ ମାଲଗାଡ଼ି ସହ ଧକ୍କା ହୋଇଛି। ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀମାନଙ୍କୁ ବିଲାସପୁରର ସିମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କେତେକ ଯାତ୍ରୀ ଟ୍ରେନ୍‌ରେ ଫସିରହିଥିବା ଜଣାପଡ଼ିଛି। କ୍ରେନ ଓ କଟର ବ୍ୟବହାର କରି ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି। ଏହି ଦୁର୍ଘଟଣାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଦୁଃଖଦ ବୋଲି କହିବା ସହ ମୃତାହତଙ୍କ ପାଇଁଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁସାରେ, ମୃତକଙ୍କ ପରିବାର ୧୦ ଲକ୍ଷ ଟଙ୍କା, ଗୁରୁତର ଭାବେ ଆହତ ହୋଇଥିବା ଯାତ୍ରୀଙ୍କ ପାଇଁ ୫ ଲକ୍ଷ ଏବଂ ସାମାନ୍ୟ ଆହତ ହୋଇଥିବା ଯାତ୍ରୀଙ୍କ ପାଇଁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରାଯାଇଛି।

ଛତିଶଗଡ଼ରେ ଘଟିଥିବା ରେଳ ଦୁର୍ଘଟଣା ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟରେ ଶ୍ରୀ ମାଝୀ ଦର୍ଶାଇଛନ୍ତି ଯେ ବିଲାସପୁର ନିକଟରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଇଛି। ମୃତକଙ୍କ ପରିବାର ପ୍ରତି ଗଭୀର ଦୁଃଖ ପ୍ରକାଶ କରୁଛି। ନିଜର ଆତ୍ମୀୟଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ଜଣାଉଛି। ଏହି ଦୁର୍ଘଟଣାରେ ଆହତ ଯାତ୍ରୀଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ଏହି ଦୁର୍ଘଟଣାରେ ପ୍ରଭାବିତ ପରିବାରକୁ ସାହସ ଯୋଗାଇବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

### ବନ୍ଧାହେଲେ...

ନିଶାସକ୍ତ ଅବସ୍ଥାରେ ରସିକିଆ ଡାକ୍ତର ସ୍କୁଟିରେ ବସିବା ଅବସ୍ଥାରେ ପୀଡିତାଙ୍କ ସମ୍ବେଦନଶୀଳ ଅଙ୍ଗରେ ହାତ ମାରିବାକୁ ବାରମ୍ବାର ଚେଷ୍ଟା କରିଥିଲେ। ପୀଡ଼ିତା ଏହାର ବିରୋଧ କରିବାରୁ ସିଧାସଳଖ ଭାବେ ୱାନ ନାଇଟ ଷ୍ଟାଣ୍ଡ ପାଇଁ ପ୍ରପୋଜାଲ ଦେଇଥିଲେ କ୍ଷମାନିଧି। ତାଙ୍କ କଥାରେ ରାଜି ହେଲେ ପ୍ରମୋସନ ସହ ପ୍ରାଇଜ ପୋଷ୍ଟିଂ ମିଳିବ ବୋଲି ଡାକ୍ତର ଜଣଙ୍କ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କଥା ଚରମ ସୀମାରେ ପହଞ୍ଚିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ ସମ୍ପୃକ୍ତ ପୀଡ଼ିତା। ଶେଷରେ ଅଭିଯୁକ୍ତ ମେଡିକାଲ ଅଫିସର ଇନ୍‌ଚାର୍ଜ ଜଣଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ପାରାଦୀପ ହେବ...

ପାରାଦୀପରେ ଅନୁଷ୍ଠିତ କଳିଙ୍ଗ ବାଲିଯାତ୍ରା ବିକାଶ ଓ ବିରାସତର ଏକ ଉତ୍କୃଷ୍ଟ ଉଦାହରଣ। ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ। ଆଜି ଆରମ୍ଭ ହୋଇଥିବା ଏହି ବାଲିଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରରୁ ଅନେକ ବ୍ୟବସାୟୀ ଓ ବ୍ୟବସାୟିକ ଅନୁଷ୍ଠାନ ନିଜ ନିଜ ସାମଗ୍ରୀ ଓ ସେବା ପ୍ରଦର୍ଶନ କରିବେ। ଏହା ଆମର ସ୍ଥାନୀୟ ଲୋକ ଓ ବ୍ୟବସାୟୀଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ବନ୍ଦରଭିତ୍ତିକ ଉନ୍ନତି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ବନ୍ଦର ପୂର୍ବ ଭାରତର ଏକ ବଡ଼ ବ୍ୟାବସାୟିକ ବନ୍ଦର। ବନ୍ଦର ସହ ପାରାଦୀପର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସବୁକିଛି କରିବେ। ପାରାଦୀପକୁ ଶିଳ୍ପସମୃଦ୍ଧ ଅଞ୍ଚଳ ସହ ଏଠାରେ ଗ୍ରୀନଫିଲଡ୍ ବିମାନ ବନ୍ଦର ପ୍ରତିଷ୍ଠା, ଭୁବନେଶ୍ୱର-ଖୋର୍ଦ୍ଧା-ଜଟଣୀ-କଟକ-ପାରାଦୀପ ଓ ପୁରୀକୁ ନେଇ ଏକ ମହାନଗରୀ ବିକଶିତ କରିବା, ଶିଳ୍ପ କରିଡର ପ୍ରସ୍ତୁତ କରିବା, ପାରାଦୀପ ବେଳାଭୂମିକୁ ପର୍ଯ୍ୟଟନର ବିକାଶ ଉପଯୋଗୀ କରିବା ଇତ୍ୟାଦି ଅନେକ ଯୋଜନା ରହିଛି। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା ବିଶେଷକରି ପାରାଦୀପ ଅଞ୍ଚଳର ଅଭୂତପୂର୍ବ ବିକାଶ ଘଟିବ। ଏହି ବିକାଶରେ ଡବଲ ଇଞ୍ଜିନ ଡବଲ ଗତିରେ କାମ କରିବ। ରାଜ୍ୟବାସୀ ଜଗତସିଂହପୁର ଜିଲ୍ଲାକୁ ପ୍ରକୃତରେ ଟ୍ରିପଲ ଇଞ୍ଜିନରେ ପରିଣତ କରିଛନ୍ତି। ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ ଏଠାରେ ନିଜ ନିଜର ଶିଳ୍ପ ପ୍ରତିଷ୍ଠା କରିଛନ୍ତି କିମ୍ବା ଆଗ୍ରହ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା, ବିଶେଷ ଭାବେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳ ଦ୍ରୁତ ଶିଳ୍ପାୟନ ଦେଖିବ। ଶିଳ୍ପାୟନ ହେଲେ ରୋଜଗାର ସୃଷ୍ଟି ହେବ ଓ ଏଠାକାର ଅର୍ଥନୀତିକୁ ବଳ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ କଳିଙ୍ଗ ବାଲିଯାତ୍ରାକୁ ଉଦ୍‌ଘାଟନ କରି ଏହି ଐତିହାସିକ ମେଳାର ଗୌରବକୁ ଅକ୍ଷୁଣ୍ଣ ରଖିଛନ୍ତି। ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ ଓ ଏହା ଆମ ସରକାର କ୍ଷମତାକୁ ଆସିବା ଦିନଠାରୁ ହିଁ କାମରେ କରି ଦେଖାଉଛନ୍ତି।

କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପିଏଲ୍ ହରନାଥ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ. ସୋନାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

### ଅମର ଯିବା...

ସମେତ ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି। କାରଣ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏନେଇ କେହି ବି ଟେର୍ ପାଇନଥିଲେ। ଅମର ବିଜେପିରେ ଯୋଗ ଦେବା ପରେ ବିଜେଡି ତାଙ୍କୁ ସମାଲୋଚନା ଆରମ୍ଭ କରିଛି। ତେବେ ଅମର କାହିଁକି ଏତେ ବଡ଼ ନିଷ୍ପତ୍ତି ନେଲେ ତା'ର ଉତ୍ତର ବି କାହା ପାଖରେ ନାହିଁ।

ଅମର କେବଳ ଦଳର ପୂର୍ବତନ ସାଂସଦ ନଥିଲେ, ଦଳର କୋର୍ କମିଟି ସଦସ୍ୟ ବି ଥିଲେ। ପୂର୍ବତନ ଏଜି ହିସାବରେ ତାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ମିଳୁଥିଲା। ଦଳର ସଙ୍କଟ ସମୟରେ ନିଜେ ଭିଡିଓ ଜାରି କରିବା ସହ ଗଣମାଧ୍ୟମରେ ବିରୋଧୀଙ୍କୁ ଜବାବ ଦେଉଥିଲେ। ସେଥିପାଇଁ ବିଜେଡି ତାଙ୍କୁ ଜାତୀୟ ମୁଖପାତ୍ର ବି କରିଥିଲା। ଏଭଳି ଜଣେ ନେତା କାହାକୁ କିଛି ନ ଜଣାଇ ରାତାରାତି ବିଜେପିକୁ ଡେଇଁବା ପରେ ଏବେ ଆଉ କିଛି ବିଜେଡି ନେତାଙ୍କ ନାଁ ଚର୍ଚ୍ଚାକୁ ଆସିଛି। ଏମାନଙ୍କ ମଧ୍ୟରେ ଜଣେ ପୂର୍ବତନ ବିଧାୟକ, ଜଣେ ବରିଷ୍ଠ ନେତ୍ରୀ ଓ ଜଣେ ରାଜ୍ୟସଭା ସାଂସଦ ରହିଛନ୍ତି। ଏହାବାଦ୍ ଆଉ କିଛି ବିଜେଡି ନେତାଙ୍କ ନାମ ବି ଧିରେ ଧିରେ ଚର୍ଚ୍ଚାକୁ ଆସିବା ଆରମ୍ଭ କରିଛି।

ଯେଉଁସବୁ ନେତାଙ୍କ ନାମ ଚର୍ଚ୍ଚାକୁ ଆସିଛି, ସେମାନଙ୍କୁ ଦଳରେ ସମସ୍ତେ ଏବେ ସନ୍ଦେହ ଚକ୍ଷୁରେ ଦେଖିବା ଆରମ୍ଭ କରିଛନ୍ତି। ଅମରଙ୍କ ଭଳି କେତେବେଳେ ଯେ ଏମାନେ ଡିଆଁ ନମାରିବେ, ତାହା କହିହେବ ନାହିଁ ବୋଲି ବିଜେଡି କର୍ମୀମାନେ ଆଲୋଚନା ଆରମ୍ଭ କରିଛନ୍ତି। ଏପରିକି ଅମରଙ୍କ ଭଳି ଯେଉଁ ବିଜେଡି ନେତାମାନେ ବିଜେପିକୁ ଜୋରଦାର ଗାଳି କରୁଛନ୍ତି, ସେମାନେ ଅମରଙ୍କ ରାସ୍ତାରେ ଯିବା କିଛି ବିଚିତ୍ର ନୁହେଁ ବୋଲି ମତ ଦେଉଛନ୍ତି। ଏଭଳି ଆଲୋଚନା ଭିତରେ ବିଜେଡି ନେତାମାନେ ପରସ୍ପରକୁ ସନ୍ଦେହ ଚକ୍ଷୁରେ ଦେଖିବା ସହିତ ସେମାନଙ୍କ ନାଁରେ ଗୁଜବ ବି ଛାଡିବା ଆରମ୍ଭ କରିଦେଇଛନ୍ତି। ଦଳଡିଆଁଙ୍କ ତାଲିକା ଲମ୍ବୁଥିବାବେଳେ ନୂଆପଡ଼ା ଭୋଟପରେ ଏହା ଆହୁରି ଜୋରଦାର ହେବବୋଲି ବି ଚର୍ଚ୍ଚା ହେଲାଣି। ତେବେ ସବୁଠାରୁ ବଡ କଥା ହେଲା ଯେଉଁମାନଙ୍କ ନାମ ଦଳଡିଆଁ ତାଲିକାରେ ପ୍ରକାଶ ପାଉଛି ସେମାନେ କିନ୍ତୁ ମୁହଁ ଖୋଲୁ ନାହାନ୍ତି। ତେବେ ଦଳଡିଆଁ ଯେଭଳି ଅମରଙ୍କ ନିକଟରେ ହିଁ ଅଟକି ରହିବ ସେଥିପାଇଁ ବିଜେଡି ପାୱାରଫୁଲ୍ ଟିମ୍ ଏବେ ଫର୍ମୁଲା ଖୋଜୁଥିବା ଦଳରେ ଆଲୋଚନା ଚାଲିଛି।

### ବିହାରବାସୀଙ୍କ...

ସ୍ୱାସ୍ଥ୍ୟ ଓ ଆତ୍ମନିର୍ଭର ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ିପାରିବ। ଏନଡିଏର ଏହି ସଂକଳ୍ପ ପତ୍ରରେ ୧ କୋଟିରୁ ଅଧିକ ଯୁବକଙ୍କୁ ସରକାରୀ ଚାକିରି ଓ ରୋଜଗାର ସୁଯୋଗ, ଅନ୍ନଦାତାମାନଙ୍କ ପାଇଁ ସମସ୍ତ ଫସଲ ଉପରେ ଏମ୍‌ଏସ୍‌ପିର ଗ୍ୟାରେଣ୍ଟି ଓ କିସାନ ସମ୍ମାନ ନିଧିର ରାଶି ୬ ହଜାରରୁ ବୃଦ୍ଧି କରାଯାଇ ୯ ହଜାର ଟଙ୍କା କରିବାକୁ ସଂକଳ୍ପ ନିଆଯାଇଛି। ଏହାଛଡ଼ା ୫୦ ଲକ୍ଷ ନୂତନ ପକ୍କା ଗୃହ ନିର୍ମାଣ କରିବା ଓ ୧ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବାର ଲକ୍ଷ୍ୟ ପାଇଁ ମଧ୍ୟ ସଂକଳ୍ପପତ୍ରରେ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଶିକ୍ଷା କ୍ଷେତ୍ରରେ ୫ ହଜାର କୋଟି ଟଙ୍କାରେ ଜିଲ୍ଲାର ପ୍ରମୁଖ ବିଦ୍ୟାଳୟଗୁଡ଼ିକର ନବୀକରଣ କରାଯିବ। ଧାର୍ମିକ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ମାତା ଜାନକୀଙ୍କ ଜନ୍ମସ୍ଥାନକୁ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ନଗରୀ 'ସୀତାପୁରମ୍' ଭାବେ ବିକଶିତ କରିବାର ଯୋଜନା ରହିଛି। ପାଟନା, ଦରଭଙ୍ଗା, ପୂର୍ଣ୍ଣିଆ ଓ ଭାଗଲପୁରରେ ଆନ୍ତର୍ଜାତିକ ବିମାନ ବନ୍ଦର ଓ ୪ଟି ନୂଆ ସହରରେ ମେଟ୍ରୋ ପ୍ରକଳ୍ପ ଭଳି ଅନେକ ବହୁମୁଖୀ ସଂକଳ୍ପ ମଧ୍ୟ ଇସ୍ତାହାରରେ ସାମିଲ ହୋଇଛି। ଏହି ସଂକଳ୍ପପତ୍ର କୃଷକ ସଶକ୍ତିକରଣ, ଗରିବ ଓ ପଛୁଆ ବର୍ଗଙ୍କ ହିତର ସୁରକ୍ଷା, ଯୁବକମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ମହିଳାଙ୍କ ସୁରକ୍ଷା ଓ ସମ୍ମାନ ଏବଂ ସର୍ବୋପରି ବିହାରର ସର୍ବାଙ୍ଗୀନ ବିକାଶର ଗ୍ୟାରେଣ୍ଟି ଦେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶେଷରେ ଶ୍ରୀ ପ୍ରଧାନ ଗଣତନ୍ତ୍ରର ଏହି ମହାପର୍ବରେ ଜନସାଧାରଣ ବହୁଳ ଭାବେ ଅଂଶଗ୍ରହଣ କରିବା ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ସହ ରାଜ୍ୟରେ ବିକାଶ, ସୁଶାସନ ଓ ସ୍ଥିରତାର ଅଭିଯାନକୁ ଅଧିକ ଶକ୍ତିଶାଳୀ କରିବା ସକାଶେ ନିବେଦନ କରିଛନ୍ତି।

### ବିଜେଡିରେ...

ରାଜେନ୍ଦ୍ରଙ୍କ ମୃତ୍ୟୁର ଅନ୍ୟତମ କାରଣ। ଶେଷ ସମୟରେ ତାଙ୍କ ପାଖରେ ଜଣେ ବି ବିଜେଡି ନେତା ନ ରହିବା ତାଙ୍କୁ ବହୁତ କଷ୍ଟ ଦେଇଥିଲା ବୋଲି କହିଛନ୍ତି କଳ୍ପନା। ଉପନିର୍ବାଚନ ପାଖେଇ ଆସୁଥିବାବେଳେ କଳ୍ପନାଙ୍କ ଏଭଳି ବୟାନକୁ ନେଇ ତେଜିଛି ରାଜନୀତି। ୨୪ ବର୍ଷ ଧରି ବିଜେଡି ପାଇଁ କାମ କରିଥିବା ରାଜେନ୍ଦ୍ରଙ୍କୁ ଦଳ ଉଚିତ୍ ସମ୍ମାନ ଦେଇନି। ତାଙ୍କ ଜୀବନର ଶେଷ ସମୟରେ ବି ଠିଆ ହୋଇନଥିଲା ଦଳ। ଏହି କଥା ମାନସିକ ଭାବେ ରାଜେନ୍ଦ୍ର ଢୋଲକିଆଙ୍କୁ ବହୁତ ଆଘାତ ଦେଇଥିଲା। ମୃତ୍ୟୁ ପରେ ବି ତାଙ୍କ ପରିବାରକୁ ଯେଭଳି ଅସମ୍ମାନିତ କରାଯାଇଛି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି କଳ୍ପନା କହିଛନ୍ତି। ନୂଆପଡ଼ା ଉପନିର୍ବାଚନକୁ ଆଉ କେଇଟା ଦିନ ବାକିଥିବା ବେଳେ କଳ୍ପନାଙ୍କ ଏଭଳି ବୟାନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେ କହିଛନ୍ତି ଯେ ଅସୁସ୍ଥତା ବେଳେ ନିଜ ଦଳର ସପୋର୍ଟ ଆତ୍ମବଳ ବଢ଼ାଏ, କିନ୍ତୁ ବିଜେଡିର କୌଣସି ନେତା ତାହା କରିନାହାନ୍ତି। ଆଜି ନିର୍ବାଚନ ପାଇଁ ଏହି ଲୋକ ଆମ ପରିବାର ଉପରେ ଟିପ୍ପଣୀ କରୁଛନ୍ତି। ୨୪ ବର୍ଷ ଦଳ ସହ ରହିବା ପରେ ବି ଏଭଳି ସମ୍ବେଦନଶୀଳ ରାଜନୀତି ଠିକ୍ ନୁହେଁ ବୋଲି କଳ୍ପନା କହିଛନ୍ତି। କେବଳ ସେତିକି ନୁହେଁ, ବିଜେଡିର ପ୍ରଚାରରେ ପରିବାରର ନାଁ ନେବାକୁ ବିରୋଧ କରିଛନ୍ତି କଳ୍ପନା। ଟଙ୍କା ନେଇ ଅନ୍ୟ ଦଳକୁ ଯିବା ଆରୋପ ମିଥ୍ୟା ବୋଲି କହିବା ସହ ନୂଆପଡ଼ାର ବିକାଶ ପାଇଁ ସେ ବିଜେପିରେ ମିଶିଛନ୍ତି ବୋଲି କହିଛନ୍ତି। ଉତ୍ତରାଧିକାରୀ କିଏ ହେବ, ପରିବାର ନିଷ୍ପତ୍ତି ନେବ, କୌଣସି ଦଳ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି କଳ୍ପନା। ନିର୍ବାଚନୀ ପ୍ରଚାର ସମୟରେ ରାଜେନ୍ଦ୍ରଙ୍କ ଫଟୋ ବ୍ୟବହାର କରିବା ନୈତିକତା ଦୃଷ୍ଟିରୁ ଠିକ୍ ନୁହେଁ ବୋଲି ସେ କହିଛନ୍ତି। ସେପଟେ ବିଜେଡି ଓ ନବୀନ ପଟ୍ଟନାୟକ ସ୍ୱର୍ଗତଃ ରାଜେନ୍ଦ୍ରଙ୍କୁ ଅଣଦେଖା କରିଥିବା ନେଇ ତାଙ୍କ ପତ୍ନୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା। ସେ କହିଛନ୍ତି ଯେ ଜୟଙ୍କ ଅଭିଯୋଗ ଦୁର୍ଭାଗ୍ୟଜନକ ଓ ନିରାଧାର। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ଆଶୀର୍ବାଦରେ ତିନି ଥର ବିଧାୟକ ଭାବେ ଜିତିଥିଲେ ସ୍ୱର୍ଗତଃ ଢୋଲକିଆ। ନବୀନ ବାବୁ ତାଙ୍କୁ ମନ୍ତ୍ରୀ ମଧ୍ୟ କରିଥିଲେ। ନୂଆପଡ଼ାରେ ଯାହା ବି ବିକାଶ ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଶୀର୍ବାଦ ଯୋଗୁଁ ହୋଇଛି। ରାଜେନ୍ଦ୍ରଙ୍କ ବିଚାରଧାରାକୁ ହତ୍ୟା କରି ଜୟ ଢୋଲକିଆ ବିଜେପିକୁ ଯାଇ ତାହା ମିଛ କହୁଛନ୍ତି। ଜୟ ନିଜ ମନ୍ତବ୍ୟର ଆତ୍ମସମୀକ୍ଷା କରନ୍ତୁ। ପୂର୍ବରୁ ଜୟ ସ୍ପଷ୍ଟ ଭାବେ କହିଥିଲେ, ମୁଁ ନବୀନ ପଟ୍ଟନାୟକଙ୍କ ସହ ଅଛି, ବିଜୁ ବିଚାରଧାରା ସହ ଅଛି। ନବୀନ ବାବୁ ମୋତେ ଆଶୀର୍ବାଦ କରିଛନ୍ତି ନୂଆପଡ଼ାରେ ପ୍ରାର୍ଥୀ ହେବା ପାଇଁ। ତା'ପରେ ଦିଲ୍ଲୀରେ କ'ଣ ଡିଲ୍ ହେଲା ଯେ ସେ ବିଜେଡି ଛାଡି ବିଜେପି ପଳାଇଲେ, ତାହାକୁ ଜୟ ଢୋଲକିଆ ସ୍ପଷ୍ଟ କରିବା ଉଚିତ।

### ନିଜ ଗୁଳିରେ...

ବିରୋଧରେ କେସ ରୁଜୁ କରିଛି ଭରତପୁର ଥାନା ପୁଲିସ। କିନ୍ତୁ ବଡ଼ କଥା ହେଉଛି ଯେ ଉକ୍ତ ମହିଳା ଜଣଙ୍କ ବେଶ ସମ୍ଭ୍ରାନ୍ତ ଶ୍ରେଣୀର। ବିଏମଡବ୍ଲୁ କାରରେ ବୁଲନ୍ତି। ପ୍ରତିଷ୍ଠିତ କ୍ଲବ୍‌ରେ ସମୟ ବିତାନ୍ତି। ଆଉ ଏଭଳି ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ କରିବା ବେଳେ ଅନେକ ଯୁବକଙ୍କୁ ଫସାଇଥିବା ମଧ୍ୟ ଜାଣିବାକୁ ପାଇଛି ପୁଲିସ। ତାଙ୍କୁ ଧରିବା ପାଇଁ ଏବେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

### ଉତ୍କଳ ବିଲ୍ଡର୍ସରେ...

ଆରମ୍ଭ କରିଥିଲେ। ଏଥିସହ ଅନ୍ୟ ୧୯ଟି ସ୍ଥାନରେ ମଧ୍ୟ ହୋଇଥିଲା ଚଢ଼ାଉ। ୧୦୦ କୋଟି ଟଙ୍କାର ଠକେଇ ଅଭିଯୋଗରେ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ସହ କର୍ପୋରେଟ୍ କାର୍ଯ୍ୟାଳୟ, ବିଭିନ୍ନ ନିର୍ଦ୍ଦେଶକଙ୍କ ବାସଭବନ ଚାଲିଛି ଏହି ଛାନଭିନ୍। ଆକାଉଣ୍ଟାଣ୍ଟଙ୍କୁ ପଚରାଉଚରା କରିବା ସହ ଟିମ୍‌ର ସଦସ୍ୟମାନେ କମ୍ପାନୀର ପାର୍ଟନରମାନଙ୍କୁ ମଧ୍ୟ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଘାଇଲା କରୁଥିବା ଜଣାପଡ଼ିଛି। ଏଥିସହ ଉତ୍କଳ ବିଲ୍ଡର୍ସର ଅଫିସ ଆକାଉଣ୍ଟାଣ୍ଟ ପ୍ରସନ୍ନ କୁମାର ବେହେରାଙ୍କୁ ଅଟକ ରଖି ଜେରା କରୁଛି ସ୍ୱତନ୍ତ୍ର ଟିମ୍। ଆହୁରି ଉତ୍କଳ ବିଲ୍ଡର୍ସର ପାର୍ଟନର ପ୍ରକାଶ ଭୋରାଙ୍କୁ ବି ଟିକସ ଫାଙ୍କିଥିବା ନେଇ ପଚରାଉଚରା ଚାଲିଛି। ସକାଳ ସମୟରୁ ମୋଟ ୨୦ଟି ସ୍ଥାନରେ ଅତର୍କିତ ଚଢ଼ାଉ ଜାରି ରଖିଛି ଆଇଟି ଟିମ। ବସ୍ତା ବସ୍ତା କାଗଜ ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ବିଭାଗ ଜବତ କରିଥିବା ଜଣାପଡ଼ିଛି।

● ପାଲୁର ନିକଟରେ ଦୁର୍ଘଟଣା

## ଅଟୋ ଓ ଟ୍ରକ ଧକ୍କା; ଜଣେ ମହିଳା ମୃତ, ୩ ଆହତ



**ରମ୍ଭା,୪।୧୧ (ସଂଚାର ବ୍ୟୁରୋ):** ରମ୍ଭା ଥାନା ଅଞ୍ଚଳର ପାଲୁର ଜଙ୍କସନ୍ ନିକଟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଖଲିକୋଟ ଠାରୁ ଛତ୍ରପୁର ଯାଉଥିବା ଗୋଟିଏ ଅଟୋ ରିକ୍ସା (ନଂ ଓଡିଠ୭ଏନ୍୬୫୦୫) ରାସ୍ତା ପାର୍ଶ୍ୱରେ ଛିଡା ହୋଇ ରହିଥିବା ଏକ ଟ୍ରକ (ନଂ ଓଡିଠ୭ଏଆର୍ ୨୮୬୦) ସହ ଧକ୍କା ଲାଗି ଓଲଟିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ଚାରିଜଣ କୈଳାଶ ବେହେରା (୫୫), ତାଙ୍କ ସ୍ତ୍ରୀ ରଞ୍ଜୁ ବେହେରା (୫୦), ପୁଅ ଶଙ୍କର ବେହେରା (୨୦) ଓ ଅଟୋ ଚାଳକ ବାଲ୍ମୀକି ପାହାନ (୪୭) ଆହତ ହୋଇଥିଲେ। ଘଟଣାସ୍ଥଳରୁ ଆମ୍ବୁଲାନ୍ସ ଓ ରାସ୍ତା ନିରୀକ୍ଷଣ ଯାନ ଜାତୀୟ ରାଜପଥ ପାଟ୍ରୋଲିଂ) ସହଯୋଗରେ ଆହତମାନଙ୍କୁ ଛତ୍ରପୁର ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ରଞ୍ଜୁ ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ତିନି ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ୍ ହସ୍ପିଟାଲକୁ ପଠାଯାଇଛି।

## ବିଦ୍ୟୁତ ଆଘାତରେ ମିସ୍ତ୍ରୀ ମୃତ

**ହିଞ୍ଜିଳିକାଟୁ,୪।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ସୋମପୁର ପ୍ଲଟରେ ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜନୈକ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାଙ୍ଗରୋପଲ୍ଲୀ ଗ୍ରାମର ପପୁ ଗୌଡ଼। ପ୍ରଥମେ ହିଞ୍ଜିଳି ମେଡିକାଲରେ ସ୍ଥାନୀୟ ଲୋକେ ଭର୍ତ୍ତି କରିଥିବା ବେଳେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ଅପମୃତ୍ୟୁ ମାମଲା କେସ ନଂ ୨୭/୨୫ ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## 'ବିକଶିତ ଗାଁ ବିକଶିତ ଓଡିଶା' ପ୍ରକଳ୍ପ ପରିବର୍ତ୍ତନ ଅଭିଯୋଗ

**କେନ୍ଦ୍ରାପଡା,୪।୧୧(ସଂଚାର ବ୍ୟୁରୋ):** ଜମଧର ପଂଚାୟତ ଅନ୍ତର୍ଗତ ୧୮ନଂ ୱାର୍ଡର ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପଟି ଢଳେଇ ରାସ୍ତା ବଡଗାଁର ମାଧବ ପ୍ରଧାନ ଘର ଠାରୁ ବଡଗାଁ ଏଡବ୍ଲୁସି ଥିଲା। ପରବର୍ତ୍ତୀ ସମୟରେ ଗ୍ରାମର କିଛି ସ୍ୱାର୍ଥବାଦୀ ଲୋକ ଏହାକୁ ପରିବର୍ତନ କରି ୧୩ନଂ ୱାର୍ଡ ଜଷ୍ଟିଲୋ ଠାରୁ କେନାଲ ରାସ୍ତା ଜୟନ୍ତ ଜେନାଙ୍କର ଘର ପର୍ଯ୍ୟନ୍ତ ପରିବର୍ତନ କରାଯାଇଥିବା ଜମଧର ସରପଂଚ ରାଜ କିଶୋର ଖୁଣ୍ଟିଆ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଅନୁମୋଦନ ହୋଇଥିବା ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ବର୍ଷାଦିନରେ କାଦୁଅରେ ପଶି ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡିବ । ଅନ୍ୟ ପକ୍ଷରେ ବର୍ତମାନର ସ୍ଥିତି ପ୍ରକଳ୍ପ କେବଳ ଜଣେ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ସାଧନ ନିମନ୍ତେ କରାଯାଉଥିବା ଅଭିଯୋଗ ହୋଇଛି । ଏହି ପ୍ରକଳ୍ପକୁ ପରିବର୍ତନ କରାଯାଇ ପୂର୍ବ ପ୍ରକଳ୍ପ କାର୍ଯ୍ୟ କରିବାକୁ ସରପଚ ଦାବି କରିଛନ୍ତି ।

# ମା' ନାମରେ ଗଛ ଲଗାଇ ଖାଇଗଲେ ଟଙ୍କା

**ଯୋଜନା ନାଁରେ ହରିଲୁଟ**

**ଆନନ୍ଦପୁର,୪।୧୧ (ସଂଚାର ବ୍ୟୁରୋ):** ଚାରା ରୋପଣ ନାଁରେ ଆନନ୍ଦପୁର ଉପଖଣ୍ଡରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ। ଆନନ୍ଦପୁର ଉପଖଣ୍ଡରେ ଦୁର୍ନୀତିର ଗନ୍ଧ ଧିରେ ଧିରେ ବ୍ୟାପିଲାଣି। ପ୍ରତି ପଞ୍ଚାୟତରେ ଲାଗିଥିବା ଗଛ ବଞ୍ଚିଛି ନା ମରିଚି ବୋଲି ସନ୍ଦେହ ସୃଷ୍ଟି ହୋଇଛି। ହେବ କି ତଦନ୍ତ ନା ତଦନ୍ତରେ ବାଟବଣା ହେବେ ଅଧିକାରୀ।

ଭାରତର ଜନ୍ମପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ମା' ପାଇଁ ଗଛଟିଏ ଯୋଜନା ପ୍ରସ୍ତୁତ କରାଯାଇ ପ୍ରତି ପଞ୍ଚାୟତରେ ୫୦୦ ଲେଖାଏଁ ଗଛ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମ କରିବା ପାଇଁ ପ୍ରତି ପଞ୍ଚାୟତକୁ ରାଜ୍ୟ ସରକାର (ଏକ ଲକ୍ଷ ପଞ୍ଚାଅସି ହଜାର ଟଙ୍କା) ଏନଆରଇଜିଏସ ଯୋଜନା ମାଧ୍ୟମରେ ବ୍ୟୟବରାଦ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରତି ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀମାନେ ତଦାରଖ କରିଥିଲେ। ହେଲେ ପରିତାପର ବିଷୟ ପାଞ୍ଚ ଶହ ଗଛ ଲାଗିବା ବଦଳେ ଶହେ ଦୁଇ ଶହ ଲାଗିଛି। ଲାଗିଥିବା ଗଛ ଗୁଡିକର ଚାରି ପାର୍ଶ୍ୱକୁ ସୁରକ୍ଷା ବାଡ଼ା ଲଗାଇବା ପାଇଁ ଥିବା ବେଳେ କେଉଁଠି ବି ଲଗାଯାଇନାହିଁ। ଲାଗିଥିବା ଗଛ ଗୁଡ଼ିକ ମଧ୍ୟରୁ କିଛି ଗଛ ପାଣି ଅଭାବରୁ ମରିଗଲାଣି। ତେବେ ରାଜ୍ୟ ସରକାରଙ୍କ ଏହି ମା' ପାଇଁ ଗଛଟିଏ ଯୋଜନାକୁ ସଫଳ ରୂପାୟନ ନଦେଇ କିଛି ଅସାଧୁ ବାଟମାରଣା କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ ବାଉଁଶଗଡ଼ ପଞ୍ଚାୟତରେ ।

ତେବେ ଏହି ବିଷୟରେ ବାଉଁଶଗଡ଼ର ଗୋପୀନାଥ ସେଠୀ ଆନନ୍ଦପୁର ବ୍ଲକ ଉନ୍ନୟନ ଅଧିକାରୀ ଲିଖିତ ଅଭିଯୋଗ କରିଥିଲେ। ପରେ ଏହାର ତଦନ୍ତ ମଧ୍ୟ ବିଡ଼ିଓ କରିଥିବା ଜଣାପଡ଼ିଛି। ସରପଞ୍ଚଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ ହେବ ତାହା ଦେଖିବାକୁ ବାକି ରହିଲା। ତେବେ ଦୁର୍ନୀତି ବିଷୟରେ ସ୍ୱର ଉଠାଇଲା ପରେ ହତ୍ୟା ଧମକ ମିଳୁଥିବାରୁ ଗୋପୀନାଥ ସେଠୀ ଆନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଯଦି ଖୋଦ୍ ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲାରେ ଏଭଳି ଦୁର୍ନୀତି ହୁଏ ଏବଂ ଯୋଜନା ନାଁରେ ଟଙ୍କା ଆତ୍ମସାତ ହୁଏ। ତେବେ ଅନ୍ୟ ଜିଲ୍ଲା କଥା କ'ଣ କହିବା ଭଲ।





## ବାରିକ ସାହିରେ କାର୍ତ୍ତିକେୟଙ୍କ ପୂଜା

**ଆନନ୍ଦପୁର,୪।୧୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମ୍ୟୁନିସିପାଲିଟି ୬ନଂ ୱାର୍ଡର ବାରିକ ସାହିରେ କାର୍ତ୍ତିକେଶ୍ୱରଙ୍କ ୫୬ତମ ବାର୍ଷିକ ପୂଜା ଉତ୍ସବ ଅତି ଧୂମ୍ ଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷିରେ ସମଗ୍ର ଆନନ୍ଦପୁରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଖ ପାଖ ଅଞ୍ଚଳରୁ ବୋହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ବୁଧବାର ରାତ୍ର ୧୧ଟା ସମୟରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ପୂଜା କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ଯୁବନେତା ସଂଗ୍ରାମ ପାତ୍ର



**ଯାଜପୁର,୪।୧୧ (ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନରେ ରାଜ୍ୟର ରାଜନୀତି ସରଗରମ ହୋଇଥିବା ବେଳେ ପ୍ରଚାର ମଇଦାନରେ ଯାଜପୁରର ଯୁବନେତା ସଂଗ୍ରାମ ପାତ୍ରଙ୍କ ଉପସ୍ଥିତି ନୂତନ ଉତ୍ସାହ ଭରିଦେଇଛି। ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡିକୁ ଚେକ୍ ଦେଇ ନିଜ ଦଳୀୟ ସଂଗଠନକୁ ସୁଦୃଢ଼ କରିଥିବା ସଂଗ୍ରାମ, ବର୍ତ୍ତମାନ ନୂଆପଡା ଉପନିର୍ବାଚନରେ ବିଜେପି ପକ୍ଷରୁ ପ୍ରଚାର ମଞ୍ଚରେ ଆଗୁଆ ଭୂମିକା ଗ୍ରହଣ କରିଛନ୍ତି। ସେ ଯାଜପୁର ସାଂସଦଙ୍କ ସହିତ କୋମନା ବ୍ଲକ ଅଧୀନ ବଖାରି ମଣ୍ଡଳର ବିଭିନ୍ନ ଗ୍ରାମପଞ୍ଚାୟତ ଦାୟିତ୍ୱରେ ନିର୍ବାଚନ ପ୍ରଚାରରେ ସାମିଲ ହୋଇଛନ୍ତି। ସଂଗ୍ରାମ ଘରେଘରେ ଯାଇ ଭୋଟରଙ୍କ ସହ ସାକ୍ଷାତ କରି ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ

### ସାଂସଦଙ୍କ ସହ ଭୋଟ ସଂଗ୍ରହ ଅଭିଯାନରେ ସାମିଲ

ପାଇଁ ସମର୍ଥନ ସଂଗ୍ରହ କରୁଛନ୍ତି। ତାଙ୍କ ଯୁବ ଉତ୍ସାହ, ସାଙ୍ଗଠନିକ ଦକ୍ଷତା ଓ ଦୀର୍ଘ ରାଜନୈତିକ ଅନୁଭବ ସହିତ "ଡବଲ ଇଞ୍ଜିନ ସରକାର"ର ଲୋକାଭିମୁଖୀ ଯୋଜନାମାନଙ୍କୁ ଭୋଟରଙ୍କ ମଧ୍ୟରେ ପହଞ୍ଚାଇ ସଂଗ୍ରାମ ଏକ ନୂଆ ଜୋଷ ଭରିଦେଇଛନ୍ତି। ସଂଗ୍ରାମଙ୍କ ଯୋଗଦାନରେ ନୂଆପଡା ଅଞ୍ଚଳରେ ବିଜେପି କାର୍ଯ୍ୟକର୍ତ୍ତା ଓ ନେତୃତ୍ୱମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଦେଖାଦେଇଛି।

## ହିଞ୍ଜିଳି ବିଜେଡିର ପ୍ରସ୍ତୁତି ବୈଠକ



**ହିଞ୍ଜିଳିକାଟୁ,୪।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସାରୁ ଗ୍ରାମର କଲ୍ୟାଣ ମଣ୍ଡପ ଠାରେ ହିଞ୍ଜିଳି ବ୍ଲକ ବିଜେଡ଼ିର ଉପଦେଷ୍ଟା ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ମାସର ୧୦ ତାରିଖରେ ହିଞ୍ଜିଳି ବ୍ଲକ ଓ ପୌରାଞ୍ଚଳର ମିଳିତ ଭାବେ ବିଜେଡ଼ି ତରଫରୁ ପଦଯାତ୍ରା ଓ ପଥପ୍ରାନ୍ତ ସଭା ହିଞ୍ଜିଳିକାଟୁରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ନେତା ଯୋଗଦେବାର ସମ୍ଭାବନା ରହିଛି। ଆସନ୍ତା ଦିନରେ ବ୍ଲକର ପ୍ରତି ପଂଚାୟତରେ ବୈଠକ ଅନୁଷ୍ଠିତ ହେବା ସହ ବିଜେପି ସରକାରଙ୍କ ଅସଫଳତା ଓ ସ୍ଥାନୀୟ ସମସ୍ୟାକୁ ନେଇ ବ୍ଲକ ଘେରାଉ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିରୋଧୀ ଦଳ ନେତାଙ୍କ ଜିଲ୍ଲାପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳିକାଟୁ ପୌରପରିଷଦର ଅଧ୍ୟକ୍ଷ ସୁବାଷ ପୋଲାଇ, ହିଞ୍ଜିଳି ବ୍ଲକ ଉପାଧ୍ୟାକ୍ଷା ସୁନୀଲ ଗନ୍ତାୟତ, ଜିଲ୍ଲା ପରିଷଦ ସଭ୍ୟ ଏ.ସୁଦର୍ଶନ, ପ୍ୟାରୀ ମୋହନ ପାଢ଼ୀ, ଦୁର୍ଗା ମାଧବ ମହାନ୍ତି, ନୀଳମଣି ପଟ୍ଟନାୟକ, ଅଜୟ ମହାରଣାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜନଜାତି ବିକାଶ ପରିଷଦ ତରଫରୁ ଦାବିପତ୍ର



**ରାଇଘର,୪।୧୧ (ସଂଚାର ବ୍ୟୁରୋ):** ରାଇଘର ଠାରେ ଏକ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ଅନୁଦାନ ମଞ୍ଜୁର କରାଯାଇଅଛି। କିନ୍ତୁଜମି ଅଭାବରୁ ଏହା ନିର୍ମାଣ କରାଯାଇପାରୁ ନାହିଁ। ଏହିପରିପ୍ରେକ୍ଷୀରେଗତତା୧୦/୧୦/୨୦୨୫ ରିଖରେ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ନବରଙ୍ଗପୁରଙ୍କ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୪୦୮୯/ଆଇଟିଡିଏ(ଏନ୍)-୨୦୨୫, ତାରିଖ୦୧/୧୦/୨୦୨୫ ଦ୍ୱାରା ଜମି ଆବଣ୍ଟନ ନିମନ୍ତେ ଜାରି କରାଯାଇଛି। ଏଣୁ ଏକ ଉପଯୁକ୍ତ ସରକାରୀ ଜମି ରାଇଘର ଠାରେ ଚିହ୍ନଟ କରି ପ୍ରଦାନ କରିବାକୁ ଜନଜାତି ବିକାଶ ପରିଷଦ ତରଫରୁ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଭବନ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଐତିହ୍ୟ, କଳା, ସଙ୍ଗୀତ, ନୃତ୍ୟ ଏବଂ ରୀତିକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ଏକ ସାଂସ୍କୃତିକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ବର୍ତ୍ତମାନ ଅନେକ ସାଂସ୍କୃତିକ କାର୍ଯ୍ୟକଳାପ ଏବଂ ସମ୍ପ୍ରଦାୟ ସମାବେଶ ଆୟୋଜନ କରିବା ପାଇଁ କୌଣସି ଉପଯୁକ୍ତ ସ୍ଥାନ ନାହିଁ। ଏହି ଭବନ ପ୍ରତିଷ୍ଠା କରିବା ଦ୍ୱାରା ସାଂସ୍କୃତିକ ବିକାଶ ଏବଂ ସମ୍ପ୍ରଦାୟ ଏକତାକୁ ସୁଦୃଢ଼ କରିବାରେ ବହୁତ ସାହାଯ୍ୟ ମିଳିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛି ଆଦିବାସୀ ବିକାଶ ପରିଷଦ। ଏଥିରେ ସଭାପତି ସୁବର୍ଣ୍ଣ ଗଣ୍ଡ ,ସମ୍ପାଦକ ପିଲିସାଇ ଗଣ୍ଡ ,କୋଷାଧକ୍ଷ ନରସିଂହ ଯାନୀ, ଘନଶ୍ୟାମ ଗଣ୍ଡ, ଉପଦେଷ୍ଟା ଯତୀନ୍ଦ୍ର ଗଣ୍ଡ, ସାହା ଗଣ୍ଡ,ଗୋବିନ୍ଦ ଚନ୍ଦ୍ର ଗଣ୍ଡ, ରତନ ଗଣ୍ଡ, କ୍ରିଷ୍ଣା କୁଞ୍ଜମଙ୍କ ସମେତ ଏକାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ବଡ଼ଓଷାରେ ବିଭିନ୍ନ ଶୈବ ପୀଠରେ ଲାଗିହେଲା ଗଜଭୋଗ

**କାକଟପୁର/ଅସ୍ତରଙ୍ଗ,୪।୧୧ (ସଂଚାର ବ୍ୟୁରୋ):** ପବିତ୍ର ବଡ଼ଓଷା। ପୁଣ୍ୟ ମାସ କାର୍ତ୍ତିକ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ବଡ଼ଓଷା ପାଳିତ ହୋଇଥାଏ। ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ବିଭିନ୍ନ ଶୈବ ପୀଠରେ ଭକ୍ତଙ୍କ ଗହଳି। କେଉଁ ଆଦିମ କାଳରୁ ଦେବଦେବ ମହାଦେବଙ୍କ ଏହି ମହାନ ପର୍ବ ପାଳିତ ହୋଇଆସୁଛି। ଧର୍ମ ମାସ କାର୍ତ୍ତିକର ମହାପଞ୍ଚକରେ ହବିଷ୍ୟାଳିଙ୍କ ବିଷ୍ଣୁ ପୂଜନ ଓ ବଡ଼ଓଷାରେ ମହାଦେବଙ୍କ ଉପାସନାରେ ବିଭୋର ଭକ୍ତ। ଉତ୍କଳୀୟ ପରମ୍ପରା ରେ ବଡ଼ଓଷା ର ସ୍ୱତନ୍ତ୍ର ମହତ୍ୱ ରହିଛି। ଏହି ବଡ଼ଓଷା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ଦେବୀ ନଦୀ ପଠାରେ ବଣ ଜଙ୍ଗଲ ଘେରା ମଧ୍ୟରେ କେଉଁ ଆବାହନ କାଳରୁ ବାବା ଧବଳେଶ୍ୱର ପୀଠରେ ଯାକଜକମ ରେ ପାଳିତ ହୋଇ ଆସୁଅଛି। ଚଳିତ ବର୍ଷ ଏହି ପୀଠରେ ବଡ଼ଓଷାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି। ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବାକୁ ଭକ୍ତ ମନରେ ଆବେଗ ରହିଛି। ବର୍ଷକୁ ଥରେ ମାତ୍ର ବଡ଼ଓଷା ରେ ବଡ଼ ସିଂହାର ବେଶରେ ଦର୍ଶନ ଦିଅନ୍ତି ବାବା ଧବଳେଶ୍ୱର। ପବିତ୍ର ତ୍ରୟୋଦଶୀ ରାତିରେ ବଡ଼ଓଷା ପାଇଁ ପ୍ରସ୍ତୁତ ଆରମ୍ଭ ହୁଏ। ତ୍ରୟୋଦଶୀ ଓ ଚତୁର୍ଦଶୀ ର ସନ୍ଧି ସମୟରେ ପ୍ରଭୁଙ୍କ ବଡ଼ଓଷା ନିତୀ ସମ୍ପର୍ଣ୍ଣ ହୁଏ। ବାବା ଧବଳେଶ୍ୱର ଙ୍କୁ ଲାଗି ହୁଏ ଗଜଭୋଗ। ମଙ୍ଗଳବାର ବିଳମ୍ବିତ ରାତିରେ ମଇଲମ୍, ମଙ୍ଗଳ ଆଳତୀ ଆଦି ସମସ୍ତ ନୀତିକାନ୍ତି ପରେ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ।ଉଜାଗର ରହି ବୁଧବାର ସକାଳୁ ବାବାଙ୍କ ଦୁର୍ଲଭ ବେଶକୁ ଦର୍ଶନ କରିବେ ଶ୍ରଦ୍ଧାଳୁ।

## ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୪।୧୧ (ସଂଚାର ବ୍ୟୁରୋ):** ଆଜି ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୦ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୮ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୦୩ଟି ସମସ୍ୟାର ସମାଧାନ ତତକ୍ଷଣାତ କରାଯାଇଥିଲା ।

### ଆଡୁ ଟୁର୍ଣ୍ଣାମେଣ୍ଟରେ ଉତ୍ସାହ

## ପାରମ୍ପରିକ ଖେଳକୁ ବଞ୍ଚାଇବାର ନିଆରା ପଦକ୍ଷେପ

**ଗଞ୍ଜାମ,୪।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପାରମ୍ପରିକ ଗାଁ ଖେଳ "ଆଡୁ"କୁ ବଞ୍ଚାଇ ରଖିବା ଓ ଯୁବ ପିଢ଼ିକୁ ଗାଁ ସଂସ୍କୃତି ସହିତ ଯୋଡ଼ିବା ପାଇଁ ଏକ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି।କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଡୁ ଟୁର୍ନାମେଣ୍ଟ ଉଦଘାଟନ ହୋଇଯାଇଅଛି।କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବୃନ୍ଦାବନ ପଣ୍ଡା ଉଦଘାଟନ କରିଥିଲେ। ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଉପସଭାପତି ଅରୁଣ କୁମାର ପଣ୍ଡା, ସମ୍ପାଦକ ବିନୋଦ ଚନ୍ଦ୍ର ମହାପାତ୍ର, କୋଷାଧକ୍ଷ ବିପ୍ର ଚରଣ ମହାପାତ୍ର, ବରିଷ୍ଠ ସଦସ୍ୟ ତ୍ରିନାଥ ପାଣିଗ୍ରାହୀ, ପତିତପାବନ ମହାପାତ୍ର, ବ୍ରଜସୁନ୍ଦର ପାଣିଗ୍ରାହୀ, ଲିଙ୍ଗରାଜ ପଟ୍ଟନାୟକ, ଗୌରୀ ଶଙ୍କର ପାଢ଼ୀ, ଶରତ ଦାସ, ମଙ୍ଗରାଜ ପଣ୍ଡା ଓ ବସନ୍ତ ସାବତ ଉପସ୍ଥିତ ଥିଲେ।

ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜି ସେମିଫାଇନାଲ ଖେଳ ଅନୁଷ୍ଠିତ ହେବା ସହ,



ଆସନ୍ତାକାଲି ଫାଇନାଲ ମ୍ୟାଚ ହେବା ନିର୍ଦ୍ଧାରିତ ହୋଇଛି। ପରିଷଦ ପକ୍ଷରୁ ଗତ ୩ ବର୍ଷ ଧରି ଏହି ପାରମ୍ପରିକ ଖେଳ ଟୁର୍ନାମେଣ୍ଟକୁ ଆୟୋଜନ କରାଯାଉଛି। ଗଞ୍ଜାମ ସହର ଓ ପରିସରରେ "ଆଡୁ" ଖେଳ ଦୀର୍ଘଦିନ ଧରି ମନୋରଞ୍ଜନ, ସମୂହୀୟ ଏକତା ଓ ଗାଁ ସଂସ୍କୃତିର ପ୍ରତିକ ଭାବେ ପରିଚିତ। ଏହା ମାଧ୍ୟମରେ ବରିଷ୍ଠ ନାଗରିକମାନେ ଗାଁର ସ୍ଥାନୀୟ ଖେଳ ଓ ସାମୁଦାୟିକ ଏକତାକୁ ପୁନଃ ସଜୀବ କରିବାର ଚେଷ୍ଟା କରୁଛନ୍ତି।

# ପୀରଜାହାନିଆ ବାଲିଯାତ୍ରା ପାଇଁ ବଢୁଛି କ୍ରେଜ୍

● ଦ୍ୱିତୀୟ ବର୍ଷରେ ଆରମ୍ଭ ହେବାକୁ ଯାଉଛି ତାଳଦା ଦେବୀ ନଦୀପଠାରେ ଆଞ୍ଚଳିକ ବୋଇତ ବନ୍ଦାଣ

**କାକଟପୁର/ଅସ୍ତରଙ୍ଗ,୪।୧୧ (ସଂଚାର ବ୍ୟୁରୋ):** ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ଐତିହ୍ୟ ବହନ କରୁଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆଁ ବାଲିଯାତ୍ରା। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଛୁରିଆନା ପଂଚାୟତ ପୀରଜାହାନିଆଁ ପୀଠ ଉପର ଓ ତଳ ପଡିଆରେ ଆୟୋଜିତ ହେବାକୁ ଥିବା ପୀରଜାହାନିଆ ବାଲିଯାତ୍ରାକୁ ସାଧାରଣ ଲୋକ ମନୋରଞ୍ଜନ କରିବେ। କିଣାବିକା ସାଙ୍ଗକୁ ବିଚିତ୍ରାରେ ପୀରଜାହାନିଆଁ ବାଲିଯାତ୍ରା ମାହୋଲ ଉତ୍ସବ ମୁଖରିତ ହେବ। ପୁଲିସ ସହ ଅଗ୍ନିଶମ ବିଭାଗର ଗୋଟିଏ ଲେଖାଏଁ ପୋଷ୍ଟ ରହିବା ସହ ଏଠାରେ ଜରୁରୀ କାଳୀନ ଆନାଉନ୍ସମେଣ୍ଟ କରାଯିବ।



ସେହିପରି ପିଇବା ପାଣିର ସଠିକ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଫିକ ଓ ପାର୍କିଂକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ବାଲିଯାତ୍ରା ବେଳେ ଭାରିଯାନ ଚଳାଚଳ ଉପରେ ନଜର ରଖାଯିବ।

ସେହିପରି ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ ତାଳଦା ପଂଚାୟତ ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତରାସାହି ପଂଚାୟତର ମିଳିତ ସହଯୋଗରେ ଦେବୀ ନଦୀ ପଠାରେ ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା। ୫ତାରିଖ ବୁଧବାର ପ୍ରତ୍ୟୁଷରେ ଅତିଥି ମାନଙ୍କ ଉପସ୍ଥିତରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ଦେବୀ ନଦୀ ପଠାରେ ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁ ଥିବା ଉତ୍ସବର ବିଭିନ୍ନ ଦିନରେ ବାଲିକୁଦା, କାକଟପୁର, ଜଗତସିଂହପୁର, ନିମାପଡା ବିଧାନସଭା କ୍ଷେତ୍ରର ବିଧାୟକ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# କୋଭିଡ୍ ଯୋଦ୍ଧାକୁ ଭୁଲିଗଲା ଜିଲ୍ଲା ପ୍ରଶାସନ

**୫ ବର୍ଷ ହେଲା ଗ୍ରାଚୁଇଟି ଓ ଏନ୍‌ପିଏସ୍ ଅପେକ୍ଷାରେ ପରିବାର**

**ଯାଜପୁର,୪।୧୧ (ସଂଚାର ବ୍ୟୁରୋ):** କୋଭିଡ୍ ମହାମାରୀ ସମୟରେ ଜନସେବାରେ ନିଜ ଜୀବନ ଉତ୍ସର୍ଗ କରିଥିବା ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଗତ ଲୋକେଶ କୁମାର ପଣ୍ଡାଙ୍କ ପରିବାର ଏପର୍ଯ୍ୟନ୍ତ ନ୍ୟାୟ ପାଇନାହାନ୍ତି। ଜୀବନ ହରାଇଥିବାର ୫ ବର୍ଷ ପରେ ମଧ, ସରକାରୀ ଭାବରେ ମିଳିବାକୁ ଥିବା ଚାକିରି ଗ୍ରାଚୁଇଟି ଓ ଏନ୍‌ପିଏସ୍ ଟଙ୍କା ତାଙ୍କ ଅସହାୟ ପତ୍ନୀ ମୋନାଲିଶାଙ୍କୁ ମିଳିନାହିଁ।

ସୂତ୍ର ଅନୁସାରେ, ପୂର୍ବ ସରକାର ସମୟରେ କରୋନା ସହିଦଙ୍କ ପରିବାରଙ୍କୁ ଶୀଘ୍ର ସହାୟତା ମିଳିଥିଲା। କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ କିରାଣୀ ଥିବା କମଳାକାନ୍ତ ନନ୍ଦଙ୍କ ଅଧିକାରୀୟ ଅସହଯୋଗ ଫଳରେ



ସେହି ପ୍ରକ୍ରିୟା ବିଳମ୍ବିତ ହୋଇପଡ଼ିଥିଲା। ମୋନାଲିଶା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅନେକଥର ଯାଇ ନିରାଶ ହୋଇଥିଲେ। ଶେଷରେ ସେ ପୂର୍ବତନ ଜିଲ୍ଲାପାଳ ଚକ୍ରବର୍ତୀ ସିଂହ ରାଠୋରଙ୍କ ସହିତ ସାକ୍ଷାତ କରି ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଘଟଣାକୁ ଗଭୀରତାର ସହିତ ନେଇ, ପ୍ରାୟ ୧୧ ମାସ ପରେ ସରକାରୀ ପରିବାର ସହାୟତା ଭତ୍ତା ଟଙ୍କା ମିଳିଥିଲା। ଏହି ଅସହଯୋଗୀ ଆଚରଣ ଦେଖି ଜିଲ୍ଲାପାଳ ସେତେବେଳେ ନନ୍ଦଙ୍କୁ ସୁକିନ୍ଦାକୁ ବଦଳି କରିଥିଲେ। କିନ୍ତୁ ସରକାର ପରିବର୍ତ୍ତନ ପରେ ସେହି ଅଧିକାରୀ ପୁଣି ଯାଜପୁରକୁ ଫେରି ଆସି, ଦୁର୍ନୀତିପର ଅଧିକାରୀ ଓ କର୍ମଚାରୀମାନଙ୍କୁ ଉସକାଇ ଲୋକେଶ ପଣ୍ଡାଙ୍କ ପରିବାର ପାଇବାକୁ ଥିବା ଗ୍ରାଚୁଇଟି ଓ ଏନ୍‌ପିଏସ୍ ଟଙ୍କା ରିଲିଜ୍ କରୁନାହାନ୍ତି ବୋଲି ଅଭିଯୋଗ ଉଠିଛି। ସହାୟତା ପାଇବା ଆଶାରେ ମୋନାଲିଶା ପଣ୍ଡା ଏପର୍ଯ୍ୟନ୍ତ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଓ ସରକାରୀ ଅଫିସ ଘୁରୁଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବିଶେଷ ପାସେଞ୍ଜର ଟ୍ରେନ

**ବ୍ରହ୍ମପୁର,୪।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଯାତ୍ରୀମାନଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ଦ୍ୱାରା ବ୍ରହ୍ମପୁର ଓ ପୁରୀ ମଧ୍ୟରେ ବିଶେଷ ପାସେଞ୍ଜର ଟ୍ରେନ ଚଳାଚଳ କରାଯାଉଛି। ୦୮୦୪୧୭ ବ୍ରହ୍ମପୁର–ପୁରୀ ପ୍ୟାସେଞ୍ଜର ବିଶେଷ ଟ୍ରେନ ମଙ୍ଗଳବାର ଅର୍ଥାତ୍ ଆଜି ରାତି ୮.୩୫ ମିନଟ୍ ରେ ବ୍ରହ୍ମପୁରରୁ ଛାଡି ମଧ୍ୟରାତ୍ରି ପରେ ୧.୩୦ ମିନଟ୍ ରେ ପୁରୀ ଠାରେ ପହଞ୍ଚିବ। ସେହିପରି ୦୮୪୧୮ ପୁରୀ–ବ୍ରହ୍ମପୁର ପ୍ୟାସେଞ୍ଜର ବିଶେଷ ଟ୍ରେନ ବୁଧବାର ଭୋର ୩ ଘଟିକାରେ ପୁରୀରୁ ବ୍ରହ୍ମପୁର ଯାତ୍ରା କରିବ। ଅନ୍ୟ ଏକ ବିଶେଷ ଟ୍ରେନ୍ ୦୮୪୪୮ ପୁରୀ–ବ୍ରହ୍ମପୁର ପ୍ୟାସେଞ୍ଜର ବିଶେଷ ଟ୍ରେନ ଗୁରୁବାର ସକାଳ ୫ ଘଟିକାରେ ପୁରୀରୁ ବ୍ରହ୍ମପୁର ଯାତ୍ରା କରିବ। ଏହି ବିଶେଷ ଟ୍ରେନଗୁଡିକ ଯାତ୍ରୀମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ଓ ହବିଶ୍ୟା ଉତ୍ସବ ସମୟରେ ସୁବିଧାଜନକ ଯାତ୍ରା ପାଇଁ ସହାୟକ ହେବ।

## ସୋଆ ଏସ୍‌ପିଏସ୍-୧ର ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ-୧ (ଏସ୍‌ପିଏସ୍-୧)ର ନୂତନ ଶିକ୍ଷା ବର୍ଷ ବି.ଫାର୍ମା ଓ



ଏମ୍.ଫାର୍ମା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶୁକ୍ରବାର ଓରିଏଂଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଡେପୁଟି ଡ୍ରଗ କଂଟ୍ରୋଲର ତଥା ଆଇପିଜିଏ ଓଡ଼ିଶା ଶାଖାର ସଭାପତି ଡ. ଲଳିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ଏକ ମହାନ ବୃତି ବୋଲି କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାସିଷ୍ଟମାନେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିବାବେଳେ କୋଭିଡ୍ ସମୟରେ ନିଜର କଠିନ ପରିଶ୍ରମ ଓ ନିଃସ୍ୱାର୍ଥପର ମନୋଭାବ ଯୋଗୁଁ ସମାଜର ହିତ ପାଇଁ ଅହରହ ଯୋଦ୍ଧା ପରି ଲଢୁଥିଲେ। ବର୍ତମାନ ସମୟରେ ଏହି ବୃତିଗତ ଶିକ୍ଷାକୁ ଅଧ୍ୟୟନ କରିବା ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଖୁବ୍ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଥିଲେ।

ସେହିପରି ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆରେ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ଅକ୍ଟୋବର ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ନେଇ ସମୀକ୍ଷା

**ଭୁବନେଶ୍ୱର, ୪।୧୧(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ତରଫରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ୨୦୨୫ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା। ଅନ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।



ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହିତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

ଅର୍ଥ ବିଭାଗ ତରଫରୁ ରାଜ୍ୟର ଆର୍ଥିକ ପ୍ରଦର୍ଶନ ସଂପର୍କିତ ଉପସ୍ଥାପନାରୁ ଜଣାଯାଇଛି ଯେ, ଗତ ଅକ୍ଟୋବର ମାସ ସୁଦ୍ଧା ବଜେଟ୍ ବ୍ୟୟ ଅଟକଳର ମୋଟ ୩୮ ପ୍ରତିଶତ ଖର୍ଚ୍ଚ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ଚଳିତ ୨୦୨୫-୨୬ ବର୍ଷର ଏହି ସମୟ ମଧ୍ୟର ଖର୍ଚ୍ଚ ପରିମାଣରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି। ବୈଠକରେ ବଜେଟରେ ଅଧିକ ବ୍ୟୟ ବ୍ୟବସ୍ଥା କରାଯାଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଜଳ ସଂପଦ, ପୂର୍ତ୍ତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଗ୍ରାମ୍ୟ ଉନ୍ନୟନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆଦି ୧୦ ଟି ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗର ୨୦୨୪-୨୫ ବର୍ଷ ଏବଂ ୨୦୨୫-୨୬ ବର୍ଷରେ ଅକ୍ଟୋବର ମାସ ସୁଦ୍ଧା ଖର୍ଚ୍ଚ ପ୍ରତିଶତ ତୁଳନାତ୍ମକ ସମୀକ୍ଷା କରାଯାଇଥିଲା। ଅଧିକାଂଶ ବିଭାଗ ଗତବର୍ଷ ତୁଳନାରେ ଏ ବର୍ଷ ଭଲ ପ୍ରଦର୍ଶନ କରିଥିବା ବୈଠକରୁ ଜଣାପଡ଼ିଛି। ଆଗାମୀ ଦିନରେ ସମସ୍ତ ବିଭାଗମାନଙ୍କୁ ଆର୍ଥିକ ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ସେହିପରି ମୋଟ ରାଜସ୍ୱ ଆଦାୟ କ୍ଷେତ୍ରରେ ଗତ ୨୦୨୪ ଅକ୍ଟୋବର ତୁଳନାରେ ଏ ବର୍ଷ ୭.୨ % ବୃଦ୍ଧି ଘଟିଛି। ନିଜସ୍ୱ କର ଆଦାୟ, ନିଜସ୍ୱ ଅଣ କର ରାଜସ୍ୱ ଆଦାୟ, କେନ୍ଦ୍ରୀୟ କର ବାବଦକୁ ରାଜ୍ୟର ଅଂଶଧନ ଓ କେନ୍ଦ୍ରୀୟ ଅନୁଦାନ ଆଦିକୁ ମିଶାଇ ମୋଟ ରାଜସ୍ୱ ୪୭.୬ % ସଫଳତା ହାସଲ ହୋଇଛି। ନଭେମ୍ବରରୁ ଆଗାମୀ ମାର୍ଚ୍ଚ ୨୦୨୬ ସୁଦ୍ଧା ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରହିଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ପାଇଁ କେନ୍ଦ୍ରର ଅଂଶଧନ ବାବଦକୁ ରାଜ୍ୟକୁ ସର୍ବାଧିକ ଆର୍ଥିକ ରାଶି ପ୍ରଦାନ ସଂପର୍କରେ ସଂପୃକ୍ତ ବିଭାଗମାନଙ୍କୁ ନିୟମିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

## ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତିକୁ ଗୁରୁତ୍ୱ



**ଭୁବନେଶ୍ୱର, ୪।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ଔଦ୍ୟୋଗିକତା ଏବଂ ଶିଳ୍ପର ଅଭିବୃଦ୍ଧି ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା ଅବସରରେ ଏହି ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏ ଦିଗରେ କିଛି ରାଜ୍ୟ କାମ ଆରମ୍ଭ କରିଛନ୍ତି। ଏଣୁ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅଧିକାରୀମାନେ ସମାନ ଆଭିମୁଖ୍ୟ ଗ୍ରହଣ କରିବାକୁ କହିଥିଲେ। ରାଜ୍ୟରେ ବହୁଳ ସଂଖ୍ୟାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରତିରକ୍ଷା ଏବଂ ମହାକାଶ କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ, ଭାରତ ସରକାର ପ୍ରତିରକ୍ଷା ସାମଗ୍ରୀ ବିଦେଶରୁ ଆମଦାନୀକୁ ସୀମିତ କରି ଘରୋଇ ନିର୍ମାତାଙ୍କଠାରୁ ଉତ୍ପାଦ/ସାମଗ୍ରୀ କ୍ରୟ କରିବା ଉପରେ ପ୍ରାଥମିକତା ଦେଇଛନ୍ତି। ଏଣୁ ଏ ଦିଗରେ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପରୋକ୍ତ ସାମଗ୍ରୀ ଉତ୍ପାଦନ ପାଇଁ ବିସ୍ତୃତ ପ୍ରକଳ୍ପ ପ୍ରୋଫାଇଲ ପ୍ରସ୍ତୁତ କରିବାକୁ କହିଥିଲେ। ଏହି ପ୍ରକଳ୍ପ ପ୍ରୋଫାଇଲରେ ୟୁନିଟ୍ ସେଟ୍‌ଅପ୍, ଜମି, ନିବେଶ ଆବଶ୍ୟକତା, ଉପକରଣ ସୋର୍ସିଂ ଏବଂ ଅନ୍ୟାନ୍ୟ ବୈଷୟିକ ବିବରଣୀ ସହିତ ପ୍ରକଳ୍ପ ପ୍ରୋଫାଇଲ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଶିଳ୍ପ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମହିଳା ଓ ଶିଶୁ ବିକାଶ, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଏମ୍‌ଡି ଇପିକଲ ଭୁପେନ୍ଦ୍ର ସିଂହ ପୁନିଆ, ସିଇଓ ଷ୍ଟାର୍ଟ ଅପ୍ ଓଡ଼ିଶା ରଶ୍ମିତା ପଣ୍ଡା, ଶିଳ୍ପ ବିଭାଗର ନିର୍ଦ୍ଦେଶକ ଆବୋଲି ଏସ୍ ନରବାଣେଙ୍କ ସମେତ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା- ଶାସନ ସଚିବ ଶ୍ରୀମତୀ ରୁପା ରୋଶନ ସାହୁ ପ୍ରାରମ୍ଭରେ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ନୂଆପଡ଼ା ପ୍ରତି ଅନ୍ୟାୟ ହେବାକୁ ଦିଆଯିବନି

# ଘରକୁ ଘର ବୁଲି ଭୋଟ୍ ମାଗିଲେ ସ୍ନେହାଙ୍ଗିନୀ



**ନବୀନ ବାବୁଙ୍କ କାମକୁ ସବୁଠି ମିଳୁଛି ସ୍ୱୀକୃତି**

**ଭୁବନେଶ୍ୱର, ୪।୧୧(ସଂଚାର ବ୍ୟୁରୋ):** ମା'ଙ୍କୁ ସମ୍ମାନ, ଗାଁକୁ କାମ ମିଳିବ। ଅଟକି ଯାଇଥିବା ମହିଳା ସଶକ୍ତିକରଣ ପୁଣି ଆଗକୁ ବଢ଼ିବ। ନୂଆପଡ଼ାବାସୀଙ୍କୁ ସେମାନଙ୍କ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ। ଚାଷୀଙ୍କ ପାଇଁ ଆମେ ସ୍ୱର ଉଠାଇବୁ। ମଙ୍ଗଳବାର ବିଜୁ ଜନତା ଦଳର ପ୍ରାର୍ଥୀନୀ ନୂଆପଡା ବ୍ଲକରେ ଜିଲ୍ଲାପରିଷଦ ଜୋନ୍-୮ର ୫ଟି ଗ୍ରାମପଞ୍ଚାୟତରେ ବିଜେଡି ସପକ୍ଷରେ ଭୋଟ ମାଗିବା ଅବସରରେ ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସ୍ନେହାଙ୍ଗିନୀ ଛୁରିଆ ଆଜି କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଲୋକଙ୍କ ଦ୍ୱାରା ବେଶ୍ ଆଦର ଓ ଆଶୀର୍ବାଦ ଲାଭ କରିଥିଲେ। ନବୀନ ବାବୁଙ୍କ ସମୟରେ ହୋଇଥିବା ବିକାଶମୂଳକ କାମ ପାଇଁ ସେମାନେ ଏଥର ମଧ୍ୟ ବିଜେଡିକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେଡିର ବରିଷ୍ଠ ନେତା ଡ଼ ଅରୁଣ ସାହୁଙ୍କ ସହ ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି, ପ୍ରଶାନ୍ତ ବେହେରା ଓ ସାରଦା ଜେନା ବିଜେଡିକୁ ଭୋଟ୍ ଦେଇ ନବୀନ ବାବୁଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଆହ୍ୱାନ ଜଣାଇଥିଲେ। ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ କୃଷି ଉତ୍ପାଦନ ବୃଦ୍ଧି ଓ ବିପଣନ ବୃଦ୍ଧି ସମ୍ପର୍କରେ ଜଣାଇବା ସହିତ ସହଯୋଗ କାମନା କରିଥିଲେ।

ସେହିପରି ଜାମପାଣିରେ ଚିଚିରିପାଣି, ତୋଙ୍ଗୋପାଣି, ଚିନ୍ଧିପାଣି ଓ ଜାମପାଣି ଗ୍ରାମରେ ପ୍ରଚାର କରିଥିଲେ । ଗୋଦଫୁଲ୍ଲାରେ ସେ ପାଗରପାଣି, ଜୁନାନୀ, ଗୋଦଫୁଲ୍ଲା ଓ ଭେରା ଗ୍ରାମକୁ ଯାଇ ଲୋକଙ୍କୁ ଭେଟିଥିଲେ।

## ବିଦ୍ୟୁତ ସର୍ଟସର୍କିଟରୁ ୨ ଦୋକାନ ଜଳିଗଲା

**ଭଦ୍ରକ,୪ ।୧୧(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମରା ବଜାର ଠାରେ ଥିବା ୨ଟି ଦୋକାନରେ ବିଦ୍ୟୁତ ସର୍ଟସର୍କିଟରୁ ନିଆଁ ଲାଗି ଯାଇଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଧାମରା ବଜାର ଠାରେ ଥିବା ମହେନ୍ଦ୍ର ବାରିକଙ୍କ ସେଲୁନରେ ବିଦ୍ୟୁତ ସର୍ଟସର୍କିଟରୁ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ପରେ ଧାମରା ଦମକଳ ବାହିନୀକୁ ଖବର ଦିଆଯିବା ପରେ ଦମକଳ ବାହିନୀ ଆସି ତୁରନ୍ତ ନିଆଁକୁ ଆୟତ କରିଥିଲେ ମାତ୍ର ସମ୍ପୃକ୍ତ ସେଲୁନ ଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ପାଖରେ ଥିବା ଅନ୍ୟ ଏକ ହାର୍ଡୱାର ଦୋକନଟି ମଧ୍ୟ ଏହି ନିଆଁ ଧାସରେ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ସେମାନଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

## ଆଜିଠାରୁ ଐତିହାସିକ କଟକ ବାଲିଯାତ୍ରା

- ମୁତୟନ ହେବେ ୫୦ ପ୍ଲାଟୁନ ଫୋର୍ସ ଓ ବରିଷ୍ଠ ପୁଲିସ ଅଫିସର
- ସିସିଟିଭି ସର୍ଭିଲାନ୍ସ, ଡ୍ରୋନ ସର୍ଭିଲାନ୍ସ, ଟ୍ରଫିକ ବ୍ୟବସ୍ଥା ଓ ପାର୍କିଂ ବ୍ୟବସ୍ଥା

**କଟକ,୪।୧୧(ସଂଚାର ବ୍ୟୁରୋ):** ବୁଧବାରଠାରୁ ଐତିହାସିକ କଟକ ବାଲିଯାତ୍ରା ଆରମ୍ଭ ହେଉଛି। ଏହାକୁ ସୁଚାର ରୂପେ ଶେଷକରିବା ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁତୟନ ହେବେ ୫୦ ପ୍ଲାଟୁନ ଫୋର୍ସ ଓ ବରିଷ୍ଠ ପୁଲିସ ଅଫିସର। ଆଜି ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି ପୁଲିସ କମିଶନର। କିଏ କେଉଁ ଦାୟିତ୍ୱରେ ରହିବେ, ତାହାର ବଣ୍ଟନ କରାଯାଇଛି। କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲିଯାତ୍ରାରେ ପ୍ରତି ଦିନ ଲକ୍ଷାଧିକ ଲୋକଙ୍କ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ପୁଲିସର ୨୦ଟି କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ଏହାବ୍ୟତୀତ ସିସିଟିଭି ସର୍ଭିଲାନ୍ସ, ଡ୍ରୋନ ସର୍ଭିଲାନ୍ସ , ଟ୍ରଫିକ ବ୍ୟବସ୍ଥା ଓ ପାର୍କିଂ ବ୍ୟବସ୍ଥା ସୁଚାର ରୂପେ କରିବା ପାଇଁ ସମସ୍ତ ଦାୟିତ୍ୱ ବଣ୍ଟନ କରାଯାଇଛି। ଆଜି କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମରେ ଅନୁଷ୍ଠିତ ପୁଲିସ ବ୍ରିଫିଙ୍ଗ କାର୍ଯ୍ୟକ୍ରମରର ସମସ୍ତ ପୁଲିସ ଅଧିକାରୀଙ୍କୁ ନିଜର ଦାୟିତ୍ୱ ସୁଚାର ରୂପେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ କମିଶନର ଏସ ଦେବଦତ୍ତ ସିଂ।

### ହୀରାକୁଦର କାଲୁ ହତ୍ୟାକାଣ୍ଡ ଘଟଣା

## ୬ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

**ସମ୍ବଲପୁର,୪।୧୧(ସଂଚାର ବ୍ୟୁରୋ):** ହୀରାକୁଦ ଥାନା ଅନ୍ତର୍ଗତ ପଥରଲାଇନ ପଡା ସ୍ଥିତ ସବ୍ ଷ୍ଟେସନ ପଡା ହତ୍ୟା ଘଟଣାରେ ୬ ଜଣଙ୍କୁ ବାନ୍ଧିଛି ପୁଲିସ । ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିଲା। କାଲୁ ବହାଦୁର ନାମରେ ପ୍ରାୟ ୨୦ରୁ ଅଧିକ ମାମଲା ରହିଛି। ୨୦୧୯ ମସିହାରେ କାଲୁ ବହାଦୁର ବଣ୍ଟି ନାମକ ଜଣେ ଯୁବକଙ୍କୁ ହତ୍ୟା କରିଥିଲା। ବଣ୍ଟିଙ୍କ ଭାଇ ସାହିଲ ବେହେରା, ପ୍ରତାପ ବେହେରା, ଜୟନାରାୟଣ ମିଶ୍ର, ରାଜ ବାରିକ, ଶ୍ରୀଧର ପ୍ରସାଦ ଓ ସମୀର ବେହେରା ଏହି ହତ୍ୟାକାଣ୍ଡ ଘଟାଇଛନ୍ତି। ଏହି ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସାହିଲ ବେହେରା। ସୂଚନାଯୋଗ୍ୟ ଯେ, ସୋମବାର ସନ୍ଧ୍ୟା ୭ଟା ୧୫ ମିନିଟ୍‌ର କାଲୁ ଓ ତା'ର ଜଣେ ସହଯୋଗୀଙ୍କ ସହ ବାଇକ୍ ରେ ହୀରାକୁଦ ଗାନ୍ଧୀନଗର ସ୍ଥିତ ଘରକୁ ଯାଉଥିବା ବେଳେ ୬ ଜଣ ଯୁବକ କାଲୁକୁ ଅତର୍କିତ ଆକ୍ରମଣ କରିଥିଲେ । କାଲୁ ବାଇକ୍‌ରୁ ପଡିଯିବା ପରେ ଖଣ୍ଡା, ପଥର ଓ ଇଟାରେ ଆକ୍ରମଣ କରିଥିଲେ ଯୁବକମାନେ। କାଲୁ ସହିତ ବାଇକ୍‌ରେ ବସିଥିବା ଯୁବକ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା । ଯୁବକ ଜଣକ ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାରରେ ଭର୍ତ୍ତି ହୋଇଥିଲା । ସେପଟେ କାଲୁର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । କାଲୁ ନାମରେ ପୂର୍ବରୁ ୨୦ରୁ ଅଧିକ ମାମଲା ରହିଥିବା ନେଇ ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି ।

### ନଦୀରେ ଭାସି ଯାଇଥିଲେ

## ଫାଇନାନ୍ସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗୀର,୪।୧୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଲୋୟର ସୁକତେଲ ନଦୀ ଡ୍ୟାମ ନିକଟରେ ରବିବାର ଜଣେ ଯୁବକ ଗାଧୋଉ ଥିବା ବେଳେ ନିଖୋଜ ହୋଇଯାଇଥିଲେ। ଯୁବକ ଜଣକ ସୁକ୍‌ତେଲ ଡ୍ୟାମରେ ବଣଭୋଜି କରିବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ନିଖୋଜ ଥିବା ଯୁବକ ଜଣକ ଏକ ଫାଇନାନ୍ସ କମ୍ପାନୀ ସେଲ୍ସ ଏକ୍‌ଜିକ୍ୟୁଟିଭ ଭାବରେ କାମ କରନ୍ତି। ତାଙ୍କ ନାମ ପ୍ରୀୟାନ୍ସ ମଲ୍ଲିକ(୨୯)। ଯୁବକ ଗାଧୋଉଥିବା ବେଳେ ନିଖୋଜ ଥିବା ଖବର ପ୍ରକାଶ ହୋଇଥିଲା। ପ୍ରିୟାନ୍ସ ରବିବାର ଫାଇନାନ୍ସ କର୍ମଚାରୀମାନଙ୍କ ସହିତ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଭୋଜି କରିବାକୁ ଆସିଥିଲେ। ସୁକ୍‌ତେଲ ଡ୍ୟାମର ତଳ ପୋଲ ନିକଟରେ କିଛି ଯୁବକ ଗାଧୋଉଥିଲେ। ସେଠାରେ ପ୍ରୀୟାଂଶ ଗାଧୋଇବା ସମୟରେ ନଦୀ ସୁଅରେ ଭାସି ଯାଇଥିଲେ। ଅଗ୍ନିଶମ ବିଭାଗ ମଙ୍ଗଳବାର ସକାଳୁ ଲୋୟର ସୁକତେଲରେ ନଦୀ ମାଗୁର ବେଢ଼ା ଘାଟ ଠାରେ ମୃତଦେହ ଭାସୁ ଥିବା ଘୁଙ୍ଗି ଗାଁ ଲୋକେ ଦେଖି ପୁଲିସକୁ ସୂଚନା ଦେବା ପରେ ମୃତଦେହ ଚିହ୍ନଟ କରାଯାଇ ପୋଷ୍ଟମର୍ଟମ ପାଇଁ ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା।

## ମା'-ଝିଅଙ୍କୁ ବଳାତ୍କାର ଉଦ୍ୟମ

**ଭୁବନେଶ୍ୱର, ୪।୧୧ (ସଂଚାର ବ୍ୟୁରୋ):** ରାଜଧାନୀରେ ଚାଞ୍ଚଲ୍ୟ। ବରମୁଣ୍ଡା ବସଷ୍ଟାଣ୍ଡରେ ମା'-ଝିଅଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ଜଣେ ଯୌନ ପିପାସୁ ବସ୍‌ଷ୍ଟାଣ୍ଡରେ ଶୋଇଥିବା ଅବସ୍ଥାରେ ମା' ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଛି। ଅଭିଯୋଗ ପାଇ ଭରତପୁର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଗଞ୍ଜାମ ବେଗୁନିଆପଡ଼ାର ପବିତ୍ର କହଁର। ବସ ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଆଶ୍ରୟ ନେଇଥିଲେ ମା' ଝିଅ। ଅଭିଯୋଗକାରିଣୀ ଗଞ୍ଜାମ ଜିଲ୍ଲାର। ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଝିଅକୁ ଧରି ବସ୍‌କୁ ଅପେକ୍ଷା କରିଥିବା ବେଳେ ମହିଳାଙ୍କୁ ନିଦ ହୋଇ ଯାଇଥିଲା। ଏହାର ସୁଯୋଗ ନେଇ ପବିତ୍ର ପ୍ରଥମେ ମହିଳାଙ୍କ ନାବାଳିକା ଝିଅକୁ ବଳାତ୍କାର ଉଦ୍ୟମ କରିଥିଲା। ସେ ପାଟି କରିବାରୁ ପବିତ୍ର ତାକୁ ଛାଡ଼ି ଦେଇଥିଲା। ପରେ ମହିଳାଙ୍କୁ ମଧ୍ୟ ବଳାତ୍କାର ଉଦ୍ୟମ କରିଥିଲା। ମହିଳା ଜଣଙ୍କ ନିଦରୁ ଉଠି ଚିତ୍କାର କରିବାରୁ ପବିତ୍ର ସେଠାରୁ ଦୌଡ଼ି ପଳାଇଥିଲା। ମହିଳାଙ୍କ ପାଟି ଶୁଣି ଆଖପାଖ ଲୋକେ ସେଠାରେ ପହଞ୍ଚି ଭରତପୁର ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସଙ୍ଗେ ସଙ୍ଗେ ବସ୍‌ଷ୍ଟାଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

### ବନ୍ଧୁକ ଲାଇସେନ୍ସ ହାତେଇବା ପାଇଁ ମହିଳାଙ୍କ ନାଟକ

## ତିନି ଜଣଙ୍କୁ ଗିରଫ କଲା ପୁଲିସ



**ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ):** ବନ୍ଧୁକ ଲାଇସେନ୍ସ ହାତେଇବା ପାଇଁ ମହିଳାଙ୍କ ନାଟକ। ସୁପାରୀ ଦେଇ ନିଜ ଘରେ କରିଥିଲେ ବୋମା ବିସ୍ଫୋରଣ ଏବଂ ଗୁଳିମାଡ। ଗନ୍ ପାଇଁ ଲାଇସେନ୍ସ ନମିଳିବାରୁ ଏପରି ପ୍ରାୟୋଜିତ ଆଟାକ କରିଥିଲେ ଭରତପୁର ଥାନା ଅଞ୍ଚଳରେ ଘୁଙ୍ଗୁରୁ ମିଶ୍ର ନାମକ ଜଣେ ମହିଳା। ପ୍ରଥମେ ସେପ୍ଟେମ୍ବର ୧୧ ଘର ଆଗରେ ବୋମାମାଡ଼ କରିଥିଲେ। ପରେ ଅକ୍ଟୋବର ୪ ତାରିଖରେ ଗୁଳିକାଣ୍ଡ ରଚିଥିଲେ। ଏଥିରେ ନିଜ ଡ୍ରାଇଭରକୁ ନିୟୋଜିତ କରିଥିଲେ ଘୁଙ୍ଗୁରୁ। କିନ୍ତୁ ଥାନାରେ ମିଛ ଅଭିଯୋଗ କରିଥିଲେ। ସତ ଜାଣିବା ପରେ ପୁଲିସ ତିନି ଜଣଙ୍କୁ ଗିରଫ କରିବା ସହ ବନ୍ଧୁକ, ଗୁଳି, ଦୁଇଟି ମୋବାଇଲ ଜବତ କରିଛି।

## ନାବାଳିକାଙ୍କୁ ମଦ ପିଆଇ ଦୁଷ୍କର୍ମ

**ମାଲକାନଗିରି, ୪ ।୧୧ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ପଦ୍ମଗିରି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜଣେ ୧୬ ବର୍ଷର ନାବାଳିକା ନିଜ ସାଙ୍ଗ ସହ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଯଦୁଗୁଡା ଶୈବ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବୁ ବାରୋଇ ନାମକ ଜଣେ ଚିହ୍ନା ଯୁବକ ସେମାନଙ୍କୁ ଏକ ମୋଟର ସାଇକେଲରେ ବସାଇ ସ୍ଥାନୀୟ ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ତେବେ ସେଠାରେ ଦେବୁ ଉକ୍ତ ଯୁବତୀଙ୍କ ବାନ୍ଧବୀଙ୍କ ସହାୟତାରେ ନାବାଳିକାଙ୍କୁ ଜୋର ଜବରଦସ୍ତ ମଦ ପିଆଇବା ପରେ ତାଙ୍କୁ ନିଶାସକ୍ତ ଅବସ୍ଥାରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଜାଣିବା ପରେ ପରିବାର ଲୋକେ ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଦେବୁ ବାରୋଇକୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାପଡ଼ିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଆରଆଇ



**୬୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଏଥର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆରଆଇ। ୬୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ। ପୁରୀ ଜିଲ୍ଲା ପିପିଲି ତହସିଲ ବନ୍ତଲ ସିଂ ଆରଆଇ ଜୀବନ କୃଷ୍ଣ ପରିଡା ଏକ ଜମିର ପଟ୍ଟା କରାଇଦେବାକୁ କହି ଲାଞ୍ଚ ନେଉଥିଲେ। ୬ଟି ପୈତୃକ ସମ୍ପତ୍ତିର ପଟ୍ଟା ପାଇଁ ଦୌଡୁଥିଲେ ଅଭିଯୋଗକାରୀ। ପ୍ରତି ଜମି ପାଇଁ ୧୫ ହଜାର ଲେଖାଏଁ ୯୦ ହଜାର ଦାବି କରିଥିଲେ ଆରଆଇ। ଶେଷରେ ୬୦ ହଜାର ଦେଲେ ଦରଖାସ୍ତ ଫାଇଲ କାମ କରିବେ ବୋଲି ରାଜି ହୋଇଥିଲେ। ଏହାପରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ ଅଭିଯୋଗକାରୀ। ଆଜି ଟଙ୍କା ନେବା ବେଳେ ମାଡିବସିଲା ଭିଜିଲାନ୍ସ। ଟ୍ରାପ ପରେ ଆରଆଇ ଜୀବନ କୃଷ୍ଣ ପରିଡାଙ୍କ ଆୟ ବର୍ହିଭୂତ ଯାଞ୍ଚ କରୁଛି ଭିଜିଲାନ୍ସ। ଦୁଇଟି ସ୍ଥାନରେ ଏକକାଳୀନ ଚାଲିଛି ଭିଜିଲାନ୍ସ ଚଢ଼ାଉ।

### ନାବାଳିକା ଅପହରଣ ମାମଲା

## ଅଭିଯୁକ୍ତକୁ ଗିରଫ କଲା ପୁଲିସ

**ଜୟପୁର,୪।୧୧ (ସଂଚାର ବ୍ୟୁରୋ):** ନାବାଳିକା ଝିଅକୁ ଅପହରଣ କରିଥିବା ଅଭିଯୋଗରେ ଆଜି ଜୟପୁର ସଦରପୁଲିସ ଜଣେ ଅଭିଯୁକ୍ତ ସୁନିଲ ହରିଜନକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଉମୁରୀ ଗ୍ରାମପଞ୍ଚାୟତର ଜଣେ ବ୍ୟକ୍ତି ଜିଲ୍ଲା ଚିକିତ୍ସାଳୟ ସମ୍ମୁଖରେ ଥିବା ଦୋକାନ ବନ୍ଦ କରି ଘରକୁ ଯାଇ ତାଙ୍କ ନାବାଳିକା ଝିଅ ଘରକୁ ଫେରି ନଥିବା ଦେଖିବାକୁ ପାଇଥିଲେ। ପରେ ପରିବାର ଖୋଜାଖୋଜି କରି ଝିଅକୁ ନ ପାଇନଥିଲେ। ବଡଜିଉନା ପଞ୍ଚାୟତର ସାନ ଜିଉନା ଗ୍ରାମର ସୁନିଲ ହରିଜନ ଓ ତାଙ୍କ ଦୁଇ ସାଙ୍ଗ ତାଙ୍କ ଝିଅକୁ ଅପହରଣ କରିଥିବା ନେଇ କୌଣସି ସୁତ୍ରରୁ ଖବର ପାଇଥିଲେ। ପରେ ସେ ସଦରଥାନାରେ ଲିଖିତ ଅଭିଯୋଗ ଦେବା ପରେ ସଦର ପୁଲିସ ଘଟଣାର ତଦନ୍ତ କରି ସୁନିଲ ହରିଜନକୁ ଅପହରଣ ମାମଲରେ ଗିରଫ କରିଥିବା ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଏଟିଏମରୁ ଟଙ୍କା ଉଠାଇବା ବେଳେ ଝାମ୍ପିନେଲେ

## ଗୋଡ଼େଇ ଗୋଡ଼େଇ ମାଡ଼ିବସିଲେ ଲୋକେ



**ଭଦ୍ରକ,୪।୧୧(ସଂଚାର ବ୍ୟୁରୋ):** ଏଟିଏମ୍‌ରୁ ଟଙ୍କା ଉଠାଇବା ବେଳେ ଲୁଟ୍ ଉଦ୍ୟମ ପଣ୍ଡ। ଲୁଟ୍ ଉଦ୍ୟମ ବେଳେ ଧରାପଡିଗଲେ ଯୁବକ। ଜଣେ ବୃଦ୍ଧ ବ୍ୟକ୍ତି ଏଟିଏମ୍‌ରୁ ଟଙ୍କା ଉଠାଇ ଯାଉଥଇବା ବେଳେ ଏହି ଟଙ୍କା ଲୁଟ୍ କରି ଫେରାର ହେଉଥିବା ବେଳେ ମାଡ଼ି ବସିଲେ ସ୍ଥାନୀୟ ଲୋକ। ଭଦ୍ରକ ସହରାଞ୍ଚଳ ଥାନା ଅନ୍ତର୍ଗତ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଜନୈକ ବୃଦ୍ଧ ବ୍ୟକ୍ତି ଭଦ୍ରକ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ନିକଟରେ ଥିବା ଏକ ଏଟିଏମ୍‌ରୁ ଟଙ୍କା ଉଠାଉଥିଲେ। ବୃଦ୍ଧ ବ୍ୟକ୍ତି ଜଣଙ୍କ ଏଟିଏମ୍‌ରୁ ବାହାରିବା ମାତ୍ରକେ ଯୁବକ ଜଣକ ଟଙ୍କା ଛଡାଇ ନେଇଥିଲେ। ଆଖି ପିଛୁଳାକେ ସେହି ସ୍ଥାନ ଛାଡ଼ି ଦୌଡ଼ି ପଳାଇଥିଲେ। ଏହି ସମୟରେ ବୃଦ୍ଧ ଜଣକ ପାଟି କରିବାକୁ ଲାଗିଥିଲେ। ବୃଦ୍ଧଙ୍କ ପାଟି ଶୁଣି ରାସ୍ତାରେ ଯାଉଥିବା ଲୋକେ ସଂପୃକ୍ତ ଲୁଟେରା ଯୁବକକୁ ମାଡ଼ି ବସିଥିଲେ। ଏହାଦେଖି ପୋଲିସ କାର୍ଯ୍ୟାଳୟରେ ମୁତୟନ ପୋଲିସ ଯୁବକଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ଯୁବକକୁ ପୁଲିସ ଅଟକ ରଖିଛି। ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଯୁବକକୁ ପଚରାଉଚରା କରୁଛି ପୁଲିସ।

# ନଭେମ୍ବର ୧୫ରୁ ମକ୍ ଜନଗଣନା

- ୪ଟି ସ୍ଥାନରେ ହେବ, ୧୭୦ ଅଧିକାରୀ ନିୟୋଜିତ ହେବେ
- ଶିକ୍ଷକ କରିବେ ଜନଗଣନା, ମିଳିବ ଅତିରିକ୍ତ ପାରିଶ୍ରମିକ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବ। ଏଥିରେ ଘର ଗଣତି ହେବ। ଏହାପରେ ୨୦୨୭ ଫେବ୍ରୁଆରି ୧ରୁ ୨୮ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ଜନ ଗଣତି ହେବ। ଏହାକୁ ନଜରରେ ରଖି ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ନଭେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ମକ୍ ଜନଗଣନା କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟର ୪ଟି ସ୍ଥାନକୁ ବଛାଯାଇଛି ଏବଂ ୧୭୦ଜଣ ଏନୁମରେଟରଙ୍କୁ ସାମିଲ କରାଯିବ। ଏବେ ସେମାନଙ୍କୁ ତାଲିଲ ଦିଆଯାଉଛି। ଭୁବନେଶ୍ୱରର ୱାର୍ଡ ନଂ-୨୨, କଟକରେ ୱାର୍ଡ ନଂ-୧୭, ମୟୂରଭଞ୍ଜର ଠାକୁରମୁଣ୍ଡା, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟିରେ ମକ୍ ଜନଗଣନା ହେବ। ଏଥିରେ ଲୋକମାନେ ସହଯୋଗ କରିବା ସହ ସମସ୍ତ ତଥ୍ୟ ଦେବାକୁ ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଅନୁରୋଧ କରିଛନ୍ତି।

ଏଥିରେ କେବଳ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ସାମିଲ କରାଯିବ। ତାଙ୍କୁ ସୁପରଭାଇଜ୍ କରିବାକୁ ହାଇସ୍କୁଲ ଶିକ୍ଷକ ରହିବେ। ସମସ୍ତଙ୍କୁ ସ୍ମାର୍ଟଫୋନ୍ ବ୍ୟବହାର କରି ଆପ୍ ମାଧ୍ୟମରେ ସମସ୍ତ ତଥ୍ୟ ଅପଲୋଡ୍ କରିବାକୁ ହେବ। ଯେଉଁ ଶିକ୍ଷକମାନେ ଜନଗଣନା ପ୍ରକ୍ରିୟାରେ ସାମିଲ୍ ହେବେ ସେମାନଙ୍କୁ ଅତିରିକ୍ତ ପାରିଶ୍ରମିକ ମିଳିବ। ଏଥିପାଇଁ ଆମକୁ ଅର୍ଥ ମିଳିସାରିଛି। ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଅନିଲଙ୍କ ୭୫୦୦ କୋଟିର ସମ୍ପତ୍ତି ଜବତ

## ତାଲିକାରେ ମୁମ୍ବାଇ ଘର ସମେତ ୪୦ ସମ୍ପତ୍ତି



ନୂଆଦିଲ୍ଲୀ, ୪।୧୧: ଧୀରୁଭାଇ ଅମ୍ବାନୀଙ୍କ ସାନ ପୁଅ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ ସହ ଜଡ଼ିତ ୭୫୦୦ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। କମ୍ପାନି ବିରୋଧରେ ଇଡି ମନି ଲଣ୍ଡରିଂ ଅଭିଯୋଗର ତଦନ୍ତ କରୁଛି। ମନି ଲଣ୍ଡରିଂ ନିରୋଧ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଅନିଲଙ୍କ ମୁମ୍ବାଇର ପାଲି ହିଲ୍‌ରେ ଥିବା ବାସଭବନ ଏବଂ ତାଙ୍କ ଗ୍ରୁପ୍ କମ୍ପାନିର ଅନ୍ୟ ଆବାସିକ ଓ ବାଣିଜ୍ୟିକ ପ୍ରକଳ୍ପଗୁଡ଼ିକୁ ଜବତ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସେଥିରେ ୪୪୬୨ କୋଟି ଟଙ୍କାର ୧୩୨ ଏକରର ଧୀରୁଭାଇ ଅମ୍ବାନୀ ନଲେଜ୍ ସିଟି, ମୁମ୍ବାଇ ବାସଭବନ, କାର୍ଯ୍ୟାଳୟ ଓ ଅନ୍ୟ କେତେକ ଜମି ରହିଛି। ପାଲି ହିଲ୍‌ରେ ଥିବା ୬୬ ମିଟର ଉଚ୍ଚତାର ଘରେ ଅନିଲ ନିଜ ପତ୍ନୀ ଟିନା ଓ ଦୁଇ ପୁଅ ଜୟ ଅନମୋଲ ଓ ଜୟ ଅନସୁଲଙ୍କ ସହିତ ରହୁଛନ୍ତି। ସେହି ଘରେ ହେଲିପ୍ୟାଡ୍, ସ୍ୱିମିଂ ପୁଲ୍, ଜିମ୍ ଓ ବିଳାସପୂର୍ଣ୍ଣ କାର୍ ପ୍ରଦର୍ଶନୀ ପାଇଁ ଏକ ସ୍ୱତନ୍ତ୍ର ଅଞ୍ଚଳ ରହିଛି।

ସୂଚନା ଅନୁସାରେ ଅନିଲଙ୍କ ଦିଲ୍ଲୀ, ନୋଏଡ଼ା, ଗାଜିଆବାଦ, ମୁମ୍ବାଇ, ପୁଣେ, ଥାନେ, ହାଇଦ୍ରାବାଦ, ଚେନ୍ନାଇ ଓ ଇଷ୍ଟ ଗୋଦାବରୀରେ ଥିବା ସମ୍ପତ୍ତିଗୁଡ଼ିକୁ ଜବତ କରାଯାଇଛି। ଜବତ ହୋଇଥିବା ସବୁ କମ୍ପାନିର ମୂଲ୍ୟ ୭୫୦୦ କୋଟି ଟଙ୍କା ଆକଳନ କରାଯାଇଛି। ଇଡି ଅଭିଯୋଗ କରିଛି ଯେ ଅନିଲଙ୍କ କମ୍ପାନି ରିଲାଏନ୍ସ ହୋମ୍ ଫାଇନାନ୍ସ (ଆର୍‌ଏଚ୍‌ଏଫ୍‌ଏଲ୍) ଓ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ୍) ହାସଲ କରିଥିବା ସାର୍ବଜନୀନ ପାଣ୍ଠିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ୨୦୧୭-୧୯ ମଧ୍ୟରେ ଏହି ଦୁଇ କମ୍ପାନିରେ ୟେସ୍ ବ୍ୟାଙ୍କ ଯଥାକ୍ରମେ ୨୯୬୫ କୋଟି ଟଙ୍କା ଓ ୨୦୪୫ କୋଟି ଟଙ୍କା ନିବେଶ କରିଥିଲା। ୨୦୧୯ରେ ତାହା ଏନ୍‌ପିଏରେ ପରିଣତ ହୋଇଥିଲା। ଆରଏଚ୍‌ଏଫ୍‌ଏଲ୍ ଉପରେ ୧୩୫୩.୫୦ କୋଟି ଟଙ୍କା ଓ ଆର୍‌ସିଏଫ୍‌ଏଲ୍ ଉପରେ ୧୯୮୪ କୋଟି ଟଙ୍କାର ବକେୟା ଥିଲା।

ଅନିଲଙ୍କ ବିରୋଧରେ ଅଭିଯୋଗ ରହିଛି ଯେ ନିଜ ଗ୍ରୁପ୍‌ର ବିଭିନ୍ନ କମ୍ପାନି ଜରିଆରେ ସେ ୧୭ ହଜାର କୋଟି ଟଙ୍କାର ପାଣ୍ଠି ହେରଫେର କରିଛନ୍ତି। ଗତ ଅଗଷ୍ଟରେ ତାଙ୍କୁ ଏନେଇ ଇଡି ଜେରା କରିଥିଲା। ତାଙ୍କ ୫୦ଟି କମ୍ପାନିର ୩୫ଟି ଠିକଣାରେ ଚଢ଼ଉ ପରେ ଏହି ହେରଫେର ହୋଇଥିବା ଜଣାପଡ଼ିଥିଲା।

## ଭୋଡା ଆଇଡିଆର ମାଲିକାନା ବଦଳିବ !

MEDIABRIEF

vodafone

!dea

ନୂଆଦିଲ୍ଲୀ, ୪।୧୧: ବ୍ରିଟେନ୍‌ର ଭୋଡାଫୋନ୍ ଓ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଆଇଡିଆର ମିଳିତ ଉଦ୍ୟମରେ ଗଠିତ ଟେଲିକମ୍ କମ୍ପାନି ଭୋଡାଫୋନ୍ ଆଇଡିଆର ମାଲିକାନା ବଦଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଆର୍ଥିକ ସ୍ତରରେ ସଂଘର୍ଷ କରୁଥିବା ଏହି କମ୍ପାନିରେ ଆମେରିକାର ପ୍ରାଇଭେଟ୍ ଇକ୍ୱିଟି ସଂସ୍ଥା ଟିଲ୍‌ମ୍ୟାନ୍ ଗ୍ଲୋବାଲ୍ ହୋଲ୍‌ଡିଂସ୍ (ଟିଜିଏଚ୍) ୫୨ ହଜାର କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। ତେବେ କମ୍ପାନି ଉପରେ ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ଓ ସ୍ପେକ୍ଟ୍ରମ୍ ଦେୟକୁ ନେଇ ଯେଉଁ ବକେୟା ରହିଛି ତାହାର ସମାଧାନ ହେବା ପରେ ହିଁ କମ୍ପାନି ଏହି ନିବେଶ କରିବ। ଯଦି ଏହି ବୁଝାମଣା ହେବ ତେବେ ଭୋଡାଫୋନ୍ ଆଇଡିଆରେ ଉଭୟ ଭୋଡାଫୋନ୍ ଓ ଆଇଡିଆର ଅଂଶଧନ ହ୍ରାସ ପାଇବ। ଟିଜିଏଚ୍‌କୁ ପ୍ରତିଷ୍ଠାତା ମାନ୍ୟତା ମିଳିବ। ଭାରତ ସରକାରଙ୍କ ପାଖରେ ଯେଉଁ ୪୯ ପ୍ରତିଶତ ଅଂଶଧନ ରହିଛି ତାହା କେବଳ ପରୋକ୍ଷ ଅଂଶଧନ ହୋଇରହିବ। କମ୍ପାନି ପରିଚାଳନାରେ ସରକାରୀ ହସ୍ତକ୍ଷେପ ରହିବ ନାହିଁ। ଟିଜିଏଚ୍ ପକ୍ଷରୁ ସରକାରଙ୍କୁ ଏକ ବିସ୍ତୃତ ନିବେଶ ପ୍ରସ୍ତାବ ଦିଆଯାଇଛି। ଏହା ବକେୟା ଛାଡ଼ ଚାହୁଁନାହିଁ। କିନ୍ତୁ ଏକ ରିଲିଫ୍ ପ୍ୟାକେଜ୍ ଚାହୁଁଛି। ଟିଜିଏଚ୍‌ର ମାଲିକ ସଞ୍ଜୟ ଆହୁଜା ଫ୍ରାନ୍ସର କ୍ଷତିରେ ଚାଲୁଥିବା ଅରେଞ୍ଜ ଟେଲିକମ୍‌କୁ କିଣି ୨୦୦୩ରୁ ୨୦୦୭ ମଧ୍ୟରେ ତାହାକୁ ଲାଭଜନକ ସଂସ୍ଥାରେ ପରିଣତ କରିଥିଲେ। ୨୦୨୪-୨୫ରେ ଭୋଡାଫୋନ୍ ଆଇଡିଆ ୨୪ ହଜାର କୋଟି ଟଙ୍କା ସଂଗ୍ରହ କରିଥିଲା। ଏହାସତ୍ତ୍ୱେ କମ୍ପାନି ଉପର ବିପୁଳ ଋଣ ରହିଛି ଓ ଏହା କ୍ଷତିରେ ଚାଲୁଛି। ଏଜିଆର୍ ଓ ସ୍ପେକ୍ଟ୍ରମ୍ ଦେୟ ବାବଦରେ କମ୍ପାନିକୁ ୮୪ ହଜାର କୋଟି ଟଙ୍କା ଗଣିବାକୁ ପଡ଼ିବ। କମ୍ପାନି ପାଇଁ ଆଜି ସୁପ୍ରିମ୍‌କୋର୍ଟରୁ ଆଉ ଏକ ଆଶ୍ୱସ୍ତି ମିଳିଛି। ସରକାର ଏହାର ସମସ୍ତ ଏଜିଆର୍ ଦେୟ, ସୁଧ ଓ ଜରିମାନା ଆଦିକୁ ପୁନଃ ଅନୁଶୀଳନ ଓ ପୁନର୍ବିଚାର କରିପାରିବେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାପରେ ଷ୍ଟକ୍ ବଜାରରେ କମ୍ପାନିର ସେୟାର ମୂଲ୍ୟ ବଢ଼ିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୨,୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୨୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୨୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୨,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୨୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୪୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୨,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୨,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୨,୪୬୦ଓ୧,୧୨,୨୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୧,୦୦୦ ଟଙ୍କା ହୋଇଛି।

### ଚୋକସୀଙ୍କ ନୂଆ ଚାଲ୍

## ପ୍ରତ୍ୟର୍ପଣ ନିର୍ଦ୍ଦେଶ ବିରୋଧରେ ଗଲେ ବେଲଜିୟମ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୪।୧୧ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଘୋଟାଲା ମାମଲାରେ ପଳାତକ ମେହୁଲ ଚୋକସୀଙ୍କ ଭାରତ ପ୍ରତ୍ୟାର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଏନେଇ ଅଣ୍ଟଓ୍ୱର୍ପ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇ ସାରିଛନ୍ତି। କିନ୍ତୁ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ମେହୁଲ। ଏହା ବିରୋଧରେ ସେ ବେଲଜିମ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଯାହା ଫଳରେ ସେ ତଦନ୍ତକାରୀ ଅଧିକାରୀଙ୍କ ସହ ପୁଣି ଲୁଚାଛପା ଖେଳ ଆରମ୍ଭ କରିଛନ୍ତି। ରିପୋର୍ଟ ଅନୁସାରେ, ଅକ୍ଟୋବର ୧୭ ତାରିଖରେ ଅଣ୍ଟଓ୍ୱର୍ପ କୋର୍ଟ ମେହୁଲଙ୍କ ବିରୋଧରେ ଆଦେଶ ଦେଇଥିଲେ। ତାଙ୍କୁ ଭାରତ ପ୍ରତ୍ୟାର୍ପଣ କରିବା ପାଇଁ କୋର୍ଟ କହିବା ସହ କୌଣସି ଆଇନ ସମ୍ବନ୍ଧୀୟ ବାଧା ଯେପରି ନ ଉପୁଜେ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ବିରୋଧ କରି ଚୋକସୀ ଏବେ ବେଲଜିୟମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରକାରୀ ଓକିଲଙ୍କ କହିବା କଥା ହେଲା, ଅକ୍ଟୋବର ୩୦ ତାରିଖରେ ଚୋକସୀ ଉପର କୋର୍ଟରେ ଆବେଦନ କରିଥିଲେ। ପୂର୍ବରୁ ଅଣ୍ଟଓ୍ୱର୍ପ କୋର୍ଟର ୪ ଜଣିଆ ଖଣ୍ଡପୀଠ କହିଥିଲେ ଯେ, ୨୦୨୪ ମସିହା ଅକ୍ଟୋବର ୨୯ରେ ଜିଲ୍ଲା କୋର୍ଟ ଯେଉଁ ଆଦେଶ ଦେଇତିଲେ ତାହା ବୈଧ। ଯାହା ଫଳରେ ମୁମ୍ବାଇ ସ୍ପେଶାଲ କୋର୍ଟ ଦେଇଥିବା ଗିରଫ ଓ୍ୱାରେଣ୍ଟ ବୈଧ ଅଟେ। ଯେଉଁଥିରେ ଚୋକସୀଙ୍କୁ ଭାରତ ପ୍ରତ୍ୟାର୍ପଣ କରାଯାଇ ପାରିବ। ଅଣ୍ଟଓ୍ୱର୍ପ କୋର୍ଟରେ ଚୋକସୀ କହିଥିଲେ ଯେ, ତାଙ୍କୁ ଭାରତ ପ୍ରତ୍ୟାର୍ପଣ କରାଗଲେ ଅପହରଣ କରାଯାଇପାରେ। ଅଧିକାରୀମାନେ ସଠିକ ଭାବେ ତାଙ୍କର ତଦନ୍ତ କରିବେ ନାହିଁ। କିନ୍ତୁ ଏସବୁ ଅଭିଯୋଗକୁ କୋର୍ଟ ମନଗଢ଼ା କହି ଏଡାଇ ଯାଇଥିଲେ। ସରକାରୀ ଓକିଲ ଏନେଇ ଆହୁରି କୋର୍ଟରେ ଦର୍ଶାଇଥିଲେ ଯେ, ପଳାତକ ବ୍ୟବସାୟୀ ଚୋକସୀ ୧୩ ହଜାର କୋଟି ଟଙ୍କାର ଠକେଇର ମୁଖ୍ୟ ଅଭିଯୁକ୍ତ। ଯଦି ତାଙ୍କୁ ଭାରତ ଅଣାଯାଏ ତାହାଲେ ମାମଲାର ନିରପେକ୍ଷ ତଦନ୍ତ ହେବ। ତାଙ୍କ ସହ କୌଣସି ଦୁର୍ବ୍ୟବହାର ପ୍ରଦର୍ଶନ କରାଯିବ ନାହିଁ। ସିବିଆଇ ଯେଉଁ ଚାର୍ଜସିଟ୍ ଦାଖଲ କରିଛି ସେଥିରେ ଚୋକସୀ ୧୩୦୦୦ କୋଟିର ହେରଫେର କରିଥିବା ଉଲ୍ଲେଖ ରହିଛି। ଯାହା ମଧ୍ୟରେ କେବଳ ଚୋକସୀଙ୍କ ପାଖକୁ ୬୪୦୦ କୋଟି ଟଙ୍କା ଯାଇଛି।

## ପୁଣି ବିବାଦରେ ଏୟାର ଇଣ୍ଡିଆ

### ପରାକାଷ୍ଠା ପରୀକ୍ଷା ଫେଲ୍ ହୋଇଥିବା ପାଇଲଟ୍ ଉଡ଼ାଇଥିଲେ ବିମାନ

### ତଦନ୍ତ ଆରମ୍ଭ କଲା ଡିଜିସିଏ




ନୂଆଦିଲ୍ଲୀ, ୪।୧୧: ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଘରୋଇକରଣ ହୋଇ ଟାଟା ଗ୍ରୁପ୍ ଅଧୀନକୁ ଆସିବା ପରେ ମଧ୍ୟ ଏୟାର ଇଣ୍ଡିଆର ସମସ୍ୟା ଶେଷ ହେଉନାହିଁ। କମ୍ପାନି ଗୋଟିଏ ପରେ ଗୋଟିଏ ବିବାଦରେ ଛନ୍ଦି ହେଉଛି। ପାଞ୍ଚ ମାସ ପୂର୍ବେ କ୍ରୁ ରୋଷ୍ଟରିଂରେ ତ୍ରୁଟି ପାଇଁ କମ୍ପାନିକୁ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ଡିଜିସିଏ) ତାଗିଦ କରିଥିଲେ। ଏବେ ପାଇଲଟ୍‌ଙ୍କ ଅବହେଳା ପାଇଁ ପୁଣି କମ୍ପାନି ଅଡୁଆରେ ପଡ଼ିଛି। ଲାଇସେନ୍ସ ଆବଶ୍ୟକତା ପୂରଣ କରିନଥିବା ଜଣେ କୋ-ପାଇଲଟ୍ ଓ ଜଣେ ବରିଷ୍ଠ କମାଣ୍ଡର ଗତ ମାସରେ ଏକ କମର୍ସିଆଲ୍ ଫ୍ଲାଇଟ୍ ଉଡ଼ାଇଥିଲେ। ଉଭୟଙ୍କୁ କମ୍ପାନି କାର୍ଯ୍ୟରୁ ଅବ୍ୟାହତି ଦେଇଛି। ଜଣେ ଇଂରାଜୀ ଭାଷା ପରାକାଷ୍ଠା ସାର୍ଟିଫିକେଟ୍ ପରୀକ୍ଷା ପାସ୍ କରିନଥିଲେ। ଅନ୍ୟ ଜଣକ ମଧ୍ୟ ଏକ ପରାକାଷ୍ଠା ପରୀକ୍ଷାରେ ବିଫଳ ହୋଇଥିଲେ। ସେଥିପାଇଁ ତାଙ୍କୁ ନିଜ ଦକ୍ଷତାରେ ସୁଧାର ଆଣିବା ପାଇଁ ତାଲିମ ନେବାକୁ କୁହାଯାଇଥିଲା।

ଏହି ମାମଲାକୁ ଡିଜିସିଏ ଗମ୍ଭୀରତାର ସହ ନେଇଥିବା ବେଳେ ତଦନ୍ତ ଆରମ୍ଭ କରିଛି। କମ୍ପାନିଠାରୁ ରିପୋର୍ଟ ତଲବ କରିଛି। ନିୟାମକ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ଏୟାର ଇଣ୍ଡିଆ ଏହାର ସମସ୍ତ ପାଇଲଟ୍‌ଙ୍କୁ କହିଛି। ତେବେ ନିୟମିତ ବ୍ୟବଧାନରେ ହେଉଥିବା ପରୀକ୍ଷା ପାସ୍ କରିବାରେ ପାଇଲଟ୍‌ମାନେ ବିଫଳ ହେବା କିଛି ନୂଆ କଥା ନୁହେଁ। ତ୍ରୁଟି ସୁଧାରିବା ଲାଗି ସେମାନଙ୍କୁ ପୁଣି ତାଲିମ ନେବାକୁ ପଡ଼ିଥାଏ। ତେବେ ଏୟାର ଇଣ୍ଡିଆ ମାମଲାରେ ଉଭୟ ପାଇଲଟ୍ ଗୁରୁତର ତ୍ରୁଟି କରିବା ସତ୍ତ୍ୱେ ବିମାନ ଉଡ଼ାଇଥିଲେ। କମର୍ସିଆଲ ଫ୍ଲାଇଟ୍ ଉଡ଼ାଇଥିବା ପାଇଲଟ୍‌ଙ୍କ ତ୍ରୁଟିକୁ ଅତ୍ୟନ୍ତ ଗମ୍ଭୀର ବିଚାର କରାଯାଉଛି।

ତେବେ ଏହି ଘଟଣା ଧରା ପଡ଼ିବା ପରେ ଏୟାର ଇଣ୍ଡିଆ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ରୋଷ୍ଟର ପ୍ରସ୍ତୁତ କରିଥିବା କ୍ରୁ ସିଡ୍ୟୁଲର ଓ ଏହି ଘଟଣାରେ ଜଡ଼ିତ ଥିବା ପାଇଲଟ୍‌ଙ୍କୁ ତୁରନ୍ତ ରୋଷ୍ଟର୍‌ରୁ ବାହାର କରାଯାଇଥିଲା। ଏଥି ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଏହି ଘଟଣା ବିଷୟରେ କମ୍ପାନି ଡିଜିସିଏକୁ ମଧ୍ୟ ଅବଗତ କରିଛି।

ଗତ ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏକ ବିମାନ ଗୁଜରାଟର ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ଯାତ୍ରୀ ପ୍ରାଣ ହରାଇଥିଲେ। ସେହି ସମୟରେ କମ୍ପାନିର କ୍ରୁ ସିଡ୍ୟୁଲିଂରେ ବ୍ୟାପକ ତ୍ରୁଟିକୁ ଡିଜିସିଏ ଧରିଥିଲେ। ଲାଇସେନ୍ସ ନିୟମ ପାଳନରେ ତ୍ରୁଟି କରିଥିବା ପାଇଲଟ୍‌ଙ୍କୁ ବିମାନରେ ମୂତୟନ କରାଯାଉଥିଲା। ସେମାନଙ୍କୁ ଠିକ୍ ବିଶ୍ରାମ ମିଳୁନଥିଲା ଏବଂ ଫ୍ଲାଇଟ୍-ଟାଇମ୍‌ସୀମାକୁ ମଧ୍ୟ ପାଳନ କରାଯାଉନଥିବା ଜଣାପଡ଼ିଥିଲା। ବ୍ୟବସ୍ଥାରେ ସୁଧାର ଆଣିବାକୁ ଏୟାର ଇଣ୍ଡିଆକୁ ଡିଜିସିଏ କଡ଼ା ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ କମ୍ପାନିର ବ୍ୟବସ୍ଥାରେ କୌଣସି ସୁଧାର ହେଉନାହିଁ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟା



ଭୁବନେଶ୍ୱର, ୪।୧୧: ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରତି ଯୋଗଦାନ ଦେଉଛି। କମ୍ପାନି ଲଖନପୁର ବ୍ଲକ୍‌ର ସରକାରୀ ସ୍କୁଲ୍‌ରେ ନବମ ଏବଂ ଦଶମ ଶ୍ରେଣୀର ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ପ୍ରକାଶିତ ସନ୍ଦର୍ଭ ପୁସ୍ତକ ବଣ୍ଟନ କରିଛି। ଏହାଦ୍ୱାରା ବଞ୍ଜାରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ପିପଲିମାଲ ଉଚ୍ଚ ବିଦ୍ୟାଳୟ, ଖୈରକୁନି ଉଚ୍ଚ ବିଦ୍ୟାଳୟ, କୁରାଲୋଇ ଏବଂ ଲୁଆବାହାଲ ଉଚ୍ଚ ବିଦ୍ୟାଳୟ, ୟୁଜିଏଚ୍‌ଏସ୍ ଝାରପାଲମ ଏବଂ ସରକାରୀ ୟୁଜିଏଚ୍‌ଏସ୍ ଛତାବର ଛାତ୍ରଛାତ୍ରୀମାନେ ଉପକୃତ ହୋଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଆମେ ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଶିକ୍ଷଣ ଉପକରଣ ଏବଂ ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଛୁ ଯାହା ସେମାନଙ୍କୁ ସଫଳ ହେବା ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିବ। ଲଖନପୁରର ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି ପ୍ରୋଜେକ୍ଟ ବିଦ୍ୟା ଅଧୀନରେ ବେଦାନ୍ତ ଆଲୁମିନିୟମର ପଦକ୍ଷେପ ଗ୍ରାମୀଣ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ଭାବରେ ଉତ୍କର୍ଷ ହାସଲ କରିବାରେ ଯଥେଷ୍ଟ ସକ୍ଷମ କରିବ।

## ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଜାରି କଲା ନୂତନ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ

ନୂଆଦିଲ୍ଲୀ, ୪।୧୧: ସରକାର ବିମାନ ଯାତ୍ରୀଙ୍କ ପାଇଁ ଏକ ଆଶ୍ୱସ୍ତିକର ଯୋଜନା କରୁଛନ୍ତି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ନୂତନ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ଜାରି କରିଛି। ଜାରି ହେଲା ନୂତନ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ସିଧାସଳଖ ଲାଭ ପାଇବେ ବିମାନଯାତ୍ରୀ। ଏଥିରେ ଉଲ୍ଲେଖ ରହିଛି କି, ଯାତ୍ରୀମାନେ ଏଣିକି ଟିକେଟ ବୁକିଂ କରିବାର ୪୮ ଘଣ୍ଟା ମଧ୍ୟରେ ଯଦି ସେମାନଙ୍କର ଟିକେଟ୍ ବାତିଲ କିମ୍ବା ସଂଶୋଧନ କରିବାକୁ ଚାହାନ୍ତି ତେବେ ସେମାନଙ୍କ ଠାରୁ କୌଣସି ଅତିରିକ୍ତ ଶୁଳ୍କ ନିଆଯିବ ନାହିଁ। ଯଦି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ଏହି ପ୍ରସ୍ତାବିତ ନିୟମକୁ ଅନୁମୋଦନ ମିଳିଯାଏ, ତେବେ ଏହାର ସିଧାସଳଖ ଲାଭ ବିମାନଯାତ୍ରୀଙ୍କୁ ମିଳିବ।। ଏହି ଯାତ୍ରୀମାନଙ୍କୁ ଆଉ ଆର୍ଥିକ କ୍ଷତି ସହିବାକୁ ପଡ଼ିବ ନାହିଁ। ବିମାନଯାତ୍ରୀମାନଙ୍କୁ ଆଉ ଆର୍ଥିକ କ୍ଷତି ସହିବାକୁ ପଡ଼ିବ ନାହିଁ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ବିମାନ ଯାତ୍ରୀମାନଙ୍କଠାରୁ ବାରମ୍ବାର ଅଭିଯୋଗ ପାଇ ଆସୁଥିଲା କି, ସେମାନଙ୍କୁ ଟିକେଟ୍ ବାତିଲ ପାଇଁ ମୋଟାଅଙ୍କର ରାଶି ପୈଠ କରିବାକୁ ପଡୁଛି। ଅନେକ ଗ୍ରାହକ ସଂଗଠନ ମଧ୍ୟ ଏ ବିଷୟରେ ଅଭିଯୋଗ କରିଛନ୍ତି। ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଯାତ୍ରୀମାନଙ୍କ ଅଭିଯୋଗକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନେଇଛି।ଏହି ନିଷ୍ପତ୍ତି ଯାତ୍ରୀ ଏବଂ ବିମାନ କମ୍ପାନି ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିପାରିବ।।

## ହିନ୍ଦୁଜା ଗ୍ରୁପ ଚେୟାରମ୍ୟାନ୍ ଜିପି ହିନ୍ଦୁଜାଙ୍କ ପରଲୋକ



ଲଣ୍ଡନ, ୪।୧୧: ହିନ୍ଦୁଜା ଗ୍ରୁପର ଚେୟାରମ୍ୟାନ୍ ଏବଂ ବ୍ରିଟେନର ସବୁଠାରୁ ଧନୀ ବ୍ୟବସାୟୀଙ୍କ ମଧ୍ୟରେ ଗଣାଯାଉଥିବା ଗୋପୀଚାନ୍ଦ ପି ହିନ୍ଦୁଜାଙ୍କର ପରଲୋକ ହୋଇଛି। ୮୫ ବର୍ଷ ବୟସରେ ଲଣ୍ଡନରେ ତାଙ୍କର ବିୟୋଗ ହୋଇଥିବା ପିଟିଆଇରେ ଖବର ପ୍ରକାଶ ପାଇଛି ବୋଲି ଇକୋନୋମିକ୍ସ ଟାଇମ୍ସ ଖବର ଲେଖିଛି। ବ୍ୟବସାୟିକ ମହଲରେ 'ଜିପି' ଭାବରେ ପରିଚିତ ହିନ୍ଦୁଜା ଗତ କିଛି ସପ୍ତାହ ଧରି ଅସୁସ୍ଥ ଥିଲେ। ଲଣ୍ଡନର ଏକ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପାରିବାରିକ ସୂତ୍ରରୁ ଜଣାପଡ଼ିଛି। ପି.ହିନ୍ଦୁଜାଙ୍କ ପରିବାରରେ ତାଙ୍କ ସ୍ତ୍ରୀ ସୁନୀତା, ପୁଅ ସଞ୍ଜୟ ଏବଂ ଧୀରଜ ଏବଂ ଝିଅ ରୀତା ଅଛନ୍ତି। ସମ୍ଭ୍ରାନ୍ତ ହିନ୍ଦୁଜା ପରିବାର ଦ୍ୱିତୀୟ ପିଢ଼ିର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଥିବା ପି ହିନ୍ଦୁଜା, ତାଙ୍କ ବଡ଼ ଭାଇ ଶ୍ରୀଚାନ୍ଦ ହିନ୍ଦୁଜାଙ୍କ ମୃତ୍ୟୁ ପରେ ୨୦୨୩ ମେ ମାସାରେ କମ୍ପାନୀ ବ୍ୟବସାୟର ଦାୟିତ୍ୱ ନିଜ ହାତକୁ ନେଇଥିଲେ। ସେବେଠାରେ ସେ କମ୍ପାନୀର ପରିଚାଳନା କରୁଥିଲେ।

## ୨୭ ଲକ୍ଷ କୋଟିର ୟୁପିଆଇ କାରବାର




ନୂଆଦିଲ୍ଲୀ, ୪।୧୧: ଗତ ଅକ୍ଟୋବର ମାସରେ ରେକର୍ଡ ୨୭.୨୮ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ହୋଇଛି। ସେପ୍ଟେମ୍ବରରେ ହୋଇଥିବା ୨୪.୯ ଲକ୍ଷ କୋଟି ଟଙ୍କାର କାରବାର ତୁଳନାରେ ଏହା ୧୬ ପ୍ରତିଶତ ଅଧିକ। ଗତ ମାସଟି ଥିଲା ପାର୍ବଣ ସମୟ। ସେହି ସମୟରେ ଦୈନିକ ହାରାହାରି ଭାବେ ୬୬.୮ କୋଟିରୁ ଅଧିକ ଥର ୟୁପିଆଇରେ ପେମେଣ୍ଟ କରାଯାଇଥିଲା ଯାହାର ମୂଲ୍ୟ ଥିଲା ୮୭,୯୯୩ କୋଟି ଟଙ୍କା। ଦୀପାବଳି ଭଳି ଉତ୍ସବ ସମୟରେ ୟୁପିଆଇ କାରବାରରେ ଏଭଳି ବୃଦ୍ଧି ଭାରତର ଡିଜିଟାଲ ଭିତ୍ତିଭୂମିର ଦୃଢ଼ତାକୁ ଦର୍ଶାଉଛି ବୋଲି ସ୍ୱାଇସ୍ ମିନର ସିଇଓ ଦିଲ୍ଲୀପ ମୋଦୀ କହିଛନ୍ତି। ଭାରତରେ ହେଉଥିବା ଡିଜିଟାଲ୍ କାରବାର ୮୫ ପ୍ରତିଶତ ୟୁପିଆଇରେ ହେଉଛି ଏବଂ ବିଶ୍ୱର ଅଧା ବାସ୍ତବ ସମୟ ପେମେଣ୍ଟ ମଧ୍ୟ ଏହା ଜରିଆରେ ହେଉଛି।

ଅମ୍ବାଦୋଳା ସ୍କୁଲ ଛାତ୍ର ବହିଷ୍କାର ଘଟଣାରେ ଭିନ୍ନ ମୋଡ଼

# ଜିଲ୍ଲାପାଳଙ୍କୁ ଅଭିଭାବକଙ୍କ ଅଭିଯୋଗ



**ମୁନିଗୁଡା,୪।୧୧ (ସଂଚାର ବ୍ୟୁରୋ):** ମୁନିଗୁଡା ବ୍ଲକର ଅମ୍ବାଦୋଳା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରୁ ତିନି ଜଣ ଛାତ୍ରଙ୍କୁ ବହିଷ୍କାର କରାଯାଇଥିବା ଘଟଣା ଏବେ ନୂଆ ମୋଡ ନେଇଛି। ଉକ୍ତ ଘଟଣା ପାଇଁ ଜିମ୍ମେବାର ପ୍ରଧାନ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଅଭିଭାବକମାନେ ଆଜି ରାୟଗଡା ଜିଲ୍ଲାପାଳଙ୍କ ସହିତ ସାକ୍ଷାତ କରିଛନ୍ତି।

ସ୍ଥାନୀୟ ସୂତ୍ର ଅନୁସାରେ, ବିଦ୍ୟାଳୟର ପ୍ରଧାନଶିକ୍ଷକ କୋଲା ବୋମନା ମୂର୍ତ୍ତୀ, ନବମ ଶ୍ରେଣୀର ଛାତ୍ର ବିବୁଲ ହିଆଲ୍, ନିତେଶ ବାଗ୍ ଓ ଗୌରବ ସୁନାଙ୍କୁ କୌଣସି ସ୍ପଷ୍ଟ କାରଣ ଛଡ଼ା ବିଦ୍ୟାଳୟରୁ ଟିସି ନେବାକୁ ବାଧ କରିଥିବା ଅଭିଯୋଗ ହୋଇଛି। ଛାତ୍ରମାନେ ନିୟମିତ ଭାବେ ବିଦ୍ୟାଳୟ ଯାଉଥିଲେ ସୁଦ୍ଧା ସେମାନଙ୍କ ଉପସ୍ଥାନ ପକାଉ ନଥିଲେ ଓ ପରୀକ୍ଷା ହଲରେ ବସିବାକୁ ମଧ ସୁଯୋଗ ଦିଆଯାଇନଥିଲା ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଭାବକମାନଙ୍କ କହିବା ଅନୁସାରେ, ପ୍ରଧାନଶିକ୍ଷକ ତିନି ଜଣ ଛାତ୍ରଙ୍କୁ ବାରମ୍ବାର ଦୁର୍ବ୍ୟବହାର କରିଥିଲେ ଓ ଜାତିଆ ଅପମାନ ସହିତ ଆକ୍ଷେପଜନକ ଶବ୍ଦ ବ୍ୟବହାର କରିଥିଲେ। ଏହି ମନୋବିକଳିତ ଅବସ୍ଥାରେ ବିବୁଲ ହିଆଲ୍ ନାମକ ଛାତ୍ର ବିଦ୍ୟାଳୟ ଛାଡି କେରଳକୁ ଦାଦନ ଖଟିବାକୁ ଯାଇଥିବା ଖବର ମିଳିଛି। ଏହି ଘଟଣା ନେଇ ପ୍ରଧାନଶିକ୍ଷକଙ୍କ ବିରୋଧରେ ଗତ ୨୮ ସେପ୍ଟେମ୍ବର ତାରିଖ ଦିନ ଅମ୍ବାଦୋଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ଏବଂ ବିଭାଗୀୟ ତଦନ୍ତ ହୋଇଥିଲେ ସୁଦ୍ଧା କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିଲା। ଏହା ସହିତ ଅଭିଭାବକମାନେ ଏହି ଘଟଣାକୁ ଶିକ୍ଷା ଅଧିକାର ଆଇନ ଉଲଂଘନ ଭାବେ ଦେଖି ମାନବାଧିକାର କମିଶନଙ୍କ ନିକଟରେ ମଧ ଅଭିଯୋଗ ଦାଖଲ କରିଛନ୍ତି।

ଅଭିଭାବକମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଆସନ୍ତା ଦୁଇ ଦିନ ମଧରେ ସଂପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନ ନିଆଯିବ, ତେବେ ସେମାନେ ନଭେମ୍ବର ୭ ତାରିଖରେ ବିଦ୍ୟାଳୟ ଆଗରେ ଧାରଣାରେ ବସିବେ।

# ଜନଅଭିଯୋଗ ଶୁଣାଣି ଶିବିରରେ ତତ୍କାଳ ୪୬ଟି ଅଭିଯୋଗ ସମାଧାନ




**ନୟାଗଡ଼,୪।୧୧(ସଂଚାର ବ୍ୟୁରୋ):** ନଭେମ୍ବର ମାସର ପ୍ରଥମ ସୋମବାର ନୟାଗଡ ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାର ବିଭିନ୍ନ ସଦର ବ୍ଲକ୍ ଓ ପୌର ପରିଷର ସହ ବିଭିନ୍ନ ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳରୁ ମୋଟ ୧୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ସମସ୍ୟା ନେଇ ୧୫୨ଟି ଅଭିଯୋଗ ଆସିଥିବା ବେଳେ ଗାଁ ସମସ୍ୟା ନେଇ ୮ଟି ଅଭିଯୋଗ ଆସିଥିଲା। ତେବେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ପାଇବା ପାଇଁ ୪ଜଣ ଅଭିଯୋଗ କରିଥିଲେ । ତେବେ ଏହି ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲା ତତ୍ କ୍ଷଣାତ ୪୬ଟି ଅଭିଯୋଗର ସମାଧାନ କରିଥିଲେ। ଆଜିର ଏହି ଜନ ଅଭିଯୋଗ ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଜିଲ୍ଲାପାଳ ବିଜୟା ନନ୍ଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ, ନୟାଗଡ଼ ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟାଁ, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁଙ୍କ ସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଖୋଲିଲା ଗୁମର

# ଅଧାରୁ ଅଧିକ ହିତାଧିକାରୀ ଅଯୋଗ୍ୟ



**ବାଲିଆପାଳ,୪।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ୍‌ରେ ମୋଟ ୨୭,୯୬୬ ରାସନ କାର୍ଡ ହିତାଧୀକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ଏହି ତଥ୍ୟକୁ ନେଇ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ରିପୋର୍ଟରେ କେତେ ସତ୍ୟତା ରହିଛି ଖୁବଶୀଘ୍ର ତଦନ୍ତ ଆରମ୍ଭ ହୋଇଛି ଆଉ ତଦନ୍ତ ପରେ ଅଯୋଗ୍ୟ ହିତାଧୀକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।

ରେସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମର ତଥ୍ୟ ଅନୁଯାୟୀ ଯେଉଁମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ୨. ୪୭(ଏକ ହେକଟର)ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇଥିବେ, ଆୟକର ଦେଉଥିବେ, ୪ ଚକିଆ ଗାଡ଼ି ଥିବ, ତିନି ବଖରାରୁ ଅଧିକ ଘର ଥିବ, ପେନସନଧାରୀ ଏହିପରି ମୋଟ ୨୫ଟି ନିୟମ ଆଧାରରେ ବାଲିଆପାଳ ବ୍ଲକରେ ୨୭ ହଜାର ୯୬୬ଟି ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି। ବ୍ଲକ୍‌ରେ ମୋଟ ୫୦ ହଜାର ପାଖାପାଖି କାର୍ଡଧାରୀ ଥିବାବେଳେ ସେଥିରୁ ଅଧାରୁ ଅଧିକ କାର୍ଡକୁ ନେଇ ତଦନ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି। ବୋଳଙ୍ଗ ଓ ବିଷ୍ଣୁପୁର ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି ସର୍ବାଧିକ ଅଯୋଗ୍ୟ ହିତାଧୀକାରୀ। ଏହି ପଞ୍ଚାୟତରୁ ବୋଳଙ୍ଗ ୧୬୭୮ବିଷ୍ଣୁପୁର ରୁ ୧୬୩୨ କାର୍ଡ ରହିଥିବା ବେଳେ ତା'ତଳକୁ ଚୈମୁଖ ପଞ୍ଚାୟତରେ ୧୨୭୭, ମଧୁପୁରା ୧୧୦୯, ଅଳାଡ଼ିହା ୧୧୫୯, ଅସ୍ତି ୧୨୫୮, ବଡାଶ ୧୨୭୫, ବାଲିଆପାଳ୮୧୩, ବାଲିକୁଟି ୮୩୮, ବଳରାମପୁର ୭୬୪, ବଣିଆଡିହା ୧୨୮୪, ଡଗରା ୧୧୬୧, ଦେଉଳା ୧୦୮୪, ଦେଭୋଗ ୭୧୪, ଘାଣ୍ଟୁଆ ୭୦୨, ଜଗତିପୁର ୧୧୭୯, ଜାମୁକୁଣ୍ଡା ୯୭୪, ଜାମ୍ବିରାଇ ୮୯୧, କୁମ୍ଭାରୀ ୫୯୭, କୁଣ୍ଡଳୀ ୧୨୩୦, ନିଖିରା ୧୧୮, ନୂଆଗାଁ ୯୬୩, ପ୍ରତାପପୁର ୧୦୬୫, ପଞ୍ଚୁପାଲି ୬୯୫, ରତାଇ ୯୦୬, ଶ୍ରୀରାମପୁର ୭୬୮ଟି ସନ୍ଦିଗ୍ଧ କାର୍ଡ ଚିହ୍ନଟ ହୋଇଛି।

ଏମାନେ ସରକାରୀ ମାନଦଣ୍ଡ ବାହାରେ ଥାଇ ରାସନ ନେଉଛନ୍ତି। ୨୭,୯୬୬ କାର୍ଡର ପୁନଃ ଯାଞ୍ଚ ହେବ, ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଏହି ତାଲିକା ପ୍ରଘଟ ହେବା ପରେ ଅଯୋଗ୍ୟ ହିତାଧୀକାରୀଙ୍କ ନିଦ ହଜିଯାଇଛି।

## କଣାସରେ ବଡ଼ଓଷା ପର୍ବ ପାଳିତ

**କଣାସ,୪।୧୧(ସଂଚାର ବ୍ୟୁରୋ):**ଆଜି ରାଜ୍ୟରେ ବଡଓଷା ପର୍ବ ମହାସମାରୋହରେ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପୁରପଲ୍ଲୀରେ ଥିବା ମହାଦେବ ମନ୍ଦିରମାନଙ୍କରେ ବଡଓଷା ଯୋଗୁଁ ଭକ୍ତମାନଙ୍କର ଭିଡ ଦିନତମାମ ଲାଗିରହିଥିବା ଦେଖିବାକୁ ମିଳିଛି। କଣାସ ବ୍ଲକର ମୁଖ୍ୟତଃ ବଡାସ ପଞ୍ଚାୟତର ବଡାସ ଗ୍ରାମର ଆରାଧ ଠାକୁର ବାବା ବୈଦ୍ୟନାଥଙ୍କ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମହିଳା ଓ ପୁରୁଷ ମାନେ ରାତ୍ର ୨ଟାରୁ ଧାଡିରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

ସେହିପରି ବାରିମଣ୍ଡଳ ଗତିଶ୍ୱରମହାଦେବ, ମୋଟରିର ଗତିଶ୍ୱର ମହାଦେବ, ମାଢ଼ିପୁର ଗ୍ରାମର ଧବଳେଶ୍ୱର ମହାଦେବ, କରମଳାର ଆଖଣ୍ଡଳମଣି, ଗଡ଼ିଶାଗୋଦାର ହଟିକେଶ୍ୱର ମହାଦେବ, ଜଙ୍କିଆର କପିଳେଶ୍ୱର, ଗଡ଼ିସାହି ଧବଳେଶ୍ୱର ଦେବ, ଶ୍ରୀମକୁନ୍ଦପୁର ଇଶାଣେଶ୍ୱର ଦେବ, କଣାସରେ ଶ୍ରୀଲୋକନାଥ ଦେବ, ତ୍ରିଲୋଚନପୁର ରେ କପିଳେଶ୍ୱର ଦେବ, ସିରେଇରେ ଗତିଶ୍ୱରଦେବ ମନ୍ଦିରରେ ଜନଗହଳି ଲଗିରହିବା ସହିତ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି।

## କୋରେଇ ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ




**ଯାଜପୁର ରୋଡ଼,୪।୧୧(ସଂଚାର ବ୍ୟୁରୋ):** କୋରେଇ ପୁଲିସ ପକ୍ଷରୁ ଆଜି ବରୁଣ୍ଡେଇ ବଜାର, ଏସବିଡି ଇଂଟରନେସନାଲ ସ୍କୁଲ ଓ ରଗଡି ପଲିଟେକନିକରେ ବରିଷ୍ଠ ନାଗରିକ, ଯୁବ ଗୋଷ୍ଠି ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

ଥାନା ଅଧିକାରୀ ରାକେଶ ତ୍ରିପାଠୀ, ଏସବିଡି ଇଂଟରନେସନାଲ ସ୍କୁଲର ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ରଗଡି ପଲିଟେକନିକର ପ୍ରିନସିପାଲ ଅଭୟ କୁମାର ମଲିକଙ୍କ ମିଳିତ ସହଯୋଗରେ ଏହି ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୋସିଆଲ ମିଡ଼ିଆରେ ସତର୍କତା ଅବଲମ୍ବନ କରିବା, ଟଙ୍କା କାରବାରରେ ଅଜଣା ବ୍ୟକ୍ତିଙ୍କୁ ଓଟିପି ସେୟାର ନକରିବା, କୌଣସି ଅଫର ଠକେଇ, କଷ୍ଟମ ଠକେଇ, ଟ୍ରେଡିଙ୍ଗ ଠକେଇ ଓ ଋଣ ଠକେଇ ରେ ବଶବର୍ତି ନହୋଇ ଏହା ଠାରୁ ଦୁରେଇ ରହିବା ପାଇଁ ଆଇଆଇସି ପରାମର୍ଶ ଦେଇଥିଲେ। ଏଥି ସହିତ ସାଇବର କ୍ରାଇମ ଠାରୁ ଦୁରେଇ ରହିବା ପାଇଁ ୧୯୩୦କୁ କଲ କରି ଜଣାଇବା ସହିତ ଟିକଟସ୍ଥ ଥାନାର ଆଶ୍ରୟ ନେବା ପାଇଁ ଏସିଡିପିଓ ଶ୍ରୀ ଲକ୍ଷ୍ମୀଧର ସ୍ୱାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। କୋରେଇ ପୋଲିସ ଟିମଙ୍କ ସହାୟତାରେ ଆହ୍ୱାନ ଗ୍ରୁପ ତରଫରୁ ଏକ ସଚେତନତା ଶିବିରର ଆୟୋଜନ କରାଯିବା ସହିତ ପିଲାମାନଙ୍କ ଭିତରେ ସାଇବର ସଚେତନତାକୁ ଜାଗ୍ରତ କରିବା ପାଇଁ ସାଇବର କ୍ରାଇମ ଉପରେ କିଛି ସଚେତନତା ବାର୍ତା ଆଦାନ ପ୍ରଦାନ କରିବା ସହିତ ବୃକ୍ଷ ପ୍ରଦାନ କରିଥିଲେ।

# ମଝିପଡ଼ା ଶ୍ରୀ ରାମଜୀ ମନ୍ଦିରରେ ଲକ୍ଷେ ଆଠ ଦୀପ ସମର୍ପଣ



**ସୁବର୍ଣ୍ଣପୁର,୪।୧୧(ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଅବସରରେ ସୋନପୁର ମଝିପଡା ସ୍ଥିତ ଶ୍ରୀ ରାମଜୀ ମନ୍ଦିର ଠାରେ ସୋନପୁର ସହର, ଜିଲ୍ଲା, ରାଜ୍ୟ ତଥା ଜଗତ କଲ୍ୟାଣ ପାଇଁ ମହିଳା ଭକ୍ତ ମାନଙ୍କ ପକ୍ଷରୁ ମହାପ୍ରଭୁ ଙ୍କ ଠାରେ ଲକ୍ଷେ ଆଠ ଦୀପ ସମର୍ପଣ କରଯାଇଛି। ମଝିପଡ଼ାର ମହିଳା ଭକ୍ତ ମାନଙ୍କ ଦ୍ୱାରା ଆୟୋଜିତ ଏହି ଦୀପ ଦାନ କାର୍ଯ୍ୟକ୍ରମରେ ଅଟଳ ବିହାରୀ ମହାପାତ୍ର ଓ ଜ୍ୟୋତି ରାଣୀ ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମଝିପଡ଼ା ସମେତ ସହରର ହଜାର ହଜାର ମହିଳା ଭକ୍ତ ଯୋଗ ଦେଇ ପ୍ରଭୁ କୃପା ଲାଭ କରିଥିଲେ। ମନ୍ଦିର ପୂଜକ ଚୈତନ୍ୟ ପୂଜାରୀ ପୂଜା କାର୍ଯ୍ୟ ତୁଲାଇଥିଲେ।

ନିକଟସ୍ଥ ଶ୍ରୀ ଭାଗବତ ମନ୍ଦିର ଓ ଶ୍ରୀ ହନୁମାନ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା ଓ ଆଳତୀ କରାଯିବା ପରେ ଶ୍ରୀ ରାମଜୀ ମହାପ୍ରଭୁଙ୍କ ଠାରେ ଏହି ଲକ୍ଷେ ଆଠ ଦୀପ ସମର୍ପଣ କରଯାଇଥିଲା। ତିନି ବର୍ଷ ଆଗରୁ ପାଳନ କରି ଆସୁଥିବା ମହିଳାଙ୍କ ଏହି ପ୍ରାୟସ କୁ ସହରରେ ପ୍ରସଂଶା କରାଯାଇଛି।

# ମହିଳା ସଂଘମାନଙ୍କୁ ହଇରାଣ କରୁଛନ୍ତି ଅର୍ଥ ଲଗାଣକାରୀ ସଂସ୍ଥା



**ବୈଶିଙ୍ଗା,୪।୧୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ଫାଇନାନ୍ସ କମ୍ପାନୀ ମାନେ ଆଦିବାସୀ ଗ୍ରାମ ଗୁଡିକରେ ସରଳ ଆଦିବାସୀ ମହିଳା ସଂଘର ସଦସ୍ୟା ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସଂସ୍ଥାରୁ ଲୋନ ଦେବା ଓ ପରବର୍ତ୍ତୀ ସମୟରେ ଲୋନ ଆଦାୟ ନାମରେ ଜୁଲମ୍ କରିବା ଘଟଣା ଚର୍ଚ୍ଚାର ବିଷୟ ପାଇଟିଛି ।

ବୈଶିଙ୍ଗା ଥାନା ଅଧିନ ନୂଆସାହି, ବିଦୁକୁଡିଆ, ମୋହନପୁର, ଠାକୁରତୋଟା, ଘୁଷୁରିଆ ଆଦି ଗ୍ରାମ ର ମହିଳା ଗ୍ରୁପ୍ ସଦସ୍ୟା ମାନେ ଏକ ଅଭିଯୋଗରେ ଜଣାଇଛନ୍ତି କି ବୈଶିଙ୍ଗା ଠାରେ ଥିବା ଫାଇନାନ୍ସ କମ୍ପାନୀ ଆର୍ଟିନ୍ ଫାଇନାନ୍ସ, ମିଡ ଲାଣ୍ଡ , ସ୍ପନ୍ଦନା, ବନ୍ଧନ, ଫୁଜିଅନ, ୟୁନିଟ, ଅନ୍ନପୂର୍ଣ୍ଣା, ଗ୍ରାମୀଣ କୋଟା , ଏକ୍ସିସ୍ , ଏସ.କେ ଏସ୍ , ଷ୍ଟେଟ୍ ବ୍ୟାଙ୍କ ଓ ଏଚ ଡି ଏଫ୍ ସିର ମାଇକ୍ରୋ ଫାଇନାନ୍ସ ସଂସ୍ଥା ମାନେ ସିଧାସଳଖ ମୂଖ୍ୟ ଅଭିଯୁକ୍ତ ନିନି ସିଂ ଜରିଆରେ ପାଞ୍ଚ ହଜାର ଟଙ୍କା ଉତ୍କୋଚ ଦେଇ ଲୋନ କରାଇଥିଲେ । ମାତ୍ର ନୋଟିସ ଆସିବା ପରେ ତାଙ୍କ ନାମରେ ୫୦ ହଜାରରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଲୋନ କରାଯାଇଥିବାର ମହିଳାମାନେ ଜାଣିବାକୁ ପାଇଥିଲେ । ସେଥିପାଇଁ ସେମାନେ ବୈଶିଙ୍ଗା ଥାନାରେ ନିନି ସିଂ ନାମରେ ଏତାଲା ଦେଇଥିଲେ ।ଏ ନେଇ ବୈଶିଙ୍ଗା ଥାନାରେ ୫୫୬/୨୫ ମୂଳେ ମାମଲା ରୁଜୁ କରାଯାଇ ନିନି ସିଂ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ।ଏହା ପରେ ମଧ ଫାଇନାନ୍ସ କମ୍ପାନୀ ମାନେ ମହିଳା ମାନଙ୍କୁ ଟଙ୍କା ଆଦାୟ ନାମରେ ଜୁଲମ କରିବା ସହିତ ଅଭଦ୍ର ବ୍ୟବହାର କରୁଥିବାରୁ ମହିଳା ମାନେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତରଫରୁ ମହିଳା ମାନଙ୍କୁ ଆଶ୍ୱାସନା ଦିଆଯାଇଛି ।

## ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ହେବ ୧୪ଟି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର

**ବାରିପଦା,୪।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାରେ ଚଳିତ ବର୍ଷ ନଭେମ୍ବର ମାସ ୧୨ତାରିଖରୁ ଆଗାମୀ ଡିସେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ୧୪ ଗୋଟି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହେବାକୁ ଯାଉଛି।

ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ନଭେମ୍ବର ମାସର ୧୨ତାରିଖ ବିଶୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୮ତାରିଖରେ ସରକାରୀ ଉଚ୍ଚ ବିଦ୍ୟାଳୟ, କରଞ୍ଜିଆଠାରେ,୨୧ ତାରିଖ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା ଠାରେ,୨୫ ତାରିଖ ମୋରଡା ବ୍ଲକ କାର୍ଯ୍ୟାଳୟ ପରିସରରେ, ୨୮ ତାରିଖ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ,୨୯ ତାରିଖ ତିରିଂ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ମାସ ୪ ତାରିଖ କୁଳିଅଣା ବ୍ଲକ କାର୍ଯ୍ୟାଳୟ ପରିସରରେ, ୬ତାରିଖ ବିନୋଦ ରାୟ ବିଦ୍ୟାପୀଠ, ରାସଗୋବିନ୍ଦପୁରରେ, ୯ତାରିଖ ସରକାରୀ ଉଚ୍ଚ ବିଦ୍ୟାଳୟ ବହଳଦା ଠାରେ, ୧୬ ତାରିଖରେ ଏମ ପି ସି ଉଚ୍ଚ ବିଦ୍ୟାଳୟ ବେତନଟୀ ଠାରେ, ୧୭ ତାରିଖ ରରୁଆଁ ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୯ ତାରିଖ ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟ ପରିସରରେ, ୨୩ ତାରିଖ ଜାମଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଏବଂ ୩୦ ତାରିଖ ବିଜାତଳା ନୋଡାଲ ୟୁ ପି ସ୍କୁଲ ଠାରେ ଅନୁଷ୍ଠିତ ହେବ।

ତେଣୁ ହିତାଧିକାରୀ ମାନେ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ଅତାବିରା,୪।୧୧(ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ଅତାବିରା ବ୍ଲକ ଗୋଡ଼ଭଗା ଗୋଲକନଗର ଠାରେ ମାଁ ମାହେଶ୍ୱରୀ ସେନା ଓ ଶ୍ରୀରାମ ମଠ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଁ ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇ ଡୁମାଲ ପରିଷଦ ପତ୍ରା ପାଲି କେନ୍ଦ୍ର ସଭାପତି ଶ୍ରୀଯୁକ୍ତ ଭୁବନେଶ୍ୱର ମହାକୁର, କଳାମାଟି ସରପଞ୍ଚ ଶ୍ରୀମତୀ ସୁଷମା ସାହୁ,ସ୍ପନ୍ଦନ କ୍ଲବର ସଭାପତି ଶ୍ରୀଯୁକ୍ତ ବାଲକୃଷ୍ଣ ସାହୁ, ମାଁ ମାହେଶ୍ୱରୀ ସେନାର ସଦସ୍ୟା ଶ୍ରୀମତୀ ସଂଯୁକ୍ତା ପ୍ରଧାନ ଓ କୋଶଳ ସଂଗ୍ରାମୀ ଶ୍ରୀଯୁକ୍ତ ସୁଧୀର ପଣ୍ଡାଙ୍କ ଦ୍ୱାରା ଫିଟାକାଟି ଶୁଭାରମ୍ଭ କରାଯାଇଥିଲା। ବୁର୍ଲ୍ଲା ରକ୍ତଭଣ୍ଡାରର ଟେକନିସିଏନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ୨୮ଜଣ ପୁରୁଷ ଓ ୦୩ଜଣ ମହିଳାଙ୍କ ସମେତ ସର୍ବମୋଟ ୩୧ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ଗଜାନନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ନୀଳଗିରି,୪।୧୧(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ପୋଡାଶୁଳ ନିକଟସ୍ଥ ଯୋକନଣ୍ଡା ଗ୍ରାମରେ ପ୍ରାରମ୍ଭ ହୋଇଛି ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଣନାଥଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ। ପୁଣ୍ୟ କାର୍ତ୍ତିକ ମାସ ୧୩ଦିନ ମଗଂଳବାର ସକାଳ ୮ଘଟିକା ଠାରୁ ରାହାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମର ଅୟମାରମ୍ଭର ପ୍ରଥମ ଦିନରେ ୨୫୦ରୁ ଉର୍ଦ୍ଧ୍ୱମହିଳା ନିକଟସ୍ଥ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ରଉଚ୍ଚାରଣରେ ଏକ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା ।

## ରାମେଶ୍ୱର ଇଣ୍ଡୋର ଷ୍ଟାଡିୟମ ଠାରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



**ସୁବର୍ଣ୍ଣପୁର,୪।୧୧(ସଂଚାର ବ୍ୟୁରୋ):**ସ୍ଥାନୀୟ ରାମେଶ୍ୱର ଇଣ୍ଡୋର ଷ୍ଟାଡିୟମରେ ରବିବାର ଦିନ ଏକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ବୟସ ବର୍ଗ ନିର୍ବିଶେଷରେ ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ଏଏସ୍‌ପି କେ.ହରି ପ୍ରସାଦ, ଅବକାରୀ ଅଧୀକ୍ଷକ ପ୍ରବୀର ସାମଲ, ଡିପିଏମ୍ ଶ୍ରୀ ରୂପକ ଓ ଏବଂ ପ୍ରଫେସର ଏଚ.କେ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଫେସର ଏଚ.କେ ପ୍ରଧାନଙ୍କ ଦ୍ୱାରା ମୁଖ୍ୟ ଅତିଥି ଶ୍ରୀ ନାୟକଙ୍କୁ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମାପନୀ ଓ ଉଦ୍‌ବୋଧନରେ ଏହି କାର୍ଯ୍ୟକ୍ରମକୁ ବହୁ ସଂଖ୍ୟକ ବ୍ୟାଡମିଣ୍ଟନ ପ୍ରେମୀ ଉପଭୋଗ କରିଥିଲେ । ମ୍ୟାଚ୍ ପରିଚାଳନା ଦାୟିତ୍ୱ ଆଶିଷ ବାବୁ ଏବଂ ପୂର୍ବତନ ସେନା କର୍ମଚାରୀ ଏଚ.ଜି ଆଚାର୍ଯ୍ୟ ତୁଲାଇଥିଲେ।

# ଦବୁଛି ଦୟା ନଦୀବନ୍ଧ, ଅଞ୍ଚଳବାସୀ ଭୟଭୀତ



**କଣାସ,୪।୧୧(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ବାମପାର୍ଶ୍ୱ ବନ୍ଧ ବସନ୍ତପୁର ନିକଟରେ ଦୟାନଦୀ ବନ୍ଧ ଗତବର୍ଷ ଦବି ଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ବନ୍ଧ ମରାମତି ହେବା ସହିତ ନଦୀ ଭିତରେ ପଥର ପ୍ୟାକିଙ୍ଗ ବନ୍ଧର ଅପରପାର୍ଶ୍ୱରେ ଗାଡୱାଲ୍ ନିର୍ମାଣ କରାଯାଇ ବନ୍ଧକୁ ଚଉଡା କରିବା ସହିତ ଉପରେ କଂକ୍ରିଟ୍ କରାଯାଇଥିଲା। କିନ୍ତୁ ୩ରୁ ୪ଦିନ ହେଲା ନଦୀ ବନ୍ଧ ଧିରେ ଧିରେ ନଦୀ ଭିତରକୁ ଧସି ଯାଉଥିବାରୁ ୪ଦିନ ମଧରେ ପ୍ରାୟ ୩ଶହ ମିଟରରୁ ଉର୍ଦ୍ଧ୍ୱ ନଦୀ ବନ୍ଧ ନଦୀଗର୍ଭକୁ ଧସି ଯାଇଛି। ଜଳସେଚନ ବିଭାଗ ପକ୍ଷରୁ ଉଚ୍ଚ ଅଧିକାରୀମାନେ ଦୁଇ ଦିନ ହେଲା ଘଟଣାସ୍ଥଳକୁ ଆସି କାହିଁକି ନଦୀ ଗର୍ଭକୁ ବନ୍ଧ ଧସୁଛି ସେଥିପାଇଁ ପରୀକ୍ଷା ନିରୀକ୍ଷା କରି ଫେରିଯାଇଛନ୍ତି। ନଦୀ ଗର୍ଭ ବନ୍ଧକୁ ଲାଗିକରିଥିବାରୁ ଦୁଇ ବର୍ଷ ତଳେ ଡ୍ରେଜର ମାଧମରେ ନଦୀଗର୍ଭ ଖନନ କରାଯାଇଥିବାରୁ ନଦୀବନ୍ଧରୁ ମାଟି ନଦୀକୁ ନଦୀ ଗର୍ଭକୁ ଖସିଯାଉଥିବାରୁ ନଦୀବନ୍ଧ ଦବୁଥିବା ଉଚ୍ଚ ଅଧିକାରୀମାନେ ପ୍ରକାଶ କରିଥିଲେ। ୪ଦିନ ହେଲା ଲଗାତାର ଭେବେ ନଦୀ ବନ୍ଧ ଦବୁ ଥିବାରୁ ପ୍ରାୟ ୩ଶହ ମିଟରରୁ ଉର୍ଦ୍ଧ୍ୱ ବନ୍ଧ ଦବି ଯାଇଛି। ଉକ୍ତ ରାସ୍ତାରେ ନଜିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ବନ୍ଧ ଉପରେ ଏକ ଫଳକ ମରାଯାଇଛି। ଏ ସମ୍ପର୍କରେ ନଦୀ ବନ୍ଧ ଦବୁ ଥିବାରୁ ଅଞ୍ଚଳବାସୀମାନେ ଭୟଭିତ ଅବସ୍ଥାରେ ଅଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେକୁହନ୍ତି ନଦୀରୁ ଜଳ କମିବା ପରେ ଯାହା ସ୍ଥାୟୀ ବ୍ୟବସ୍ଥା କରାଯିବ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ



**ବରଗଡ଼,୪।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୫ ପାଳିତ ହୋଇଥିଲା । ଏଥିରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଲୋଚନ ଚନ୍ଦ୍ର ମାଝୀଙ୍କ ଅଧିକ୍ଷତାରେ ସଭା ପରିଚାଳିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେନ୍ଦ୍ର ମହାପାତ୍ର, ଶ୍ରୀମତୀ ମଧୁଛନ୍ଦା ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ସହକାରୀ ନିର୍ଦ୍ଦେଶକ, କୃଷି ଓ ଉଦ୍ୟାନ ବିଭାଗ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଶ୍ରୀ ଅଞ୍ଜନ କୁମାର ନାୟକ ସଭା ଆରମ୍ଭରେ ଅତିଥି ପରିଚୟ କରିଥିଲେ ।

ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ଦିବସ ପାଳନ କରାଯାଉଥିବା ଏବଂ ମାଣ୍ଡିଆ ତିଆରି ବିଭିନ୍ନ ପ୍ରକାର ଜିନିଷ ଗୁଡ଼ିକୁ ବଜାରରେ ବିକ୍ରି କରି ସ୍ୱୟଂ ସହାୟକ ଗୋଷ୍ଠୀମାନେ ମିଲେଟ୍ ମିଶନ ଦ୍ୱାରା ଲାଭବାନ ହେଉଛନ୍ତି । ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକାର ଗୁରୁତ୍ୱ ଓ ଘରେ କିପରି ମାଣ୍ଡିଆରେ ବିଭିନ୍ନ ପ୍ରକାରର ଜିନିଷ ତିଆରି କରିବେ ତା ଉପରେ ସେ ଆଲୋକପାତ କରିଥିଲେ ଏବଂ ଆଜିର ଯୁବ ଗୋଷ୍ଠୀକୁ ମିଲେଟ୍ ମିଶନ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସଭାରେ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପଦ୍ମପୁର କୃଷି ଅଧିକାରୀ ଶ୍ରୀ ପ୍ରଭାସ ପଣ୍ଡା କିପରି ପ୍ରତିକୂଳ ଜଳବାୟୁରେ ମାଣ୍ଡିଆ ଚାଷ କରା ଯାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ।

# ସା ହି ତ୍ୟ

ବୁଧବାର ୫ ଅକ୍ଟୋବର ୨୦୨୫ ଭୁବନେଶ୍ୱର SANCHAR ସଂଚାର




## କାଗଜ ଡଙ୍ଗା

ନିବେଦିତା ପଣ୍ଡା

ଦୁନିଆର ଗତି ଆଗକୁ ଆଗକୁ
ଜୀବନର ଗତି ରହସ୍ୟାବୃତ,
ସେଦିନ ଓ ଆଜି ଭିତରେ ଦେଖିଲେ
ଆକାଶ ପାତାଳ ଲାଗେ ତଫାତ।

ସେଦିନ ବି ଥିଲା ଆଜି ବି ରହିଛି
କାଗଜ ଡଙ୍ଗାର ସ୍ମୃତି ମନରେ,
ସେଦିନର ସେହି ସୁନେଲି ମୁହୂର୍ତ୍ତ
ହଜିଯାଇଛି ନିରାଶା ଅନ୍ଧାରେ।

ପିଲାଦିନେ ଥିଲା କାଗଜ ଡଙ୍ଗା ଯେ
କେବେଠାରୁ ଛାଡ଼ି ଆସିସାରିଛି,
ତଥାପି ତାହାର ସମ୍ମୋହନ ସତେ
ପଛକୁ କାହିଁକି ଟାଣି ନେଉଛି।

ଜାଣିଛି ସେଦିନ ଫେରି ଆସିବନି
ତଥାପି ମନରେ ଜାଗୁଛି ଖୁସି,
ଲାଗେ ବେଳେ ବେଳେ ସ୍ମୃତି ସହ କିନ୍ତୁ
ସେହି ଦିନ ସତେ ଯାଉଛି ଆସି।

ଅତୀତର ପୃଷ୍ଠା ସାମ୍ନାରେ ଆସିଲେ
ନଜରେ ଆସଇ କାଗଜ ଡଙ୍ଗା,
ପୃଷ୍ଠା ଖୋଜୁ ଖୋଜୁ ଆଖି ଭିଜିଯାଏ
ଆଜିର ଦିନରେ କେତେ ମହଙ୍ଗା।

ସ୍ମୃତି ସହ ଅଛି କାଗଜ ଡଙ୍ଗାଟି
ରହିଛ ରହିବ ଜୀବନ ସାରା,
ଯେବେ ମନେ ପଡେ ସେହି କଥା ମୋର
ଆଖି ହୁଏ ମୋର ଲୋତକଭରା।

ରଫ୍ ଖାତା ଚିରି ଡଙ୍ଗା ମୁଁ କରିଛି
ଭସାଇ ଦେଇଛି ବରଷା ଧାରେ,
ଅଫୁରନ୍ତ ଖୁସି ସାଉଁଟି ଥିଲି ତ
ବରଷା ଭିଜା ସେ ଗାଁ।

କାରଣ ଜାଣିନି ଖୋଜି ବି ପାଉନି
କାହିଁକି ଆସୁଛି ସେଦିନ ସ୍ମୃତି,
ଯେଉଁ ସ୍ମୃତି ସହ ସମୟ ହଜିଛି
ବଦଳି ଯାଇଛି ସେ ପରିସ୍ଥିତି।

ହେ ମୋର ଅତୀତ କାହିଁକି ତୁ ଡାକୁ,
ମୋ ମନ ବା କାହିଁ ହୁଏ ଅଧୀରା,
ସପନ ରାଇଜ ପରି ଟିଏ ପରି
ମନରେ ରହିଛି ତା' ଅପାଶୋରା।

ବିତିଯିବା କାଳ ବହିଯିବା ଜଳ,
କଥା ଅଛି କେବେ ଆସେନା ଫେରି,
ମୋ ମନ ତଥାପି ବୁଝେନା କାହିଁକି,
ବୃଥାରେ ତାକୁ ମୁଁ ହେଉଛି ଝୁରି।

ଫେରୁ କି ନଫେରୁ ସେଦିନଟି ମୋର,
ମାନସ ଚକ୍ଷୁରେ ଅଛି ତା ରୂପ,
ନୀଳ ଅନ୍ଧାରରେ ତୋଫା ତୋଫା ଦିଶେ,
ଜହ୍ନି ଫୁଲିଆ ସେ ସୁନ୍ଦର ଛାପ ।

, ରାଉରକେଲା



## କାର୍ତ୍ତିକ ମାହାତ୍ମ୍ୟ

ବାସନ୍ତୀ ଲତା ଜେନା

ହେମନ୍ତ ଋତୁରେ କାର୍ତ୍ତିକ ଆସଇ
ମାସ ମଧ୍ୟେ ଶ୍ରେଷ୍ଠ ସେତ
ଗ୍ରାମରୁ ସହର ସଭିଏଁ ପାଳନ୍ତି
ପଞ୍ଚୁକ ନାମରେ ଖ୍ୟାତ ।୧।
ମାସ ସାରା ବ୍ରତ କେତେକ କରନ୍ତି
ହବିଷ ଅନ୍ନ ଭୋଜନ୍ତି
କେତେକ ମାନବ ଏକାଦଶୀଠାରୁ
କାର୍ତ୍ତିକ ବ୍ରତ କରନ୍ତି ।୨।
ପ୍ରତ୍ୟୁଷରୁ ଉଠି ସ୍ନାନ ଶୌଚ ସାରି
ତୁଳସୀରେ ପାଣି ଦ୍ୟନ୍ତି
ଧୂପ ଦୀପ ଜାଳି ନୈବେଦ୍ୟ ଅର୍ପନ୍ତି
ମୁରୁଜ ପକାଇ ଥାନ୍ତି ।୩।
ରାଇ ଦାମୋଦର ବ୍ରତ କରି ଥାନ୍ତି
ପୂର୍ଣ୍ଣିମାରେ ଉଦ୍ ଯାପନ
ଅଁଳା ବୃକ୍ଷକୁ ପୂଜନ କରନ୍ତି
କୃଷ୍ଣଙ୍କ ପୟରେ ଧ୍ୟାନ ।୪।
ହିନ୍ଦୁ ଧର୍ମ କହେ କାର୍ତ୍ତିକ ମାସଟି
ପୂଣ୍ୟର ମାସ ଅଟଇ
ଦାନ ଧର୍ମ କଲେ ପୁଣ୍ୟ ମିଳି ଥାଏ
ସୁଖ ଶାନ୍ତି ପ୍ରାପ୍ତ ହୋଇ ।୫।
ନୌବାଣିଜ୍ୟ ପାଇଁ ଉତ୍କଳ ବିଖ୍ୟାତ
ଅର୍ଜିଥିଲା ଦିନେ ଖ୍ୟାତି
ଅତୀତର ସ୍ମୃତି ମନେ ପକାଇବା
ଡ଼ଙ୍ଗା ଭସାଇଲେ ତୃପ୍ତି ।୬।
ଆ କା ମା ବୈ ପାନ ଗୁଆ ଥୋଇ
ପାନ ଗୁଆଟି ତୋହର
ଡ଼ଙ୍ଗା ଭସାଉଛି ଆହୁଲା ମାରୁଛି
ମାସକ ଧରମ ମୋର ।୭।
କାର୍ତ୍ତିକ ମାସରେ କାର୍ତ୍ତିକେୟ ପୂଜା
ମନ୍ଦିରରେ ହୋଇ ଥାଏ
ଶ୍ରଦ୍ଧାଳୁ ଭକତ ନାମ କିର୍ତ୍ତନରେ
ମୁକ୍ତିର ପଥଟି ଚାହେଁ ।୮।
ଗାଆଁ ପାରିବେଶେ ଆକାଶ ଦୀପଟି
ସନ୍ଧ୍ୟା ହେଲେ ଜଳୁ ଥାଏ
ଲମ୍ବା ବାଉଁଶକୁ ଖୁଣ୍ଟ ପରି କରି
ଦୀପ ପ୍ରଜ୍ୱଳିତ ହୁଏ ।୯।
ଆଷାଢ କାର୍ତ୍ତିକ ମାଘ ଓ ବୈଶାଖ
ଚାରି ମାସ ଶୁଭ ଦିନ
ଏହି ସମୟରେ ସୂର୍ଯ୍ୟ ପୂଜା କଲେ
ସୁଖେ କଟି ଯାଏ ଦିନ ।୧୦।
କାର୍ତ୍ତିକ ମାସରେ ଦୀପା ବଳି ହୁଏ
ବୋଇତ ବନ୍ଦାଣ ହୁଏ
ପୟା ଶ୍ରାଦ୍ଧ ହୁଏ ବଡ଼ ଓଷା ହୁଏ
ଦୁର୍ଗା କାଳୀ ପୂଜା ପାଏ ।୧୧।
ବିଷ୍ଣୁଙ୍କର ପ୍ରିୟ ମାସଟି କାର୍ତ୍ତିକ
ଭଜୁ ଥାଅ କୃଷ୍ଣ ନାମ
ଭଜନ କୀର୍ତ୍ତନେ ନାମ ଜପ କର
ଜୀବନ ହେବ ସୁଗମ ।୧୨।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର



## ରାଈ ଦାମୋଦର ବେଶ

ଡ. ଅନୁପମା ବିଶ୍ୱାଳ

ପ୍ରଭୁ ନିରାକାର ଜଗତ ଠାକୁର
ନୀଳାଚଳ ଧାମେ ରହି
ଭକତ ମନର ଭାଓ୍ୱ ପରକାଶି
ଦିଅହେ ମନକୁ ମୋହି।

ଆଶ୍ୱିନର ଶୁକ୍ଳ ଏକାଦଶୀ ଠାରୁ
କାର୍ତ୍ତିକ ଶୁକ୍ଳ ଦଶମୀ
ରାଧା ଦାମୋଦର ବେଶରେ ଶୋଭିତ
ହୁଅନ୍ତି ଜଗତ ସ୍ୱାମୀ।

ତ୍ରିକଚ୍ଛ ବସନ ଦେହେ ସୁଶୋଭିତ
ହସ୍ତେ ସୁନା ନଳୀଭୁଜ
କର୍ଣ୍ଣରେ କୁଣ୍ଡଳ ଶ୍ରୀମୁଖେ ତିଳକ
ଚୂଳରେ ଚନ୍ଦ୍ରିକା ସଜ।

ପବିତ୍ର କାର୍ତ୍ତିକେ କରି ଆଚରିତ
ରାଈ ଦାମୋଦର ବ୍ରତ
ପୂଣ୍ୟ ଲଭିଥାନ୍ତି ହବିଷ୍ୟାଳୀମାନେ
କରି ପ୍ରଭୁଙ୍କୁ ପୂଜିତ।

ସୁବର୍ଣ୍ଣ ଦଉଡି ଅଣ୍ଟାରେ ଦେଖିଲେ
ଆନନ୍ଦେ ନାଚେ ନୟନ
ଦଉଡିରେ ମାତା ଦେଇଥିଲେ ବାନ୍ଧି
ଲୀଳାକଲେ ଶ୍ୟାମଘନ।

ରାଈ ଦାମୋଦର ବେଶ ଦେଖି ନେତ୍ରେ
ଭକ୍ତ ହୁଅଇ ତୃପତ
ଶ୍ରଦ୍ଧାର ସହିତ ଭକତି ଜଣାଇ
ମନ ହୃଦ ହୁଏ ପୂତ।

ମୋଦିପଡା, ସମ୍ବଲପୁର



## ନିଜକୁ ତିଆରି କରିବା ବେଳ

ଡ. ଭାରତୀ ହୋତା

ଦେଖ,
ମୁଁ ନିଜକୁ କେମିତି ସଲଖି ଗଢ଼ି ଦେଇଛି
ଫି ଦିନ ଭାଙ୍ଗୁଛି, ପୁଣି ଗଢୁଛି
ନୂଆ ରଙ୍ଗ ଭରୁଚି
ଜହ୍ନ ପୃଷ୍ଠରୁ ହସ ଆଣି ପତଳା ଓଠରେ ଫାଙ୍କରେ
ଚୁପ୍ ଚାପ୍ ଲଗେଇ ଦେଇଛି
ଦୂର ପାହାଡ଼ରୁ କୁହୁକ ଆଣି ଆଖି ରେ ଲେସି ଦେଇଛି
ନେଇ ଆସିଛି ମହାକାଶରୁ ଅଖଣ୍ଡ ନୀରବତା
କଳା ଘୁମର ମେଘ ଦେହରୁ ଗାଢ଼ ଅନ୍ଧାର ଚିରି
ବାଲୁତ ସୂର୍ଯ୍ୟର ସୁନେଲି କିରଣ ବୋଳି ନେଇଛି।।

ମାଟିର କଳେବର ମୋର
ରୂପ ଲାବଣ୍ୟ ଭରୁ ଭରୁ ସମୟ ରାସ୍ତା ଭୁଲିଯାଏ
ବାଟ ହୁଡେ ମୁଠା ମୁଠା ବିଛେଇ ପଡ଼ିଥିବା ସ୍ୱପ୍ନ
ଭରଣ ଭରଣ ଆହତ ଅଭିମାନ ସହ
ଲୁହ ହୋଇ ବହିଯାଏ ଅସ୍ତିତ୍ୱ
ବେରଙ୍ଗ ମୋହ ସବୁ ଗୋଟି ଗୋଟି
ଝରି ପଡ଼ନ୍ତି ପାଖୁଡ଼ାରୁ ।।
ଦେଖ !
ନୀଳ ଜ୍ୟୋସ୍ନାରେ ଗାଧେଇ
ନିଜକୁ ଆହୁରି ନିବିଡ଼ କରି ସାରିଛି
ବାନ୍ଧି ଦେଇଛି
ଲୁଚକାଳି ଖେଳୁଥିବା ବୟସକୁ,
ସମୟର ଅନନ୍ତ ସ୍ରୋତର ସୁଅରେ
ଭଲ ପାଇବାର ମୁଗ୍ଧ ମନ୍ତ୍ରଟିଏ ଫୁଙ୍କି ଦେଇ
ସମୟକୁ ଲେଉଟାଇ ଆଣିଛି
ଫେରି ଆସିଛି ଜୀବନର ଜହ୍ନରାତି
ମହ ମହ ମହୁଲି ଫଗୁଣ
ଟାଣି ଆଣିଛି ଜୀବନର ମହକିତ ଅଧ୍ୟାୟକୁ ।।

ଖରିଆର ରୋଡ଼
ନୂଆପଡା



## ପବିତ୍ର ପ୍ରେମ

ସ୍ୱାଗତିକା ସାହୁ

ପ୍ରେମର ସବୁଜିମା ବହଳରେ ହୃଦୟ ଆବୃତ୍ତ
ଦେହ ଦାହ ଉର୍ଦ୍ଧ୍ୱେ ପ୍ରେମ
ଚିର ଅମଳିନ ସେ....!
କେତେ ଜନ୍ମ ପୂଣ୍ୟ ପ୍ରାପ୍ତିର
ମନ୍ଦାକିନୀ ଧାରା ସେ...;
ଦୁନିଆରେ ସବୁଠୁଁ ଦୁର୍ଲ୍ଲଭ ଅମୂଲ୍ୟ ପ୍ରେମ

ସେ ରୂପସୀ ରାଗିଣୀ ଅଳକାନନ୍ଦା ରାଧାଙ୍କ
ଶାଶ୍ୱତ ଚୀର ପ୍ରେମ କୃଷ୍ଣ ଙ୍କ ପ୍ରତି ହେଉ
ସ୍ନିଗ୍ଧ ଶୀତଳ ନିବିଡ଼ ପଣର ପ୍ରେମ
ନିଷ୍ପାପ କଇଁ ସହ ଜହ୍ନର..
ଚେତନାର ଚିତ୍ରପଟରେ ମାତୃର ବାତ୍ସଲ୍ୟ ପ୍ରେମ
ତ୍ୟାଗ ସମର୍ପଣର ଅଶ୍ଲେଷ ବନ୍ଧନ...

ପ୍ରେମମୟ ଭକ୍ତି ଶରଣା ଗତି ଲଭେ
ପ୍ରେମର ଉପମା ବସୁନ୍ଧରା, ଚୀର ଶାଶ୍ୱତ
ଜୀବନ ଗଣିତ, ପ୍ରେମ ସୂତ୍ରରେ କଷି ଜାଣିଲେ ସୁନ୍ଦର
ଜୀବନ ବଇଁଶୀ ପ୍ରେମରେ ବଜାଇ
ମିଳେ ସବୁଜ ସଂଯୋଗର ସମ୍ଭାବନା
ସମୟ ସ୍ରୋତରେ ଆବଦ୍ଧ ନୁହେଁ ସେ...

ଅନୁରାଗ ବିନା ପ୍ରେମ ଅସମ୍ଭବ
ପ୍ରେମ ବିନା ଶକ୍ତି ନାହିଁ,ପ୍ରେମ ହିଁ ମୁକ୍ତିର ଦ୍ୱାର
ସେହି ପ୍ରେମ ପରା ଅଗମ୍ୟ ଅଭେଦ୍ୟ
ସକଳ ପ୍ରାଣୀଙ୍କ ହୃଦୟରେ ବିରାଜିତ
ସାଜିଛି ପ୍ରତି ହୃଦେ ପୂଣ୍ୟର ମୋହର

ମୀରା ପ୍ରେମର ଉଷୁମ ସେହେନାଇ
ବିଦଗ୍ଧ କୃଷ୍ଣ ହୃଦ କଲା ବାଇ
ପ୍ରେମ ଏକ ଆସନ୍ନ ସୂର୍ଯୋଦୋୟର
ପୁଲକିତ ଗାଥା....!
ଏକ ପ୍ରତିଶ୍ରୁତି ମୁକ୍ତିଝରା ଛନ୍ଦ
ପୂର୍ଣ୍ଣ ପରିଧିର ମେଞ୍ଚାଏ ଆନନ୍ଦ

ବିଭୋର ହୁଏ ରୂପସୀ ରଜନୀ
ଅଙ୍ଗେ ଅଙ୍ଗେ ଭାରି ପ୍ରେମଶିକ୍ତ ରବିରଶ୍ମୀ
ପ୍ରିୟା, ପୁଲକରେ ଯାଦୁ ସୃଷ୍ଟି କରି
ଜୀବନର ଛନ୍ଦଲୟ କୁ ଭରେ
ତା ସୁଗନ୍ଧିତ ପ୍ରେମରେ...
ବିଶ୍ୱାସ ବଳୟରେ ତଲ୍ଲୀନ ହୁଏ ତନୁ
ପ୍ରେମ କରେ ପ୍ରଗଳଭା ଶିକ୍ତ ସିନ୍ଦୁରେ
ସେ ତ ଅସୁମାରୀ ପୁଲକର ଗୁଂଜନ...
ଏକ ଅମୃତତ୍ୱର ପରିଭାଷା...!

ଉମରକୋଟ, ନବରଙ୍ଗପୁର



## ଏକତା ଦିବସର ଅର୍ଘ୍ୟ

ପ୍ରତାପ କିଶୋର ରାଉତ

ପୁଣ୍ୟଭୂମି ଏହି ଭାରତ ମାଟିର
ଯେତେ ଅଛ ମୋର ଭଉଣୀ ଭାଇ
ଏକତା ମନ୍ତ୍ରରେ ଦୀକ୍ଷିତ ହୁଅରେ
ତା ମାନ ମହତ ରଖିବା ପାଇଁ
ଏଇ ମାଟି ଅଟେ ଆମରି ପାଇଁ
ଗୌରବ ଶାଳିନୀ ମମତା ଦାୟିନୀ
ମମତା ବତୁରା ସୁନାର ଭୂଇଁ ।୧।
ରାମ ରାମକୃଷ୍ଣ ଯୀଶୁ ମହମ୍ମଦ
ପ୍ରେମର ଠାକୁର ଶ୍ରୀ ଅନୁକୂଳ
ନାନକ ଚୈତନ୍ୟ ବୁଦ୍ଧ ମହାବୀର
ପୁଣ୍ୟ ମହାତ୍ମାଙ୍କ ଏ ଜନ୍ମ ସ୍ଥଳ
ଧରମର ଧ୍ୱଜା ଉଡାଇ ଦେଇ
କାଳେ ବକ୍ଷେ ରଚି ଅମର କୀରତି
ଯାଇଛନ୍ତି ଏଠୁ ବିଦାୟ ନେଇ ।୨।
ଭୁଲି ଭେଦାଭେଦ ଗାଇବା ଆସରେ
ଏ ମାଟିର କୃତି ନବୀନ ସ୍ୱରେ
ଏ ମାଟି ଗରୀମା ଝଙ୍କୃତ ହେଉ
ତାର ନଦ ନଦୀ କାନନ ଝରେ
କୋଟି ପ୍ରାଣେ ତୋଳୁ ମଧୁ ମୂର୍ଚ୍ଛନା
ଏକତା ରଜ୍ଜୁରେ ହୋଇବା ନିବିଡ଼
ପୁରାଇବା ମାଟି ମାଆ କାମନା ।୩।
ରକ୍ତିମ ଚକ୍ଷୁ ଅରାତି ଦେଖାଏ
ଜାଣେ ନାହିଁ ଆମ ବାହୁର ବଳ
ଇତିହାସେ ଲେଖା ଏ ମାଟି ଗୌରବ
ଥରେ ପଢ଼ିଦେଲେ ହେବ ବିହ୍ୱଳ
ସ୍ୱର୍ଗ ଠାରୁ ବଡ଼ ଜନମ ଭୂଇଁ
ତାର ପ୍ରତି ଧୂଳି କଣାରେ ଶୁଭଇ
ବୀରତ୍ୱର ଗାଥା ମନ୍ଦ୍ରିତ ହୋଇ।୪।
ବର୍ଦ୍ଦୋଲିର ବୀର ସର୍ଦ୍ଦାର ବଲ୍ଲଭ
ଏମାଟିରେ ତୁମେ ଜନମ ନେଇ
ତୁମ ଗୌରବରେ ଗର୍ବିତ ଦେଶ
ତୁମରି ତ୍ୟାଗର ତୁଳନା ନାହିଁ
ଏକତା ଦିବସ ଆଜିର ଦିନେ
ତୁମ ସ୍ମୃତି ଆଜି ସବୁରି ହୃଦୟେ
ଗୁଞ୍ଜରିତ ହୁଏ ମଧୁର ସ୍ୱନେ ।୫।

ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର



## ସେ ଆସେ

ଡ.ଚନ୍ଦ୍ରକଳା ନାୟକ

ସତେ ତ...... ବରଷା ଆସେ
କଳା ଭସା ବାଦଲର ଆକାଶରେ
ପ୍ରଶସ୍ତ ସାଜସଜା ଭିତରେ
ମେଘ ସ୍ୱନର ବାଣ ଫୁଟାଇ, ଆଉ
ରୋଷଣୀର ପଟୁଆର ନେଇ ।
ବିସ୍ତାରିତ କରି ଆକାଶର ବକ୍ଷକୁ
ଦୌପଦୀର ଘନ କେଶ ବିନ୍ୟାସକୁ
ପୁଣି, ଆସେ ପାହାଡକୁ ଆଲିଙ୍ଗନ କରି ।
ଫୁଙ୍ଗୁଳା ସକାଳଟାରେ ଆସେ
ଚାମର ହଲାଇ ଗାଁ ଦାଣ୍ଡଟାରେ
ଭିଜାଇ ଦେବାକୁ ଦରଫଟା ମାଟିକୁ
ଲହୁଣି ପରି ନରମି ଦେବାକୁ ମାଆ କୋଳକୁ
।
ଫୁଲକୁ ଚୁମ୍ବନ ଦେଇ ଫୁଟିବାକୁ ଆସେ
କାଶତଣ୍ଡୀ କାଇଁଚକୁ ଗର୍ଭବତୀ କରି
ନଦୀର ଗର୍ଭକୁ ପରିପୂର୍ଣ୍ଣ କରିବାକୁ
ତା ଦେହରେ ମାଧୁର୍ଯ୍ୟ ଭରି
ସେ ଆସେ ବିମୁଗ୍ଧା ସାଜିବାକୁ ।
ଏଥର ତ ସେ ଅଚାନକ ଆସେ
ପିନ୍ଧି ଘୂର୍ଣ୍ଣି ବଳୟର କଳା ଘାଗରାକୁ
ଅସ୍ତବ୍ୟସ୍ତ କରିବାକୁ ପାର୍ବଣର ପରମ୍ପରା
ସେ ତ ଅଭିମାନିନୀ ରାଧା ନୁହେଁ
ତେବେ ଏତେ କିଆଁ ଅହଂକାର ତାର ।
ଓ ହୋ, ସେ ବୋଧେ ଏଥର ଆସିଛି
ମାନବକୁ ଶିକ୍ଷା ଦେବା ପାଇଁ
ରାତ୍ରିର ସୁରାରେ ମାତାଲ କରି
କାମାତୁର ମଣିଷକୁ ଚେତାଇ ଚେତାଇ
ପ୍ରଳୟ ପୟୋଧୀ କରି ସଜାଡି ଦେବାକୁ
ଏ ସଂସାରର ଯେତକ ବିପଥୀ ମାନଙ୍କୁ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର

ମୋବାଇଲ୍: ୯୪୩୭୯୫୭୬୧୭



## ଯୋଗିନୀ

ଡ. ଶୁଭେନ୍ଦୁ ମେହେର

ମୋତେ ଆଉ ଚୌଷଠି ସାଧନା
ଲୋଡ଼ନାହିଁ ଦେବୀ !

କେଉଁ ତନ୍ତ୍ର ବିଦ୍ୟାରେ
ତୋତେ ଆବାହନ କରିବି
ତୋ' ଭିତରେ ହିଁ ଚୌଷଠି କଳା
ବିଦ୍ୟା ମହାବିଦ୍ୟା ସବୁ ମହଜୁତ୍ ।

ସେ' କାଚ୍ଚ ଦେହରୁ
ଓହ୍ଲେଇ କଞ୍ଚା ହୋଇ ଯା'
ଯୋଗରୁ ଭୋଗ ଆଡ଼କୁ ଆଗେଇ ଯା ।

ତୋ' ପାଇଁ.....
ଅମୁହାଁ ଘାଟର ପାଣି
ବାରଙ୍ଗନା ମାଟି ଆଣିଛି
ମାଟିକୁ ମନ୍ତୁରେଇଛି
ଦେହ ଦେଉଳକୁ ଖୋଲା ରଖି
ତୋତେ ଆବାହନ କରୁଛି ।

ଆ ଦେବୀ.....!
ବଳଦ କି' ମହିଷା କ'ଣ ଲୋଡ଼ା ଯେ'
ମୋ' ପିଠିରେ ସବାର ହେବୁ
ମୋର ପ୍ରଶସ୍ତ ଛାତିରେ
ତାଣ୍ଡବ ନାଚିବୁ ।

ଚୌଷଠି ଭୋଗ,ଗାୟତ୍ରୀ
ଚୌଷଠି କାମଶାସ୍ତ୍ର
ସବୁ ତ, ଏବେ ମୂର୍ଚ୍ଛା ଖାଇଲାଣି !

ବ୍ୟାଧିର ବ୍ୟାଧ ତୁ
ପ୍ରାଣର ସମର୍ପଣ ତୁ
ରୋଗ ଶୋକରୁ ମୁକ୍ତି ଦେ
ସେ' ଗୁପ୍ତ ମହିମାରେ ସୁପ୍ତ ରହିଲେ
କ'ଣ ପାଇବୁ ଯେ'
ଗ୍ରାମ ଦେବୀରୁ ଉତୁରି
ହୃଦୟ ଦେବୀ ହୋଇ ଯା' ।

ତୁ' ଆଇଲେ....
ଝାଟିମାଟି କାଚ୍ଚ ସବୁ ମୁକ ପାଲଟିବେ
ଯନ୍ତ୍ର ମନ୍ତ୍ର କୋଠି ତିଆରିବେ
ତନ୍ତ୍ରୀ ସବୁ ତନ୍ତ୍ର ସାଧିବେ !

ଥରେ ତ,
ମୋ' ହୃଦୟର ଶିଳାଲେଖ
ଦେଖିବୁ ଆ'
ତୋ'ର ଚିରାଚରିତ ଇତିହାସ ସବୁ
ଥାକ ଥାକ ହୋଇ
ମୋ'ର ନିବୁଜ କୋଠରୀରେ
ସଙ୍ଗୋପନେ ରହିଛି
ଅଛୁଆଁ ସ୍ୱର୍ଶର ପ୍ରତୀକ୍ଷାରେ ।।

ଯାଲୋଏ, ସୁବର୍ଣ୍ଣପୁର



## କାର୍ତ୍ତିକ ଆସିଛି ଧରମ ନେଇ

ଡଃ ତାନଶ୍ରୀ ପାଣିଗ୍ରାହୀ

ଆସିଛି ପୁଣ୍ୟ କାର୍ତ୍ତିକ ମାସ
ସବୁ ଧରମକୁ ଧରି
ପ୍ରାତଃ ସ୍ନାନ କରି ବୃନ୍ଦାବତୀ ପାଶେ
ପୂଜା ଅରଚନା କରି...

କାର୍ତ୍ତିକ ମାସରେ ସାଧବ ଯାଆନ୍ତି
ବିଦେଶେ ବାଣିଜ୍ୟ ପାଇଁ
ସାଧବାଣୀମାନେ ବନ୍ଦାପନା କରି
ଶୁଭକାମନା କରିଥାନ୍ତି...

ଦୀପାବଳି ସହ ହୁଏ କାଳୀପୂଜା
କେତେ ଆଲୋକରେ ସଜ
ସକାଳରେ ସ୍ନାନ ଚଉରା ମୂଳରେ
ପକାନ୍ତି ରଙ୍ଗମୁରୁଜ...

ଏ ପୁଣ୍ୟ ମାସରେ ଶୁକ୍ଳ ନବମୀରେ
ଅଁଳା ନବମୀ ପଡ଼େ
ଏହି ଦିବସରେ ରାଧାରାଣୀଙ୍କର
ପଦ ଦର୍ଶନ ମିଳେ...

ରାସ ପୂର୍ଣ୍ଣିମାରେ ଡ଼ଙ୍ଗା ଭସାନ୍ତି
ହୁଅଇ ପବିତ୍ର ମନ
ନିଷ୍ଠା ଓ ଭକ୍ତିରେ ବ୍ରତ କରିଥିଲେ
ପାଇବା ଅନେକ ପୁଣ୍ୟ...

ମହା କାର୍ତ୍ତିକରେ ସବୁରି ମୁହଁରେ
ଶୁଭଇ ପ୍ରଭୁଙ୍କ ନାମ
ପୂଜା ସଂକୀର୍ତ୍ତନ ପ୍ରଭୁଙ୍କ ଭଜନ
ହରେ କୃଷ୍ଣ ହରେରାମ ।।

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫



## ସଞ୍ଜ

ସୁନନ୍ଦା ମହାନ୍ତି

ସଞ୍ଜ ଆସେ ଗୋଧୂଳି ବେଳାରେ
ସଳିତା ଶିଖା ଓ ଓଁ ଉଚ୍ଚାରଣେ
ସଞ୍ଜ ଆସେ ନବବଧୂ ପ୍ରୀତି ସମ୍ଭାଷଣେ
ଅଲ୍ପ ଓଢଣା ତଳୁ ଜୋସ୍ନାୟିତ
ସିନ୍ଦୁର ବିନ୍ଦି କଜ୍ଜଳ ଗାରେ
କୁନା କୁନି ମୁନା ମୁନି ପ୍ରାର୍ଥନା ସାରି
ପଢି ବୁଝିବା ବେଳାରେ
ବହି ଓ ସଞ୍ଜ ତା ସଙ୍ଗେ ବୁଢୀମା
ଅଣ୍ଟା ଅସହଜ ବେଦନା
ଦ୍ୱାରିକା ଧାମ ଯିବା ଭାବନାରେ
ନିବୃତ୍ତ କରେ ସଞ୍ଜ ରଞ୍ଜରଞ୍ଜ ଖଞ୍ଜ ଦେଖି
ଜନ ମାନସରେ କର୍ତ୍ତବ୍ୟ ବୋଧରେ
ସଞ୍ଜ ଜାଗାଏ ମନ ତଳ ସାଞ୍ଜ
ଉଦ୍ରେକ ହୁଏ ଖଞ୍ଜ ରଞ୍ଜ ରଞ୍ଜ
ଐଶ୍ୱର୍ଗୀକ ଭାବନାରେ
ତିଥି ହେଉ ଅମାବାସ୍ୟା ଅବା ପୂର୍ଣ୍ଣମୀରେ
ସଞ୍ଜ ତ ସଞ୍ଜ ବଜାଏ ପଖଉଜ
ଆବେଗ ଉଦବେଗ ସମ୍ଭାବନାରେ
ଭାରି ସୁନ୍ଦର ସେ ସଞ୍ଜ ଚାନ୍ଦ ଆକାଶରେ
ପୁଣି ସେହି ଅନ୍ଧାରୁଆ ସଞ୍ଜ ଯେବେ
ଖୋଜୁଥାଏ ଚନ୍ଦ୍ର ଠିକଣାରେ

ସାକ୍ଷୀଗୋପାଳ, ପୁରୀ
ମୋବାଇଲ୍: ୯୦୪୦୯୭୭୩୨୭

## ଗାଁରେ କୁଚିଆ ମଦ କାରବାର ଉପରେ ଅବକାରୀ ବିଭାଗର ଚଢ଼ାଉ କେବେ?

**ସୁବର୍ଣ୍ଣପୁର,୪।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳରେ ପ୍ରାୟତଃ ମଦ ଜନିତ ମୃତ୍ୟୁ ହେଉ ବା ହିଂସା ସବୁ ଥିରେ ପ୍ରଚ୍ଛନ୍ନ ଭାବରେ ମଦ ର କୁପରିଣତି ।ଗୋଟିଏ ପଟେ ମଦ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନ୍ୟ ପଟେ ଗାଁ ଗାଁ ରେ ଦେଶୀ ଓ ବିଦେଶୀ ମଦ କୁଚିଆ ର ବନ୍ୟା। ସତେ ଯେପରି ସୁବର୍ଣ୍ଣପୁର ଜିଲ୍ଲା ର ଗାଁ ମାନଙ୍କ ରେ ବିଦେଶୀ କୁଚିଆ ମଦ କାରବାର ଓ ମଦ ରାନ୍ଧିବା ଏକ ପ୍ରକାର କୁଟୀର ଶିଳ୍ପ ହୋଇଯାଇଛି କହିଲେ ଚଳେ କିନ୍ତୁ ଏମାନଙ୍କୁ ଲଗାମ ପାଇଁ ସରକାର ଙ୍କ ଅବକାରୀ ବିଭାଗ ର ଭୂମିକା କଣ ଖାଲି ଦରମା ଉପରିଟ୍ଟ କରି ମାଲେମାଲ ହେବା ଗାଁ ଗ୍ରାଉଣ୍ଡ ରିପୋର୍ଟ କୁ ଯାଇ ମଦ କୁଚିଆ ଙ୍କ ଉପରେ ଚଢ଼ାଉ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବ କିନ୍ତୁ ଏଭଳି ସବୁ ଓଲଟା ବେଧଡ଼କ ରେ ଚାଲିଛି କୁଚିଆ ମଦ। ଏପରିକି ବିଦେଶୀ ମଦ ମଧ୍ୟ ଗାଁ ଗାଁ ରେ ବିକ୍ରି ଚାଲିଛି । ହେଲେ ଅବକାରୀ ବିଭାଗ ଚୁପ ଚାପ ବସି ରହିଛି। କାର୍ଯ୍ୟାନୁଷ୍ଠାନ ଶୂନ...ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏଇ ଅସାଧୁ ତତ୍ତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବନ୍ଦ କରିବା ଉଚିତ ନ ହେଲେ ପରିଣତି ଭୟଙ୍କର ହେବ। ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ନେବା କଥା। ଲୋକେ ତାତିଲେଣି ଯଦି ଅସାଧୁ ମଦ କୁଚିଆ ଓ ଅବକାରୀ ବିଭାଗ ର ମଧୁଚନ୍ଦ୍ରିକା ବନ୍ଦ ନହୁଏ ଆଗକୁ ବଡ଼ ଜନଆନ୍ଦୋଳନର ସୂତ୍ର ହେବା ର ସମ୍ଭାବନା ଅଛି ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରୁଛି।

# ସ୍ମାର୍ଟ ସିଟି ବସ୍ଷ୍ଟାଣ୍ଡ ଅବସ୍ଥା ବେହାଲ୍

## ଯାତ୍ରୀଙ୍କ ବସିବା ପାଇଁ ନାହିଁ ଜାଗା

**ରାଉରକେଲା ,୪।୧୦ (ସଂଚାର ବ୍ୟୁରୋ):** ଶିଳ୍ପ ନଗରୀ ରାଉରକେଲା! ସ୍ମାର୍ଟ ସିଟି ରାଉରକେଲା! ହେଲେ ଏଠାରେ ବସ୍ ଷ୍ଟାଣ୍ଡରେ ନାହିଁ ସ୍ମାର୍ଟ ବ୍ୟବସ୍ଥା । ଶିଳ୍ପ ନଗରୀ ରାଉରକେଲାରେ ବେହାଲ ହୋଇପଡ଼ିଛି ବସଷ୍ଟାଣ୍ଡ। ରାସ୍ତା ସାରା ଜାଗୁଆ ପଡ଼ପଡ଼। ବସ୍ ଷ୍ଟାଣ୍ଡର ମୁଖ୍ୟ ଫିଲ୍ଡରେ ବିଭିନ୍ନ ସ୍ଥାନରୁ ସିଲିଂ ଖସୁଛି । ପିଇବା ପାଇଁ ପାଣି ସଂଯୋଗ ଅଛି ହେଲେ ପାଣି ଆସୁନି। ଏପରିକି ଯାତ୍ରୀଙ୍କ ବସିବା ପାଇଁ ଭଲ ଜାଗାଟେ ବି ନାହିଁ । ଏପଟେ ଟଏଲେଟ୍ ବ୍ୟବସ୍ଥା ନ ଥିବାରୁ ଦୁର୍ଗନ୍ଧରେ ଫାଟି ପଡୁଛି ସାରା ବସ୍ ଷ୍ଟାଣ୍ଡ। ଇଏ ହେଉଛି ସ୍ମାର୍ଟ ସିଟି



ରାଉରକେଲାର ବସ୍ ଷ୍ଟାଣ୍ଡର ନଗ୍ନ ଚିତ୍ର । ପ୍ରତ୍ୟେକ ଦିନ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରିକି ଝାଡ଼ଖଣ୍ଡ ଓ ବିହାର ଭଳି ରାଜ୍ୟରୁ ହଜାର ହଜାର ଯାତ୍ରୀ ଗମନାଗମନ ପାଇଁ ଭରସା କରିଥାଆନ୍ତି ଏହି ବସ ଷ୍ଟାଣ୍ଡ ଉପରେ। ହେଲେ ନା ଯାତ୍ରୀ ନା ବସ୍ ଷ୍ଟାଣ୍ଡରେ ଦୋକାନ କରୁଥିବା ଦୋକାନୀଙ୍କ ସମସ୍ୟା ପ୍ରତି ଯେମିତି ଆଖି ବୁଜି ଦେଇଛି ପ୍ରଶାସନ । ୧୯୯୦ ମସିହାରେ ତିଆରି ହୋଇଥିଲା ରାଉରକେଲା ବସ୍ ଷ୍ଟାଣ୍ଡ। ହେଲେ ଆଜିଯାଏଁ ଅଲଟ୍ରା ମର୍ଡନ ବସ୍ ଟର୍ମିନାଲ ହୋଇପାରିନାହିଁ। ଏବେ ଲୋକ ସଂଖ୍ୟା ସହ ବଢ଼ିଛି ବସ ସଂଖ୍ୟା । ପୂର୍ବରୁ ବସ୍ ଷ୍ଟାଣ୍ଡକୁ ବିସ୍ରା ଛକରୁ ସ୍ଥାନାନ୍ତର କରି ଅନ୍ୟତ୍ର କରିବା ନେଇ ବୈଠକ ପରେ ବୈଠକ ବସିଥିଲା। ଏନେଇ ସ୍ମାର୍ଟ ସିଟି ଲିମିଟେଡ, ରାଉରକେଲା ଡେଭଲପମେଣ୍ଟ ଅଥରିଟି ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ଜାଗାକୁ ନେଇ ବିଭିନ୍ନ ସମୟରେ ଆଲୋଚନା ବି ହୋଇଥିଲା। ହେଲେ ଆଗକୁ ବଢ଼ି ପାରିଲାନି ବସ୍ ଷ୍ଟାଣ୍ଡର ଭାଗ୍ୟ ।

# ଦୋକାନ ଭାଙ୍ଗି ୧୫ ହଜାର ଲୁଟ୍

● ତିନି ଅଭିଯୁକ୍ତ କୋର୍ଟ ଚାଲାଣ



**ନୀଳଗିରି,୪।୧୦ (ସଂଚାର ବ୍ୟୁରୋ):** ମିତ୍ରପୁର ବଜାରର ଏକ ଦୋକାନର ଆଜବେଷ୍ଟ୍ ଭାଙ୍ଗି ତିନି ଜଣ ଅଭିଯୁକ୍ତ ଦୋକାନ ରଖିଥିବା ନଗଦ ପନ୍ଦର ହଜାର ଟଙ୍କା ସହ ଅନେକ ଜିନିଷ ଚୋରି କରି ନେଇ ଯାଇଛନ୍ତି। ସୂଚନା ଅନୁସାରେ ମିତ୍ରପୁର ବଜାରରେ କାହ୍ନୁ ସିଂ ନାମକ ଯୁବକ ଏକ ଗ୍ରସୋରି ଦୋକାନ କରି ପରିବାର ଭରଣ ପୋଷଣ କରିଆସୁଥିଲା। ଗତ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୋକାନ ଘରର ଆଜେବେଷ୍ଟ ଛପର ଭାଙ୍ଗି ଦୋକାନରେ ଥିବା ନଗଦ ପନ୍ଦର ହଜାର ଟଙ୍କା ସହ ବହୁ ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି। ତାପର ଦିନ ଦୋକାନକୁ ଆସି ଦେଖିବା ପରେ ତୁରନ୍ତ ପୋଲିସକୁ ଖବର ଦେବା ପରେ ତୁରନ୍ତ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରେ ମ ଛୁଆ ଗ୍ରାମର ଶମ୍ଭୁ ସିଂ (୨୪), ସମୀର ସିଂ (୨୨) ସମେତ ଜଣେ ନାବାଳକ ଘଟଣାର ସଂପୃକ୍ତି ଥିବାର ଜଣା ପଡ଼ିବା ପରେ ତିନି ଜଣକୁ ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ନିଳଗିରି ଥାନାରେ ୪୪୬/୨୫ରେ ଏକ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତକୁ ନିଳଗିରି ଜେଲକୁ ପଠାଇ ଦିଆଯାଇଥିବା ବେଳେ ନାବାଳକକୁ ବାଲେଶ୍ୱର ଜେଲ୍ କୁ ପଠାଇ ଦିଆଯାଇଛି।

## ଲାୟନ୍ସ କ୍ଲବ ପକ୍ଷରୁ ବନ୍ୟାରେ କ୍ଷତିଗ୍ରସ୍ତ ଆଦିବାସୀ ସାହିରେ ରିଲିଫ ବଣ୍ଟନ



**ବାଲିଆପାଳ,୪।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀର ବିଗତ ବନ୍ୟାରେ କ୍ଷତିଗ୍ରସ୍ତ ବାଲିଆପାଳ ବ୍ଲକ କୁମ୍ଭାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝଲଝଲିଆ ଆଦିବାସୀ ସାହିର ଶତାଧିକ ପରିବାରକୁ ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ ସୋମବାର ରିଲିଫ ବଣ୍ଟନ କରାଯାଇଛି।ଲାୟନ୍ସ କ୍ଲବର ସଭାପତି ଅମିତ କୁମାର ପଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲବର ଜେଡସି ତରୁଣ କୁମାର ମହାପାତ୍ର, ସମ୍ପାଦକ ତାରାକାନ୍ତ ଜେନା, ବରିଷ୍ଠ ସଦସ୍ୟ ଝଡେଶ୍ୱର ପ୍ରଧାନ, ଭୁବନ ମୋହନ ପିଳା, ନବୀନ କୁମାର ପାତ୍ର, ଗୋପାଳ ଚନ୍ଦ୍ର ଜେନା, ଏବଂ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ରିଲିଫ ବଣ୍ଟନ କରିଥିଲେ।।

## ଟାଙ୍ଗରା ଭୂଇଁ ହେଲା ଶାସ୍ୟ ଶ୍ୟାମଳା



**ବରଗଡ଼,୪।୧୦ (ସଂଚାର ବ୍ୟୁରୋ):** ନାଁ ତାଙ୍କର ରୋଶନ ଓ ଯୋଦ୍ଧା। ସମଗ୍ର ଓଡିଶା ଓ ଛତିଶଗଡ଼ ରାଜ୍ୟରେ ବେଶ ପରିଚିତ ରୋଶନ ଓ ଯୋଦ୍ଧା ଏବେ ଜୋର ଚର୍ଚ୍ଚାରେ। ଆଜ୍ଞା ଆପଣ ନାଁ ଶୁଣି ଭାବୁଥିବେ ଏମାନେ କଣ କାମ କରନ୍ତି ଯାହାକୁ ନେଇ ସବୁଠି ଚର୍ଚ୍ଚା ଲାଗିଛି। ମନଟା ଅଥୟ ହେଉଥିବ ଏବଂ ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଥିବ। ଏମାନେ କୌଣସି ଯୋଦ୍ଧା କି ଅଭିନେତା ନୁହନ୍ତି। ଆମେ କହୁଛୁ ଭିନ୍ନ ଏକ ପରିବା ଚାଷ କଥା। ରୋଶନ ଓ ଯୋଦ୍ଧା କରଲା ପରିବା ଚାଷ କରି ଜଣେ ଯୁବ ଚାଷୀ ଏବେ ସମଗ୍ର ରାଜ୍ୟରେ ବେଶ ଚର୍ଚ୍ଚାରେ। ଯେଉଁ ଜମି ଏକଦା ଟାଙ୍ଗରା ଥିଲା। ବର୍ଷବର୍ଷ ଧରି ପଡ଼ିଆ ପଡୁଥିଲା। ସେଇ ଟାଙ୍ଗରା ଭୂଇଁରେ ରାଜ୍ୟ ସରକାରଙ୍କ ଉଠାଜଳସେଚନ ବିଭାଜନ ତରଫରୁ ଗଭୀର ନଳକୂପ ଖନନ କରାଯିବା ପରେ ଏହି ଯୁବ ଚାଷୀ ଓ ତାଙ୍କ ପରିବାର ବର୍ଗଙ୍କ ଜୀବନ ଜୀବିକା ବଦଳି ଯାଇଛି। ଉଦ୍ୟାନ କୃଷି ବିଭାଗ ସହାୟତା ଓ ଉଠାଜଳସେଚନ ବିଭାଗର ମିଳିତ ସହାୟତା ମିଳିବା ପରେ ଯୁବ ଚାଷୀ ପାଲଟି ଯାଇଛନ୍ତି ଲକ୍ଷପତି ଚାଷୀ। ନିଜର ୮ ଏକର ଜମିରେ କରଲା ଚାଷ କରିବା ସହିତ ଗାଁର ଛଅଟି ପରିବାରକୁ ବର୍ଷତମାମ ଦେଇଛନ୍ତି ରୋଜଗାର। ଏହି ଯୁବ ଚାଷୀଙ୍କୁ ଅନୁପ୍ରାଣିତ ହୋଇ ଗାଁର ଶତାଧିକ ଚାଷୀ ଶହଶହ ଏକରରେ ଏବେ କରୁଛନ୍ତି କରଲା ଚାଷ। ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଡୁମାଲପାଲି ଗାଁରୁ ଦେଖିବା ଯୁବ ଚାଷୀ ସୁଶିଲ କୁମାର ସାହୁଙ୍କ ଜୀବନ ସଂଘର୍ଷର ଅସଲ କାହାଣୀ।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ପ୍ରଦାନ



**ଯାଜପୁରରୋଡ଼,୪।୧୧ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଥମ ଠାରୁ ଅଷ୍ଟମ ପର୍ଯ୍ୟନ୍ତ ବିଦ୍ୟାଳୟ ୟୁନିଫର୍ମ ପ୍ରଦାନ କରଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତ୍ୟେକ ପିଲାଙ୍କୁ ଦୁଇହଳ ପୋଷାକ ସହିତ ଏକ ହଳ ଜୋତା, ମୋଜା ସହିତ ଟୋପି, ଏକ ହଳ ଟ୍ରାକ ପେଅଣ୍ଟ, ବ୍ୟାନିୟନ ଦିଆ ଯାଇଥିଲା। ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତାକିମ ଖାନ'ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ପାତ୍ର ଯୋଗ ଦେଇ ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ସରକାର ଦେଉଥିବା ସାହାଯ୍ୟ କିପରି ସବୁ ପିଲା ମାନଙ୍କ ପାଖରେ ପହଂଚା ଯାଇପାରିବ ସେଥିପାଇଁ ଯତ୍ନବାନ ହେବାକୁ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟିର ସଦସ୍ୟ ମାନେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ, ସ୍ମରଣିକା ବାରିକ, ଧର୍ମାନନ୍ଦ ସାହୁ, ଅଫିସ ପରିଚାଳକ ନୀଳାଦ୍ରି ଭୂଷଣ ଦାସ ଓ ବିଦ୍ୟାଳୟର କର୍ମଚାରୀ ପୁଷ୍ପାରଞ୍ଜନ ସାହୁ, ଦେବାଶିଷ ବେହେରା, ଅନୁରାଗ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାଠଗଣ୍ଡି ସହ ପିକ୍ଅପ୍ ଜବତ



**ନୀଳଗିରି,୪।୧୦ (ସଂଚାର ବ୍ୟୁରୋ):** ଚୋରାରେ ଚାଲାଣ ହେଉଥିବା ଏକ କାଠଗଣ୍ଡି ଭର୍ତ୍ତି ବୋଲେରୋ ପିକ୍ଅପକୁ ନୀଳଗିରି ବନବିଭାଗ ଜବତ କରି ନିଜ ହେପାଜତକୁ ନେଇଛି। ନୀଳଗିରି ବନବିଭାଗର ରେଞ୍ଜ ଅଧିକାରୀ ମନଓ୍ୱର ଖାଁଙ୍କ ନିର୍ଦ୍ଦେଶରେ ସଜନାଗଡ଼ ଫରେଷ୍ଟର ପ୍ରତିମା ସ, ନରଣପୁର ବିଟ୍ ଫରେଷ୍ଟଗାର୍ଡ ବୁଧୁରାମ ହାଁସଦା ଏବଂ ଅନ୍ୟ ବନକର୍ମଚାରୀ ମଙ୍ଗଳବାର ଭୋର ୩.୩୦ମିନିଟ ସମୟରେ ଗୋହିରା ତେନ୍ତୁଳିଆ ରାସ୍ତାର ଆରବନ୍ଧ ନିକଟରେ ଓଡି-୦୨-୩୩୬୦ ନଂ ଧଳାରଙ୍ଗର ପିକଅପ୍ ଗାଡିରେ (୫୬.୩୯) ସିଫ୍ଟ ୭ଟି ଆମ୍ବଗଣ୍ଡି ଭର୍ତ୍ତିକରି ଯାଉଥିବା ସମୟରେ ଜବତକରି ନୀଳଗିରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଏନେଇ ୧୩/୨୫-୨୬ରେ ଏକ ମାମଲା ରୁଜୁ ହୋଇଥିବା ବିଭାଗ ସୂତ୍ରରୁ ପ୍ରକାଶ।

## ଆଦର୍ଶ ଶିକ୍ଷାକେନ୍ଦ୍ରରେ କଣ୍ଢେଇ ମେଳା ସହିତ ବିଜ୍ଞାନ ମେଳା



**ନୟାଗଡ଼,୪।୧୦ (ସଂଚାର ବ୍ୟୁରୋ):** ହାଉସିଂ ବୋର୍ଡ କଲୋନୀ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। କୁନି କୁନି ଶିଶୁ ବୈଜ୍ଞାନିକ ମାନଙ୍କ ଦ୍ୱାରା ଏହି ମେଳାରେ ୬୪ ଜଣ କୁନିକୁନି ଶିଶୁ କଣ୍ଢେଇ ମେଳାରେ ଭାଗନେଇଥିବା ବେଳେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ୧୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସକାଳ ୧୦ଟାରେ କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା ବେଳେ ଅପରାହ୍ନ ୦୨ ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହିତ ବିଜ୍ଞାନ ଯୁଗରେ ପ୍ରତ୍ୟେକ ଅଭିଭାବକମାନେ ନିଜ ନିଜର ଶିଶୁମାନଙ୍କୁ ଅନ୍ଧ ବିଶ୍ୱାସରୁ ଦୂରେଇ ଉପଯୁକ୍ତ ସଂସ୍କାରରେ ଗଢ଼ିବା ପାଇଁ ନିବେଦନ କରିଥିଲେ।

## ନାବାଳିକା ନାତୁଣୀ ଅନ୍ତଃସତ୍ତ୍ୱା



**ବୈଶିଙ୍ଗା,୪।୧୧(ସଂଚାର ବ୍ୟୁରୋ):** ବାରମ୍ବାର ଦୁଷ୍କର୍ମ କରି ସମ୍ପର୍କୀୟ ଅଜା ଜନୈକ ନାତୁଣୀ କୁ ଅନ୍ତସତ୍ତ୍ୱା କରିବା ଘଟଣା ବୈଶିଙ୍ଗା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧିନ ଖଣ୍ଡଦେଉଳା ବରଡିହ ସାହିର ତୁଦୁରା ସିଂ ର ପୁଅ କୁଶ ସିଂ (୫୦) ସେହ ଗ୍ରାମର ସମ୍ପର୍କୀୟ ୧୧ ବର୍ଷିୟ ନାତୁଣୀ କୁ ମୋବାଇଲରେ ଅଶ୍ଳୀଳ ଫଟୋ ଦେଖାଇ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲା। ୩/୪ ମାସ ପରେ ନାବାଳିକା ଅସୁସ୍ଥ ହେବା କାରଣ ରୁ ଡାକ୍ତରଙ୍କୁ ଦେଖାଇବା ପରେ ସେ ଗର୍ଭବତୀ ଥିବାର ଜାଣିବାକୁ ପାଇଥିଲେ। ଏନେଇ ଗାଁରେ ବିଚାର ବସିଥିବା ବେଳେ ଅଭିଯୁକ୍ତ କୁଶ ସିଂ ଦୌଡି ପଳାଇବା ସମୟରେ ଖବର ପାଇ ପୂର୍ବରୁ ଜଗିଥିବା ବୈଶିଙ୍ଗା ପୋଲିସ ତାକୁ ବିଲ ମଝିରେ ମାଡିବସି କାବୁ କରିବା ସହିତ ଥାନାକୁ ନେଇ ଆସିଥିଲେ।ଏସ ଡି ପି ଓ ମିନତୀ ବିଶ୍ୱାଳ ଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ଜିଲ୍ଲା ଜଳ ଓ ପରିମଳ ମିଶନର କାର୍ଯ୍ୟନିର୍ବାହୀ କମିଟି ଓ ସମନ୍ୱୟ କମିଟି ବୈଠକ



**ବାରିପଦା,୪।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ, ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ଜଳ ଓ ପରିମଳ ମିଶନର କାର୍ଯ୍ୟନିର୍ବାହୀ କମିଟି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବାରିପଦା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ନାୟକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ବୈଠକରେ ମେଗା, ଏକକ ଓ ବହୁ ଗ୍ରାମ ଜଳ ଯୋଗାଣ ଯୋଜନାର ସୁଗମ କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପରିବାର, ଜନ ସମାଗମ ହେଉଥିବା ବିଭିନ୍ନ ସାଧାରଣ ସ୍ଥାନ ତଥା ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ପାଇପ ଯୋଗେ ସ୍ୱଚ୍ଛ ଓ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାନେଇ ତୃଣମୂଳ ସ୍ତରରେ କି କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କିଭଳି ସ୍ୱଚ୍ଛ ପାନୀୟ ଜଳ ପାଇପ ଯୋଗେ ଉପଲବ୍ଧ ହେବା ସହିତ ସମସ୍ତ ବିଦ୍ୟାଳୟର ହଷ୍ଟେଲ ମାନଙ୍କରେ ଏହି ସୁବିଧା ଯୋଗାଇ ଦେବାକୁ ବିହିତ ପଦକ୍ଷେପ ନେବାପାଇଁ ଜିଲ୍ଲା ଜଳ ଯୋଗାଣ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

### ଗଞ୍ଜାମରେ ସ୍ୱାସ୍ଥ୍ୟ ପ୍ରତି ବଢୁଛି ଚିନ୍ତା

# ବ୍ୟବହାର ହେଉଛି ସ୍ୱାସ୍ଥ୍ୟହାନିକାରକ ଦ୍ରବ୍ୟ

**ଗଞ୍ଜାମ,୪।୧୧(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ। ସୁସ୍ଥ ଜୀବନଯାପନ ପାଇଁ ସୁସ୍ଥ ଓ ସୁରକ୍ଷିତ ଖାଦ୍ୟ ଅତ୍ୟାବଶ୍ୟକ ହେଲେ ମଧ୍ୟ, ଗଞ୍ଜାମ ସହର ଓ ତାହାର ଆଖପାଖ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ପ୍ରତି ସଚେତନତାର ଅଭାବ ଦିନକୁ ଦିନ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତାଜନକ ରୂପ ନେଉଛି। ସହରରେ ହୋଟେଲ, ଢାବା, ଫାଷ୍ଟ ଫୁଡ଼ ସେଣ୍ଟର ଓ ଠେଲା ଗାଡ଼ି ମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବା ସହିତ ଖାଦ୍ୟର ଗୁଣମାନ ଓ ପରିଷ୍କାରତା ବ୍ୟବସ୍ଥା ଧୀରେ ଧୀରେ ହ୍ରାସ ପାଉଥିବା ଦେଖାଦେଇଛି। ଅନେକ ସଂସ୍ଥା ଆବଶ୍ୟକୀୟ ହାଇଜିନ୍ ରକ୍ଷା କରୁନଥିବା ଓ ଅସୁଚିତ ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଦେଖାଯାଇଛି। ସୂତ୍ରମାନଙ୍କ ଅନୁସାରେ, କେତେକ ହୋଟେଲ ଓ ଫାଷ୍ଟ ଫୁଡ଼ ସେଣ୍ଟରରେ ମଲା କୁକୁଡ଼ା, ଛେଳି ଓ ବାସୀ ମାଂସ ଅତି ଶସ୍ତା ଦାମରେ କିଣି ଗ୍ରାହକଙ୍କୁ ପରିବେଶନ କରାଯାଉଛି। ଏପରିକି ଗୋଟିଏ ଦିନର ମାଛ ଓ ମାଂସ ଚାରିରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ରଖାଯାଇ ଖାଦ୍ୟ ଉପଯୋଗୀ କରାଯାଉଥିବା ଗୁରୁତର ଅଭିଯୋଗ ମଧ୍ୟ ମିଳିଛି। ଏଥି ସହିତ ଖାଦ୍ୟର ସ୍ୱାଦ ବଢ଼ାଇବା ନାମରେ "ଚାଇନା ସଲ୍ଟ", ନକଲି ଟମାଟୋ ସସ, ଚିଲି ସସ, ସୋୟା ସସ ଓ ଭିନେଗାର ଭଳି ସ୍ୱାସ୍ଥ୍ୟହାନିକାରକ ଦ୍ରବ୍ୟ ବ୍ୟବହାର ହେଉଛି। ଏପରିକି ଖାଦ୍ୟକୁ ଆକର୍ଷଣୀୟ କରିବା ପାଇଁ ଅନେକେ ବିଭିନ୍ନ କେମିକାଲ ରଙ୍ଗ ବ୍ୟବହାର କରୁଛନ୍ତି।ପୋଡା ତେଲର ଅଧିକ ବ୍ୟବହାର ହୃଦୟ ଓ ପେଟ ସମସ୍ୟାର ଆଶଙ୍କା ବଢୁଛି।

## ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର



**ଦିଗପହଣ୍ଡି,୪।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ବିଭିନ୍ନ ପଞ୍ଚାୟତର ଚାଷୀ ପ୍ରତିନିଧି ବୃନ୍ଦ ଏକତ୍ରିତ ହୋଇ ବାତ୍ୟା ମୋନ୍ଥା ଓ ଲଗାଣ ବର୍ଷା ପ୍ରଭାବରେ କ୍ଷତି ସହିଥିବା ସମସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ସାନଖେମୁଣ୍ଡି ତହସିଲ ଅଧୀନରେ ଥିବା ଚାଷଜମି ଗୁଡ଼ିକର ଧାନ, ମାଣ୍ଡିଆ, ପନିପରିବା ଫସଲ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ଫୁଲ, ଛତୁ ଚାଷ କରି ଚାଷୀ ଅଧିକ କ୍ଷତି ସହିଛି। ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ କ୍ଷତିର କ୍ଷତିପୂରଣ ସହ ଧାନ ଫସଲରେ ମାଟିଆଗୁଣ୍ଡି, ଚକଡ଼ା ରୋଗପୋକ ସଂକ୍ରମଣର ପ୍ରତିକାର। ଚାଷୀ ଓ ଭାଗ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସରକାରୀ ସହାୟତା ନିମନ୍ତେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାନଖେମୁଣ୍ଡି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ଜେନାଙ୍କୁ ମଙ୍ଗଳବାର ୮ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ପରାଜୟ ପରେ ବଳ ଗୋଟାଉଛି ବିଜେଡି

## ପାଟଣାରେ ଜନସମ୍ପର୍କ ପଦଯାତ୍ରା



**ପାଟଣା,୪।୧୧(ସଂଚାର ବ୍ୟୁରୋ):** ସାଧାରଣ ନିର୍ବାଚନରେ କେନ୍ଦୁଝର ଜିଲା ପାଟଣା ବିଧାନ ସଭା ନିର୍ବାଚନମଣ୍ଡଳୀରେ ବିଜେଡିରର ପରାଜୟ ହୋଇଥିଲା। ତେବେ ଦୀର୍ଘ ଦେଢବର୍ଷ ପରେ ପାଟଣା ନିର୍ବାଚନମଣ୍ଡଳୀରେ ସ୍ତରୀୟ ବିଜେଡି ପଦଯାତ୍ରା ଆରମ୍ଭହୋଇଛି। ଏହା ପାଟଣା ବ୍ଲକ କେନ୍ଦେଇପୋଶି ହାଟ ପଡ଼ିଆ ନିକଟରୁ ବାହାରି ଝୁମ୍ପୁରାବ୍ଲକ ବାରିଆରେ ଶେଷ ହେବ। ପଦ ଯାତ୍ରାରେ ବିପୁଳ ଜନ ସମାଗମ ଦେଖିବାକୁ ମିଳିଛି। ପଦଯାତ୍ରାରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ୨୯ ନମ୍ବର ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି,ସାହରପଡ଼ା ବ୍ଲକ ବିଜେଡି ସଭାପତି ଦିଲୀପ ସାହୁ,ମ୍ ଝୁମ୍ପରା ବ୍ଲକ ସଭାପତି ଡମ୍ବରୁ ଦାଶ, ୧୮ନମ୍ବର ଜିଲାପରିଷଦ ସଦସ୍ୟ ରାଧାକାନ୍ତ ନାୟକ, ୨୨ନମ୍ବର ସୌଭାଗ୍ୟ ମଞ୍ଜରୀ ନାୟକ, ୨୩ ନମ୍ବର୍ ଜୋନ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ,୨୯ ନମ୍ବର୍ ଜିଲା ପରିଷଦ ସଦସ୍ୟା ବୁଦ୍ଧ ଦେବ ମହାକୁଡ, ଝୁଂପରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ନାୟକ, ସାହାର ପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ରମ୍ଭବତିଟ ଦେହୁରୀ,ବିଜେଡି ବରିଷ୍ଠ ନେତାସତ୍ୟବ୍ରତ ନାଏକ, ଭାଗିରଥି ଦାଶ, ରତନ ସେଠୀ,ପ୍ରଶାନ୍ତ ଭଞ୍ଜ ଦେଓ, ଶତ୍ରୁଘନ ସିଂ, ଯୁବ ନେତା ବିପ୍ଳବ କୁମାର ପୃଷ୍ଟି, ସୁମିତ କୁମାର ପତି,ସତ୍ୟନାରାୟଣ ପଣ୍ଡା, ହିମାଂଶୁ ଶେଖର ବେହେରାଙ୍କ ସହ ୧ହଜାରରୁ ଊର୍ଦ୍ଧ୍ୱ ବିଜେଡିକର୍ମୀ ଏହି ପଦ ଯାତ୍ରାରେ ସାମିଲ ହୋଇଥିଲେ।

# କେମିତି ସାଇବର ଠକେଇରୁ ଦୂରେଇ ରହିବେ

## ଲୋକଙ୍କୁ ସଚେତନ କଲା ପୁଲିସ




**ପୁରୁଷୋତ୍ତମପୁର,୪।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ସାଇବର ଅପରାଧଜନିତ ସଚେତନତା କାର୍ଯ୍ୟକ୍ରମ ଆଇଆଇସି ରାଜେଶକୁମାର ନାୟକଙ୍କ ସଂଯୋଜନାରେ ମଙ୍ଗଳବାର ତାରାତାରିଣୀ କଲେଜପରିଷରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ରଥକୁ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧନା ଦେଇ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଏଥିରେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ ପୌରହିତ୍ୟ କରି ସମାଜରେ ଘଟୁଥିବା ସାଇବର ଅପରାଧଯୋଗୁ କିପରି ନୀରିହ ଲୋକେ ଠକେଇର ଶିକାର ହୋଇ ସର୍ବସ୍ୱାନ୍ତ ହୋଇପଡୁଛନ୍ତି ଏପରିକି ଏହି ଅପରାଧ ଯୋଗୁ ଆତ୍ମହତ୍ୟା ଭଳିଘଟଣା ମାନ୍ଧ୍ୟଯଯ ସମାଜରେ ଘଟିଚାଲିଛି। ଏଣୁ ଏଥିରୁ ବର୍ତ୍ତିବା ସହ ନିଜ ଧନଜୀବନକୁ ସୁରକ୍ଷିତ ରଖିବା ଲାଗି ବିଭିନ୍ନ ପ୍ରକାରର ପରାମର୍ଶଦେଇ ସଚେତନତା କରିଥିବାବେଳେ ଥାନା ଆଇଆଇସି ରାଜେଶ କୁମାର ନାୟକ, ଷ୍ଟେଟ୍ ବ୍ୟାଙ୍କର ସହକାରୀ ଶାଖା ପରିଚାଳକ ତାପଶ କୁମାର ବାଗ, ଅବିନାସ ମାରାଣ୍ଡି, ବରିଷ୍ଠ ଓକିଲ ସ୍ୱରାଜ୍ୟ ପାଣିଗ୍ରାହୀ, ଅଧ୍ୟାପିକା ନମ୍ରତା ମିଶ୍ର, ନାଇଡୁ ମୋହନ, ମିନାକ୍ଷି ଦାଶ,ଜଶବନ୍ତ ପାନ, ପ୍ରଶାଦ ବେହେରା, ଅନିଲ କୁମାର ସାହୁ, ସ୍ୱାଗତିକା ଦାଶ ଯୋଗଦେଇ ସଚେତନତା କରି ବିଭିନ୍ନ ପରାମର୍ଶମାନ ଦେଇଥିଲେ।

# ଗୋପାଳପୁର ବୋଇତ ବନ୍ଦାଣ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ଶେଷ



**ଗୋପାଳପୁର,୪।୧୧(ସଂଚାର ବ୍ୟୁରୋ):** ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗୋପାଳପୁର ବୋଇତ ବନ୍ଦାଣ ମହୋତ୍ସବ ମହାସମାରୋହରେ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଗଞ୍ଜାମ ଜିଲାପାଳ ଭି. କିର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ(ବିଏମସି) କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାରଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ ବୋଇତ ଭସାଇବାର ସ୍ଥାନ, ପାର୍କିଂ ଏରିଆ ଏବଂ ପେଣ୍ଡାଲ ପରିଦର୍ଶନ କରିଥିଲେ। ଏହି ଅବସରରେ ପୁରୁଣା ସର୍କିଟ ହାଉସରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାପାଳ କହିଥିଲେ ଯେ, ପୂର୍ବ ବର୍ଷ ବୋଇତ ବନ୍ଦାଣ ମହୋତ୍ସବ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମଧ୍ୟ ବେଳାଭୂମିରେ ବୁଧବାରଠାରୁ ବୋଇତ ବନ୍ଦାଣ ମହୋତ୍ସବ ଆରମ୍ଭ ହେବ। ଏପରିକି ସା ୫ଟାରୁ ୮ଟା ପର୍ଯ୍ୟନ୍ତ ୩ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଚିତ୍ରଶିଳ୍ପୀଙ୍କ ରଙ୍ଗ ତୁଳୀରେ ଫୁଟି ଉଠିବ ଚିରସବୁଜ ଶିମିଳିପାଳ

### ବିଶାଳ ପେଣ୍ଟିଂକୁ ଆଙ୍କିବାକୁ ଏକାଠି ହେବେ ଚିତ୍ର ଶିଳ୍ପୀ

### ପିଲାଙ୍କ ସହ ମିଶି ଆଙ୍କିବେ ଶିମିଳିପାଳର ଚିତ୍ର

**ବାରିପଦା,୪।୧୧(ସଂଚାର ବ୍ୟୁରୋ):** ନୈସର୍ଗିକ ଶିରୀ ସୁଷମାର ଗନ୍ତାଘର ପ୍ରକୃତି ରାଣୀ ଚିର ସବୁଜ ଶିମିଳିପାଳ କୁ ରଙ୍ଗ ତୁଳୀ ସାହାଯ୍ୟରେ କ୍ୟାନଭାସ ରେ ଚିତ୍ରାୟିତ କରିବାକୁ ମୟୂରଭଞ୍ଜର ନାମୀ ଦାମୀ ଚିତ୍ର ଶିଳ୍ପୀ ଏକାଠି ହେବେ । ଆସନ୍ତା ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ବାରିପଦାର ଶିଶୁ ଉଦ୍ୟାନ ପରିସରରେ ଆୟୋଜିତ ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ଅବସରରେ ବରିଷ୍ଠ ଓ ଯୁବ ଚିତ୍ର ଶିଳ୍ପୀମାନେ ଏକାଠି ହୋଇ ପିଲାଙ୍କ ସହ ମିଶି ୨୫୦ ବର୍ଗ ଫୁଟ ରୁ ଅଧିକ ଆକାରର ଏକ ବିଶାଳ ପେଣ୍ଟିଙ୍ଗ ଅଙ୍କନ କରିବେ । ପୂର୍ବରୁ ଚିର ସବୁଜ ଶିମିଳିପାଳ ଥିମ ରେ ଏଭଳି ଚିତ୍ର ଶିଳ୍ପୀମାନେ ଏକାଠି ହୋଇ ପୁଣି କୁନି କୁନି ଚିତ୍ର ଶିଳ୍ପୀଙ୍କ ସହ ସାମିଲ ହୋଇ ପେଣ୍ଟିଙ୍ଗ କରି ନ ଥିବା ବେଳେ ଏହା ହେବ ପ୍ରଥମ । ପ୍ରଥମ ଥର ଲାଗି ୫ଫୁଟ ଉଚ୍ଚ ଏବଂ ୫୦ଫୁଟରୁ ଅଧିକ ଲମ୍ବ ବିଶିଷ୍ଟ ଏହି ପେଣ୍ଟିଙ୍ଗ ରେ ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତା ସାଙ୍ଗକୁ ଦେବକୁଣ୍ଡ, ସମୀବୃକ୍ଷ, ଅଠର ଦେଉଳ, ବରେହି ପାଣି, ଯୋରନ୍ଦା ଆଦି ଜଳପ୍ରପାତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଶିମିଳିପାଳର ବିରଳ କଳା ବାଘ, ଖିଚିଂ ର ମା କିଚକେଶ୍ୱରୀ ମନ୍ଦିର, ହରିପୁର ଗଡ଼, ମୟୂରଭଞ୍ଜ ପେଲେସ ଆଦି ସ୍ଥାନ ପାଇବ । ଯାହା ଆମ ସମ୍ଭ୍ରାନ୍ତ ଐତିହ୍ୟ ଓ ପରମ୍ପରା କୁ ଦର୍ଶାଇବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱ ଦରବାର ରେ ଶିମିଳିପାଳର ଗୁରୁତ୍ୱ କୁ ପ୍ରତିପାଦିତ କରିବ ।